ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୩୧/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, May 31/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

ୱାର୍ଲ୍ଡ ରେକର୍ଡ କଲେ ନୁଶରତ

ହିନ୍ଦୀ ଫିଲ୍ମ 'ଜନହିତ ମେ ଜାରି'ର ପ୍ରମୋଶନ ବେଳେ ୬୦୦୦ ମହିଳାଙ୍କ ସହ ନାଚି ବଲିଉଡ୍ ନାୟିକା ନୁଶରତ ଭାରୁଚା ୱାର୍ଲ୍ଡ ରେକର୍ଡ କରିଛନ୍ତି।

୧୦

୧୪

ଗ୍ରୀସ୍‌ରେ ମୁରଲୀଙ୍କୁ ସ୍ୱର୍ଣ୍ଣ ପଦକ

ଗ୍ରୀସ୍‌ର ଚାନିଆଠାରେ ଅନୁଷ୍ଠିତ ଭେନିଜେଲିଆ-ଚାନିଆ ଆଥ୍‌ଲେଟିକ୍ସ ମିଟ୍ ଲଙ୍ଗ୍‌ଜମ୍ପରେ ଭାରତର ମୁରଲୀ ଶ୍ରୀଶଙ୍କର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଦ୍ୱନ୍ଦ୍ୱ ସାଙ୍ଗକୁ ଶୋଷଣ ଭୟ

ପୁରୁଣା ଗାଡ଼ି ପାଇଁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍

- ଜୁନ୍ ୧ରୁ ଏସ୍‌ଆଇଏଏମ୍ ପୋର୍ଟାଲରେ ଆବେଦନ ଆରମ୍ଭ
- ମାତ୍ର ୪ ସଂସ୍ଥା ବଦଳାଇବେ ନମ୍ବର ପ୍ଲେଟ୍
- କୌଣସି ଧାର୍ଯ୍ୟ ମୂଲ୍ୟ ନାହିଁ
- ୭ ମାସରେ ବଦଳିବ ୪୫ ଲକ୍ଷ ପୁରୁଣା ଗାଡ଼ି ନମ୍ବର
- କାଗଜପତ୍ର ଠିକ୍ ନ ଥିଲେ ବଦଳା ଯାଇପାରିବନି

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ରାଜ୍ୟରେ ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ସମସ୍ତ ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଯାଇ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍‌ଏସ୍‌ଆର୍‌ପି) ଲାଗିବ। ୨୦୨୨ ଡିସେମ୍ବର ୩୧ ସୁଦ୍ଧା ନୂଆ ନମ୍ବର ପ୍ଲେଟ ଲଗାଇବାକୁ ପଡ଼ିବ। ଏହାକୁ ବାଧ୍ୟତାମୂଳକ କରାଯାଇଛି। ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ମେ' ୨୬ରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଜୁନ୍ ମାସକୁ ଧରିଲେ ୭ ମାସ ଭିତରେ ରାଜ୍ୟରେ ଥିବା ପ୍ରାୟ ୪୫ ଲକ୍ଷ ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଯିବ। ଏହି ସମୟ ଭିତରେ ନମ୍ବର ପ୍ଲେଟ୍ କିଭଳି ବଦଳାଯିବ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କେବଳ ସ୍ୱୀକୃତିପ୍ରାପ୍ତ ଡିଲର ନିକଟରେ ନମ୍ବର ପ୍ଲେଟ୍ ବଦଳା ଯାଇପାରିବ। ନମ୍ବର ପ୍ଲେଟ୍ ବଦଳାଇବା ଲାଗି ସମଗ୍ର ଦେଶ ପାଇଁ ୪୫ଟି ସ୍ୱୀକୃତିପ୍ରାପ୍ତ ସଂସ୍ଥା ରହିଥିବା ବେଳେ ଓଡ଼ିଶା ନିମନ୍ତେ ୪ଟି ରହିଛି। କେବଳ ସେହି ସଂସ୍ଥା ହିଁ ନମ୍ବର ପ୍ଲେଟ୍ ବଦଳାଇବେ। ନୂଆ ନମ୍ବର ପ୍ଲେଟ୍ ପାଇଁ ଯାନବାହନ ନିର୍ମାତାଙ୍କ ଦ୍ୱାରା ପ୍ରସ୍ତୁତ ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫ୍ୟାକ୍ଚର୍ସ (ଏସ୍‌ଆଇଏଏମ୍) ପୋର୍ଟାଲରେ ହିଁ ଆବେଦନ କରିବାକୁ ହେବ, ଯାହାକି ଜୁନ୍ ୧ରୁ ଆରମ୍ଭ ହେବ। ଆବେଦନ ପରେ ଏଚ୍‌ଏସ୍‌ଆର୍‌ପି ନମ୍ବର ପ୍ଲେଟ୍ କେଉଁ ଭେଣ୍ଡରଙ୍କ ପାଖରେ ଉପଲବ୍ଧ ହୋଇପାରିବ, କେଉଁଠି ଓ କେତେବେଳେ ବଦଳାଯିବ ଓ କେତେ

ଟଙ୍କା ଦେବାକୁ ହେବ, ତାହା ପ୍ରଦର୍ଶିତ ହେବ। ଗାଡ଼ି ମାଲିକ ସେମାନଙ୍କ ସୁବିଧା ଅନୁଯାୟୀ ଏଜେନ୍ସି ବାଛିବେ। ଭେଣ୍ଡର କିମ୍ବା ଏଜେନ୍ସି କେଉଁ ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଇବା ବାବଦରେ କେତେ ଟଙ୍କା ନେଉଛନ୍ତି ତାହାକୁ ନିଜ କାର୍ଯ୍ୟାଳୟରେ ପ୍ରଦର୍ଶିତ କରିବେ। ଗାଡ଼ିର ଫିଟ୍‌ନେସ, ବୀମା, ରେଜିଷ୍ଟ୍ରେଶନ ସାର୍ଟିଫିକେଟ, ପର୍‌ମିଟ, ପ୍ରଦୂଷଣ ସାର୍ଟିଫିକେଟ(ପିୟୁସି) ନ ଥିଲେ ଏବଂ ଟ୍ୟାକ୍ସ ଦିଆଯାଇ ନ ଥିଲେ ନୂଆ ନମ୍ବର ପ୍ଲେଟ୍ ମିଳିବ ନାହିଁ। ଓଡ଼ିଶା ବ୍ୟତୀତ ଅନ୍ୟ ରାଜ୍ୟର ଗାଡ଼ି ନମ୍ବର ଏଠାରେ ବଦଳା ଯାଇପାରିବ ନାହିଁ। ଅନ୍ୟ ରାଜ୍ୟର ନମ୍ବର ପ୍ଲେଟ୍ ବଦଳାଇବାକୁ ହେଲେ ସେଥିପାଇଁ ଏନ୍‌ଓସି (ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ) ଆଣିବାକୁ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ରାଜ୍ୟ ପରିବହନ କମିଶନର ପୁରୁଣା ଗାଡ଼ି ନମ୍ବର ପ୍ଲେଟ୍ ବଦଳାଇବା ନେଇ ତାରିଖ ଧାର୍ଯ୍ୟ କରିବା ପରେ ମାଲିକମାନେ ଚିନ୍ତାରେ ପଡ଼ିଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ପରିବହନ ବିଭାଗ ନମ୍ବର ପ୍ଲେଟ୍ ବଦଳାଇବା କାମ ଗାଡ଼ି ନିର୍ମାଣକାରୀ ସଂସ୍ଥା ହାତକୁ ଟେକିଦେଇଛି। ୪ଟି ସଂସ୍ଥା ଏବେ ରାଜ୍ୟରେ ପ୍ରତି ମାସରେ ୭ରୁ ୮ ଲକ୍ଷ ନୂଆ ଗାଡ଼ିର ନମ୍ବର ପ୍ଲେଟ୍ ଲଗାଉଛନ୍ତି। ଏଥିସହିତ ପୁରୁଣା ଗାଡ଼ିର ନମ୍ବର ପ୍ଲେଟ୍ ☞ପୃଷ୍ଠା–୪

ମୋଦି, ଶାହାଙ୍କୁ ଭେଟିଲେ ନବୀନ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ସୋମବାରଠାରୁ ୩ଦିନିଆ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ସାକ୍ଷାତ୍ କରି ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷ କରି ପୁରୀ ଶ୍ରୀମନ୍ଦିର ପ୍ରକଳ୍ପକୁ ନେଇ ଲାଗିରହିଥିବା ବିବାଦ ଏବଂ ଆଗାମୀ ରାଷ୍ଟ୍ରପତି ନିର୍ବାଚନ ପରିପ୍ରେକ୍ଷୀରେ ନବୀନଙ୍କ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। (ସବିଶେଷ ରିପୋର୍ଟ: ପୃଷ୍ଠା–୩)

ଆଜିର ସମ୍ପାଦକୀୟ

ଲଜ୍ଜା ହିଁ ଲଜ୍ଜା

ଶ୍ରୁତି ଶର୍ମା ସର୍ବଭାରତୀୟ ଟପ୍ପର

ସିଭିଲ ସର୍ଭିସ ପରୀକ୍ଷା ଫଳ ୨୦୨୧ ପ୍ରକାଶ

- କୃତକାର୍ଯ୍ୟ ୬୮୫ଜଣଙ୍କ ମଧ୍ୟରୁ ଓଡ଼ିଶାର ୧୫
- ପ୍ରଥମ ୩ ସ୍ଥାନରେ ଛାତ୍ରୀ
- କାର୍ତ୍ତିକ ପାଣିଗ୍ରାହୀ ଓଡ଼ିଶା ଟପ୍ପର
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଶ୍ରୁତି ଶର୍ମା

କାର୍ତ୍ତିକ ପାଣିଗ୍ରାହୀ

ଭୁବନେଶ୍ୱର,(ବ୍ୟୁରୋ)/ ନୂଆଦିଲ୍ଲୀ, ୩୦।୫

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ୨୦୨୧ ସିଭିଲ ସର୍ଭିସ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ମୋଟ ୬୮୫ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଉତ୍ତରପ୍ରଦେଶର ଶ୍ରୁତି ଶର୍ମା ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ତେବେ ପ୍ରଥମ ୩ ସ୍ଥାନରେ ଛାତ୍ରୀ ରହିଥିବାବେଳେ ଦ୍ୱିତୀୟରେ ଅଙ୍କିତା ଅଗ୍ରୱାଲ, ତୃତୀୟରେ ଗାମିନୀ ସିଙ୍ଗ୍‌ଲ ରହିଛନ୍ତି। ସେହିପରି ଚତୁର୍ଥ ସ୍ଥାନରେ ଐଶ୍ୱର୍ଯ୍ୟ ବର୍ମା ପଞ୍ଚମରେ ଉତ୍କର୍ଷ ଦ୍ୱିବେଦୀ, ଷଷ୍ଠରେ ୟଶ୍ ଚୌଧୁରୀ, ସପ୍ତମରେ ସମ୍ୟକ ଏସ୍. ଜୈନ, ଅଷ୍ଟମରେ ଇସିତା ରଥ୍, ନବମରେ ପ୍ରୀତମ କୁମାର ଓ ଦଶମରେ ହରକୀରତ ସିଂହ ରନ୍ଧାୱା ରହିଛନ୍ତି। ସେହିପରି ଏହି ପରୀକ୍ଷାରେ ୧୫ଜଣ ଓଡ଼ିଆ କୃତକାର୍ଯ୍ୟ ହୋଇଥିବାବେଳେ ପ୍ରଥମ ଶହେଜଣଙ୍କ ମଧ୍ୟରେ ୩ଜଣ ଅଛନ୍ତି। କାର୍ତ୍ତିକ ପାଣିଗ୍ରାହୀ ୬୩ତମ ର୍ୟାଙ୍କ୍ ପାଇ ଓଡ଼ିଶା ଟପ୍ପର ☞ପୃଷ୍ଠା–୪

ମୃତ୍ୟୁ ପୂର୍ବରୁ ହୋଇଥିଲା ଛାଡ଼ପତ୍ର

- ବର୍ଷକୁ ଥରେ ସପରିବାର ବୁଲିଯିବାକୁ କହିଥିଲେ କୋର୍ଟ
- ବିମାନରେ ଏକାଠି ଯାତ୍ରାର ଦୁଃଖଦ ଅନ୍ତ

କାଠମାଣ୍ଡୁ/ଠାଣେ, ୩୦।୫

ବିମାନ ଯୋଗେ ନେପାଳ ବୁଲି ଯାଇଥିବା ଓଡ଼ିଆ ଦମ୍ପତି ଅଶୋକ ତ୍ରିପାଠୀ ଏବଂ ବୈଭବୀ ତ୍ରିପାଠୀଙ୍କ ଯାତ୍ରାର ଦୁଃଖଦ ଅନ୍ତ ଘଟିଛି। ସେମାନଙ୍କ ସହ ଦୁଇ ପିଲା ମଧ୍ୟ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ପୂର୍ବରୁ ଅଶୋକ ଓ ବୈଭବୀଙ୍କ ଛାଡ଼ପତ୍ର ହୋଇସାରିଥିଲା ଏବଂ ସେମାନେ ଅଲଗା ରହୁଥିଲେ। ହେଲେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସାଙ୍ଗ ହୋଇ ବୁଲିବାକୁ ଯାଇଥିବାବେଳେ ସେମାନେ ଏକାଠି ମୃତ୍ୟୁର ହାତ ଧରି ଆରପାରିକୁ ଚାଲିଯାଇଛନ୍ତି।

ଅଶୋକ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସ୍ତ୍ରୀ ବୈଭବୀ ମୁମ୍ବାଇର ବାସିନ୍ଦା। ଉଭୟ ପ୍ରେମବିବାହ କରିଥିଲେ।

ହେଲେ କିଛି ଦିନ ତଳେ ଠାଣେସ୍ଥିତ ଫ୍ୟାମିଲି କୋର୍ଟରେ ଉଭୟଙ୍କ ଛାଡ଼ପତ୍ର ହୋଇଥିଲା। ଅଶୋକ ଭୁବନେଶ୍ୱର ଜୟଦେବ ବିହାରରେ ରହୁଥିବାବେଳେ ବୈଭବୀ ମୁମ୍ବାଇର ବିକେସି ଫାର୍ମରେ କାମ କରୁଥିଲେ। ☞ପୃଷ୍ଠା–୪

ସମସ୍ତ ୨୨ ଯାତ୍ରୀ ମୃତ

ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ ମିଳିଲା

କାଠମାଣ୍ଡୁ, ୩୦।୫

ନେପାଳରେ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏକ ଘରୋଇ ବିମାନ ତାରା ଏୟାର ଲାଇନ୍ସର ଟ୍ୱିନ୍ ଅଟର ୯ ଏନ୍‌ଏଇଟିର ଭଗ୍ନାବଶେଷ ମୁସ୍ତାଙ୍ଗରୁ ମିଳିଛି। ଏଥିରେ ଥିବା ସମସ୍ତ ୨୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଉଦ୍ଧାରକାରୀ ଟିମ୍ ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୨୧ ଜଣଙ୍କ ମୃତଦେହ ଜବତ କରିଛି। ତାରା ଏୟାର ଲାଇନ୍ସ ପକ୍ଷରୁ ଜାରି ଯାତ୍ରୀ ତାଲିକା ☞ପୃଷ୍ଠା–୪

ଆଜି ବ୍ରଜରାଜନଗର ଉପନିର୍ବାଚନ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ବ୍ରଜରାଜନଗର ଉପନିର୍ବାଚନ ମଙ୍ଗଳବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୋଟ ୨,୧୪, ୮୭୮ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାର ସମ୍ଭାବନା ରହିଛି। ସମୁଦାୟ ୨୭୯ ବୁଥ୍‌ରେ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏଥର ଉପନିର୍ବାଚନ ଲାଗି ☞ପୃଷ୍ଠା–୪

ସତ୍ୟେନ୍ଦ୍ର ଜୈନ ଗିରଫ

ନୂଆଦିଲ୍ଲୀ,୩୦।୫

ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀର ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଗିରଫ କରିଛି। ୨୦୧୫–୧୬ରେ ସରକାରୀ ଅଧିକାରୀ ଥିବା ଜୈନ କୋଲକାତାର କେତେକ କମ୍ପାନୀ ସହ ହାଓ୍ୱଲା କାରବାରରେ ସମ୍ପୃକ୍ତ ଥିବା ଇଡି ଅଭିଯୋଗ କରିଛି। ଏହି ହାଓ୍ୱଲା ସିଷ୍ଟମରେ ଉଭୟ ପକ୍ଷ ସ୍ଥାନୀୟ ଏଜେଣ୍ଟଙ୍କ ଜରିଆରେ ଟଙ୍କା କାରବାର କରୁଥିଲେ। ଉକ୍ତ ଟଙ୍କା କୌଣସି ବ୍ୟାଙ୍କକୁ ☞ପୃଷ୍ଠା–୪

୨ ଆତଙ୍କବାଦୀ ନିହତ

କଶ୍ମୀର ପୁଲୱାମା ଜିଲା ଅନ୍ତର୍ଗତ ଗୁଣ୍ଡିପୋରା ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳରେ ପୋଲିସର ସର୍ଚ୍ଚ ଅପରେଶନ୍ ଜାରି ଥିବାବେଳେ ପୋଲିସ ସେମାନଙ୍କ ନିକଟରୁ ଦୁଇଟି ଏକେ ରାଇଫଲ ଜବତ କରିଛି। ୧୩ ତାରିଖରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା କନଷ୍ଟେବଲ ରିୟାଜ୍ ଅହମଦଙ୍କ ହତ୍ୟା ପଛରେ ନିହତ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା କଶ୍ମୀର ପୋଲିସ ଆଇଜି ବିଜୟ୍ କୁମାର କହିଛନ୍ତି।

ଚାଇନାକୁ କୂଟନୈତିକ ଝଟକା

ଆଞ୍ଚଳିକ ସୁରକ୍ଷା ଚୁକ୍ତି କଲେନି ୧୦ ଦ୍ୱୀପଦେଶ

ସୁବା/ବେଜିଂ, ୩୦।୫

ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ନିଜ ଆଧିପତ୍ୟ ଜାହିର କରିବା ନିମନ୍ତେ ପ୍ରୟାସ କରୁଥିବା ଚାଇନାକୁ ବଡ଼ ଝଟକା ଲାଗିଛି। ପାସିଫିକ୍ ଦ୍ୱୀପଦେଶ ବେଜିଂ ଜାଲରେ ଫସିବାକୁ ନେଇ ଆଶଙ୍କା ଲାଗି ରହିଥିବାବେଳେ ଏହି କ୍ଷେତ୍ରରେ କିନ୍ତୁ ଚାଇନାର କୂଟନୈତିକ ପରାଜୟ ହୋଇଛି। ୧୦ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଦେଶ ବେଜିଂ ସହ ଆଞ୍ଚଳିକ ସୁରକ୍ଷା ଚୁକ୍ତି କରିବାକୁ ସୋମବାର ମନା କରିଦେଇଛନ୍ତି। ଫିଜିରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ଇ ଏବଂ ଛୋଟ ଦ୍ୱୀପଦେଶଗୁଡ଼ିକ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ୧୦ ଦ୍ୱୀପଦେଶର ବହିର୍ବ୍ୟାପାର ମନ୍ତ୍ରୀ ଉପସ୍ଥିତ ଥିଲେ। ହେଲେ ବୈଠକରେ ଚାଇନା ସହ କୌଣସି ପ୍ରକାର ସୁରକ୍ଷା ଚୁକ୍ତିନାମା ସ୍ୱାକ୍ଷର ହୋଇପାରି ନ ଥିବା ଜଣାଯାଇଛି। ବୈଠକ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଫିଜି ପ୍ରଧାନମନ୍ତ୍ରୀ ଫ୍ରାଙ୍କ୍ ବାଇନିମାରାମା ଏବଂ ୱାଙ୍ଗ୍ ୩୦ ମିନିଟ୍ ଧରି ଉଦ୍‌ବୋଧନ ଦେଇଥିଲେ ହେଁ ଖବରଦାତାଙ୍କ କୌଣସି ପ୍ରଶ୍ନର ଉତ୍ତର ନ ଦେଇ ସେଠାରୁ ଉଠିଯାଇଥିଲେ।

ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଚାଇନା ନିଜ ଗତିବିଧି ବଢ଼ାଇବା ପାଇଁ ପ୍ରସ୍ତୁତି ଚଳାଇଛି। ଏହାଦ୍ୱାରା ବେଜିଂ ସିଧାସଳଖ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରକୁ ଚ୍ୟାଲେଞ୍ଜ କରୁଛି। ପ୍ରସ୍ତାବିତ ଚୁକ୍ତି ଅନୁସାରେ, ବେଜିଂ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଦେଶର ପୋଲିସକୁ ତାଲିମ ଦେବା, ସାଇବର ସୁରକ୍ଷା, ଚାଇନା ସହ ରାଜନୈତିକ ସମ୍ପର୍କ ବଢ଼ାଇବା ଆଦି ରହିଥିଲା। ଏହା ବଦଳରେ ଚାଇନା ସମ୍ବେଦନଶୀଳ ସାମୁଦ୍ରିକ ମ୍ୟାପିଂ, ଦ୍ୱୀପରେ ଥିବା ପ୍ରାକୃତିକ ସମ୍ପଦ ହାସଲ ସହ ଜଳପଥରେ ଅବାଧ ପ୍ରବେଶ କରିପାରିବାର ଲକ୍ଷ୍ୟ ରଖିଥିଲା। ଏଥିପାଇଁ ଚାଇନା ନିୟୁତ ନିୟୁତ ଡଲାରର ଦେବାକୁ ପ୍ରସ୍ତାବ ଦେଇଥିଲା। ଏହାସହ ଚାଇନାର ପ୍ରାୟ ୧୪୦ କୋଟି ଲୋକସଂଖ୍ୟା ବିଶିଷ୍ଟ ବିଶାଳ ବଜାରରେ ଦ୍ୱୀପଦେଶଗୁଡ଼ିକ ମୁକ୍ତ ବାଣିଜ୍ୟ କରିବା ନିମନ୍ତେ ଚୁକ୍ତି କରିବା ପାଇଁ ଆଗଭର ହୋଇଥିଲା। ଚାଇନାର ଏଭଳି ଅଫର୍‌କୁ ନେଇ ପାସିଫିକ୍ ନେତାମାନେ ଚିନ୍ତାବ୍ୟକ୍ତ କରିଥିଲେ। ଫେଡେରାଲ ଷ୍ଟେଟ୍ ଅଫ୍ ମିକ୍ରୋନେସିଆର ରାଷ୍ଟ୍ରପତି ଡେଭିଡ୍ ପାନୁଲୋ ନିଜ ସହଯୋଗୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଥିଲେ। ଚାଇନା ଭଲ ଉଦ୍ଦେଶ୍ୟରେ ଏପରି କରୁ ନ ଥିବା ଏବଂ ସରକାର ଓ ଦେଶର ଅର୍ଥ ବ୍ୟବସ୍ଥାକୁ ବେଜିଂ ନିଜ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରୁଥିବା ସେ ଚେତାଇ ଦେଇଥିଲେ। ଏହା ଆଉ ଏକ ଶୀତଳ ଯୁଦ୍ଧର କାରଣ ହୋଇପାରେ ଏବଂ ଆଉ ଗୋଟିଏ ବିଶ୍ୱଯୁଦ୍ଧକୁ ଡାକି ଆଣିପାରେ ବୋଲି ଡେଭିଡ୍ କହିଥିଲେ। ମିକ୍ରୋନେସିଆ ସମେତ ପପୁଆ ନ୍ୟୁ ଗୁଏନା, ସମୋଆ ମଧ୍ୟ ଚାଇନାର ଏହି ପ୍ରସ୍ତାବକୁ ନେଇ ଚିନ୍ତିତ ଥିଲେ।

ଅପରପକ୍ଷେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ ଇଙ୍କ ୧୦ ଦିନିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗସ୍ତ ସଫଳ ହୋଇଥିବା ନେଇ ବେଜିଂ ଅଧିକାରୀ ଦେଖାଇବାକୁ ଚେଷ୍ଟା କରୁଛନ୍ତି। ଆଲୋଚନାବେଳେ ଚାଇନା ପକ୍ଷରୁ ଚୁକ୍ତି ପାଇଁ ସେତେ ଜୋର ଦିଆଯାଇ ନ ଥିଲା ବୋଲି ବେଜିଂ କହିଛି। ବିଫଳତା ଲୁଚାଇବା ପାଇଁ ୱାଙ୍ଗ୍ ମଧ୍ୟ ଚେଷ୍ଟା କରିଛନ୍ତି। ୧୦ ଦ୍ୱୀପଦେଶ ଚାଇନାର 'ବେଲ୍ଟ ଆଣ୍ଡ୍ ରୋଡ୍' ପ୍ରୋଜେକ୍ଟ ସଂକ୍ରାନ୍ତୀୟ ଚୁକ୍ତି ସ୍ୱାକ୍ଷର କରିଥିବା ୱାଙ୍ଗ୍ କହିଛନ୍ତି। ତେବେ ୱାଙ୍ଗଙ୍କ ଗସ୍ତ ବେଳେ ଏହି ଦ୍ୱୀପଦେଶଗୁଡ଼ିକ ସହ ଏକାଧିକ ଛୋଟ ଛୋଟ ଦ୍ୱିପାକ୍ଷିକ ଚୁକ୍ତି ହୋଇଛି।

ଫିଜି ରାଷ୍ଟ୍ରପତି ୱିଲିଆମେ କାଟୋନିଭେରଙ୍କ ସହ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ଇ (ବାମ)।

ରୁଷିଆକୁ ଟାର୍ଗେଟ ପାଇଁ ୟୁକ୍ରେନ୍‌କୁ ରକେଟ୍ ଦେବନି ଆମେରିକା

ୱାଶିଂଟନ୍, ୩୦।୫

ୟୁକ୍ରେନ୍ ସୀମାରୁ ରୁଷିଆ ପର୍ଯ୍ୟନ୍ତ ରେଞ୍ଜ୍‌ର ରକେଟ୍ ଆମେରିକା ଏହି ପୂର୍ବ ୟୁରୋପୀୟ ଦେଶକୁ ପଠାଇବ ନାହିଁ। ୱାଶିଂଟନ୍ ୟୁକ୍ରେନ୍‌କୁ ଦୀର୍ଘ ଲକ୍ଷ୍ୟସ୍ଥଳ ଭେଦିବା ଭଳି ରକେଟ ସିଷ୍ଟମ ଦେବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ୟୁକ୍ରେନ୍‌ରୁ ରୁଷିଆ ସୀମା ଟପିପାରୁଥିବା ରକେଟ୍ ସିଷ୍ଟମ କିଭ୍‌କୁ ପ୍ରଦାନ କରାଯିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର କହିଛନ୍ତି। ଦୂର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ରକେଟ୍ ସିଷ୍ଟମ ପଠାଇବା ନିମନ୍ତେ ୟୁକ୍ରେନ୍ ବାରମ୍ବାର ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକୁ ନିବେଦନ କରିଆସୁଛି।

ୟୁକ୍ରେନ୍‌ରେ ଫ୍ରାନ୍ସ ଖବରଦାତା ନିହତ

କିଭ୍, ୩୦।୫

ୟୁକ୍ରେନ୍‌ରେ ରିପୋର୍ଟିଂ କରୁଥିବା ଫ୍ରାନ୍ସର ଜଣେ ଖବରଦାତା ଫ୍ରେଡେରିକ୍ ଲିକ୍ଲର୍କ-ଇମହୋଫ୍‌ଙ୍କ ମୃତ୍ୟୁ ଘଟିଛି। ଏ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍‌ରଁ ସୋମବାର ଏକ ଟୁଇଟ୍ କରି ସୂଚନା ଦେଇଛନ୍ତି। ମାକ୍‌ରଁ କହିଛନ୍ତି, ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣର ଦୃଶ୍ୟ ସମସ୍ତଙ୍କ ସାମ୍ନାକୁ ଆଣିବାକୁ ଫ୍ରେଡେରିକ୍ ସେଠାକୁ ଯାଇଥିଲେ। ପୂର୍ବ ୟୁକ୍ରେନ୍‌ର ସେଭେରୋଡୋନେସ୍କରେ ରୁଷିଆର ବୋମା ଆକ୍ରମଣରୁ ବର୍ତ୍ତିବା ପାଇଁ ଏକ ଉଦ୍ଧାରକାରୀ ବସ୍‌ରେ ଫ୍ରେଡେରିକ୍‌ଙ୍କ ସହ ବହୁସଂଖ୍ୟାରେ ସ୍ଥାନୀୟ ଲୋକଙ୍କୁ ଭର୍ତ୍ତି କରାଯାଇଥିଲା। ଦଳାଚକଟା ଭିତରେ ସେ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ କାଥେରିନା କଲୋନା ଖବରଦାତାଙ୍କ ମୃତ୍ୟୁର ତଦନ୍ତ ଦାବି କରିଛନ୍ତି। ଫ୍ରେଡେରିକ୍ ଫ୍ରାନ୍ସର ବିଏଫ୍‌ଏମ୍ ଟିଭିରେ କାମ କରୁଥିଲେ।

ସଂକ୍ଷେପରେ

ଟିକାଏତ୍‌ଙ୍କୁ କାଳିମାଡ଼

ବେଙ୍ଗାଲୁରୁ,୩୦।୫ : ବେଙ୍ଗାଲୁରୁର ଗାନ୍ଧୀ ଭବନରେ ସୋମବାର ଚାଷୀମାନଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା କୃଷକ ନେତା ରାକେଶ ଟିକାଏତ୍‌ଙ୍କୁ କାଳି ମାଡ଼ ହୋଇଛି। ଏହି ଘଟଣା ପରେ ଆୟୋଜକ ଏବଂ କାଳି ଫିଙ୍ଗିଥିବା ଦୁର୍ବୃତ୍ତଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉଭୟ ପକ୍ଷ ପରସ୍ପରକୁ ପ୍ଲାଷ୍ଟିକ୍ ଚେୟାରରେ ଆକ୍ରମଣ କରିଥିଲେ। ଆକ୍ରମଣ ପଛରେ ରାଜ୍ୟ ସରକାରଙ୍କ ହାତ ଥିବା ଟିକାଏତ୍ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପୋଲିସ ଚାଷୀଙ୍କ କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ଯୋଗାଇ ଦେଇ ନ ଥିଲା। ଆକ୍ରମଣ ଆଶଙ୍କା ଥିବା ନେଇ ପୋଲିସକୁ ଜଣାଇବା ସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା ବୋଲି ଜଣେ ଆୟୋଜକ କହିଛନ୍ତି। କାଳି ଫିଙ୍ଗା ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

'ଭବିଷ୍ୟତରେ ତ୍ରିରଙ୍ଗାର ସ୍ଥାନ ନେଇପାରେ ଗୈରିକ ରଙ୍ଗ ପତାକା'

ବେଙ୍ଗାଲୁରୁ, ୩୦।୫: କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା କେ.ଏସ୍ ଈଶ୍ୱରପ୍ପାଙ୍କ ମନ୍ତବ୍ୟ ପୁଣିଥରେ ତାଙ୍କୁ ବିବାଦ ଭିତରକୁ ଟାଣିଆଣିଛି। ଗୈରିକ ରଙ୍ଗର ପତାକା ଭବିଷ୍ୟତରେ ଜାତୀୟ ପତାକାର ସ୍ଥାନ ନେବ ବୋଲି ସେ କହିଛନ୍ତି। ଦେଶରେ ଗୈରିକ ରଙ୍ଗର ପତାକା ତ୍ୟାଗର ପ୍ରତୀକ । ଆର୍‌ଏସ୍‌ଏସ୍‌ର ପ୍ରତ୍ୟେକ ସଦସ୍ୟ ଏହି ପତାକା ତଳେ ଛିଡ଼ାହୋଇ ଶପଥ ନେଉଥିବାବେଳେ ଏହା ଜାତୀୟ ପତାକାର ମାନ୍ୟତା ଯେକୌଣସି ମୁହୂର୍ତ୍ତରେ ପାଇବାର ସମ୍ଭାବନା ରହିଛି। ଭାରତୀୟ ସମ୍ବିଧାନ ଅନୁସାରେ ତ୍ରିରଙ୍ଗା ଆମର ଜାତୀୟ ପ୍ରତାକା ହୋଇଥିବାବେଳେ ଆମେ ଏହାକୁ ଯଥାସମ୍ଭବ ସମ୍ମାନ ଜଣାଉଥିବା ସେ କହିଛନ୍ତି। ଗତ ଫେବୃୟାରୀରେ ପତାକାକୁ ନେଇ ଈଶ୍ୱରପ୍ପା କହିଥିଲେ ଯେ, ଭାରତକୁ ହିନ୍ଦୁ ରାଷ୍ଟ୍ର ଭାବେ ଗଢ଼ିତୋଳିବା ପାଇଁ ଆମେ ଦେଶର ପ୍ରତ୍ୟେକ ସ୍ଥାନରେ ଗୈରିକ ରଙ୍ଗର ପତାକା ଉତ୍ତୋଳନ କରିବୁ ।

ଦିଲ୍ଲୀରେ ପ୍ରବଳ ବର୍ଷା: ୨ ମୃତ

ନୂଆଦିଲ୍ଲୀ,୩୦।୫: ଦିଲ୍ଲୀରେ ସୋମବାର ସନ୍ଧ୍ୟାରେ ପ୍ରବଳ ବର୍ଷା ପବନ ସାଙ୍ଗକୁ କୁଆପଥର ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଦିଲ୍ଲୀ ଜାମା ମସଜିଦ ଅଞ୍ଚଳରେ ଜଣେ ୫୦ ବର୍ଷୀୟ ବ୍ୟକ୍ତି ବାଲକୋନିରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ସେହିପରି ଉତ୍ତର ଦିଲ୍ଲୀରେ ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଜାମା ମସ୍‌ଜିଦ୍‌ର ମଝି ଗମ୍ବୁଜ କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଗଛ ବର୍ଷା ପବନରେ ଉପୁଡ଼ି ବିଭିନ୍ନ ଅଞ୍ଚଳରେ ଟ୍ରାଫିକ ଜାମ୍ ହୋଇଛି। ପବନର ଘଣ୍ଟାପ୍ରତି ବେଗ ୧୦୦ କିଲୋମିଟର ଥିଲା। ୨୦୧୮ ପରେ ଦିଲ୍ଲୀରେ ଏହା ସବୁଠୁ ବଡ଼ ଝଡ଼ ବୋଲି ପାଣିପାଗ ବିଭାଗ କହିଛି।

୩୫ ଟଙ୍କା ଫେରସ୍ତ ପାଇଁ ୫ ବର୍ଷ ଲଢ଼ିଲେ

ନୂଆଦିଲ୍ଲୀ, ୩୦।୫

ଏବେ ୩ ଲକ୍ଷ ଲୋକଙ୍କୁ ୨.୪୩ କୋଟି ଦେବ ରେଳପଥ

ରାଜସ୍ଥାନର କୋଟା ସହର ବାସିନ୍ଦା ତଥା ଇଞ୍ଜିନିୟର ସୁଜିତ ସ୍ୱାମୀ ରେଳ ଟିକେଟ କ୍ୟାନ୍‌ସେଲ ବାବଦ ସର୍ଭିସ ଚ୍ୟାର୍ଜ ୩୫ ଟଙ୍କା ପାଇବା ପାଇଁ ୫ ବର୍ଷ ଧରି ଜାରି ରଖିଥିବା ଲଢ଼େଇରେ ଜିତିଛନ୍ତି। ଏଥିସହ ତାଙ୍କ ଭଳି ଅର୍ଥ ଫେରସ୍ତ ଚାହୁଁଥିବା ଲୋକଙ୍କ ପାଇଁ ରାସ୍ତା ଫିଟିଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏବେ ୨ ଲକ୍ଷ ୯୮ ହଜାର ଆଇଆର୍‌ସିଟିସି ୟୁଜର୍ସଙ୍କୁ ରେଲ୍‌ୱେ ପକ୍ଷରୁ ଟଙ୍କା ଫେରାଯିବ। ଏଥିପାଇଁ ମୋଟ ୨ କୋଟି ୪୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି।

ସୁଜିତ କହିଛନ୍ତି, ୨୦୧୭ ଏପ୍ରିଲରେ ସେ ରାଜସ୍ଥାନରୁ ଦିଲ୍ଲୀ ପାଇଁ ଟିକେଟ କାଟିଥିଲେ। ତାଙ୍କ ଗସ୍ତ ତାରିଖ ଥିଲା ଜୁଲାଇ ୨। ଅର୍ଥାତ ଏହା ପୂର୍ବଦିନ ଜିଏସ୍‌ଟି ବ୍ୟବସ୍ଥା ଲାଗୁ ହୋଇଥିଲା। କିନ୍ତୁ ଜିଏସ୍‌ଟି ବ୍ୟବସ୍ଥା ଆସିବା ପୂର୍ବରୁ ସେ ତାଙ୍କ ଟିକେଟ ବାତିଲ କରିଦେଇଥିଲେ। ଟିକେଟର ମୂଲ୍ୟ ୭୬୫ ଟଙ୍କା ଥିବାବେଳେ ରେଲ୍‌ୱେ ତାଙ୍କୁ ୬୬୫ ଟଙ୍କା ଫେରାଇଥିଲା। କ୍ୟାନ୍‌ସେଲେଶନ ଚାର୍ଜ ପାଇଁ କେବଳ ୬୫ ଟଙ୍କା କାଟିବାର ନିୟମ ଥିବାବେଳେ ରେଲ୍‌ୱେ ସର୍ଭିସ୍ ଚ୍ୟାର୍ଜ ବାବଦ ୩୫ ଟଙ୍କା ମିଶାଇ ମୋଟ ୧୦୦ ଟଙ୍କା ଫେରସ୍ତ କରି ନ ଥିଲା। ୩୫ ଟଙ୍କା ଫେରିପାଇବା ଦାବିରେ ସେ ଆଇନ ଅନୁସାରେ ଲଢ଼େଇ ଆରମ୍ଭ କରିଥିଲେ। ଏଥିପାଇଁ ସେ ପ୍ରାୟ ୫୦ ଆର୍‌ଟିଆଇ ଆବେଦନ କରିଥିଲେ। ଏ ସମ୍ପର୍କରେ ସେ ୩ ସରକାରୀ ବିଭାଗକୁ ଚିଠି ମଧ୍ୟ ଲେଖିଥିଲେ। ଟୁଇଟ୍ କରି ସେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ଜିଏସ୍‌ଟି କାଉନସିଲ ସମେତ ଅର୍ଥମନ୍ତ୍ରୀଙ୍କୁ ଟ୍ୟାଗ୍ କରିଥିଲେ। ୨୦୧୯ ମେ ୧ରେ ତାଙ୍କ ଆକାଉଣ୍ଟକୁ ୩୩ ଟଙ୍କା ଫେରିଥିଲା। ହେଲେ ଆଉ ୨ ଟଙ୍କା ପାଇଁ ସେ ପୁଣି ଆର୍‌ଟିଆଇରେ ଆବେଦନ ସହ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଗତ ଶୁକ୍ରବାର ସେ ଆଉ ୨ ଟଙ୍କା ଫେରିପାଇଛନ୍ତି। ସେଥିମଧ୍ୟରୁ ସେ ୫୩୫ ଟଙ୍କା ପିଏମ୍ କେୟାର୍ସ ଫଣ୍ଡକୁ ଦାନ କରିଥିବା କହିଛନ୍ତି। ଏବେ ୨ ଲକ୍ଷ ୯୮ ହଜାର ଲୋକ ଟିକେଟ ବାତିଲ ବାବଦ ୩୫ ଟଙ୍କା ଲେଖାଏ ପାଇବେ ବୋଲି ଆଇଆର୍‌ସିଟିସି ଏହାର ଆର୍‌ଟିଆଇ ପ୍ରଶ୍ନର ଉତ୍ତର ରଖି କହିଥିବା ସୁଜିତ ଦାବି କରିଛନ୍ତି।

ମୂସେୱାଲା ହତ୍ୟାର ବିଚାର ବିଭାଗୀୟ ତଦନ୍ତ ହେବ

ପଞ୍ଜାବୀ ଗାୟକ ସିଦ୍ଧୁ ମୂସେୱାଲାଙ୍କ ହତ୍ୟା ପ୍ରତିବାଦରେ କଂଗ୍ରେସ ନେତା ପ୍ରତାପ ସିଂ ବାଜ୍ୱାଙ୍କ ନେତୃତ୍ୱରେ ମନ୍‌ସାରେ ବିକ୍ଷୋଭ କରାଯାଉଛି।

ଚଣ୍ଡିଗଢ଼,୩୦।୫

ପଞ୍ଜାବ ଓ ହରିୟାଣା ହାଇକୋର୍ଟର ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ବିଚାର ବିଭାଗୀୟ କମିଶନ ଲୋକପ୍ରିୟ ଗାୟକ ସିଦ୍ଧୁ ମୂସେୱାଲା ହତ୍ୟା ଘଟଣାର ତଦନ୍ତ କରିବ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ସୋମବାର ଏହା ଘୋଷଣା କରିଛନ୍ତି। ଏଥିପାଇଁ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ତଦନ୍ତରେ ରାଜ୍ୟ ସରକାର ପୂର୍ଣ୍ଣ ସହଯୋଗ କରିବେ ଏବଂ ଆବଶ୍ୟକ ପଡ଼ିଲେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ତଦନ୍ତରେ ନିୟୋଜିତ କରାଯିବ ବୋଲି ମାନ୍ କହିଛନ୍ତି। ରବିବାର ଖବରଦାତା ସମ୍ମିଳନୀରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଭି.କେ. ଭଓରା ଦେଇଥିବା ସୂଚନା ଉପରେ ସ୍ପଷ୍ଟୀକରଣ ରଖିଛନ୍ତି। ସିଦ୍ଧୁଙ୍କୁ ସେ ଗ୍ୟାଙ୍ଗଷ୍ଟର ସହ ଯୋଡ଼ି ନ ଥିବା କହିଛନ୍ତି।

ରବିବାର ରାତିରେ ୮ରୁ ୧୦ ଜଣ ଆକ୍ରମଣକାରୀ ସିଦ୍ଧୁଙ୍କୁ ୩୦ ରାଉଣ୍ଡରୁ ଅଧିକ ଗୁଳି ଚଳାଇଥିଲେ। ଘଟଣାସ୍ଥଳ ଛାଡ଼ି ପଳାଇବା ପୂର୍ବରୁ ଆକ୍ରମଣକାରୀ ସିଦ୍ଧୁ ବଞ୍ଚିଛନ୍ତି କି ନାହିଁ ଯାଞ୍ଚ କରିଥିଲେ ବୋଲି ପୋଲିସ ସୂତ୍ରରୁ କୁହାଯାଇଛି। ପୋଲିସ ୬ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଆକ୍ରମଣ ସ୍ଥଳରୁ ଏଏନ୍ ୯୪ ରୁଷିଆ ଆସଲ୍ଟ ରାଇଫଲ୍‌ର ଗୁଳି ଏବଂ ଏକ ପିସ୍ତଲ ମିଳିଛି। କାନାଡା ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର୍ ଗତକାଲିର ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ ନେତା ଲରେନ୍ସ ବିଷ୍ଣୋଇଙ୍କ ଘନିଷ୍ଠ ସହଯୋଗୀ। ତିହାର ଜେଲ୍‌ରେ ଥିବା ବିଷ୍ଣୋଇ, ତାଙ୍କ ସହଯୋଗୀ ଏବଂ କାଲା ଜାଠେଡି ଓ କାଲା ରାଣାଙ୍କୁ ଦିଲ୍ଲୀ ପୋଲିସ ସ୍ୱେଶାଲ ସେଲ୍ ପଚରାଉଚରା କରିଛି।

ପଞ୍ଜାବରେ ଗ୍ୟାଙ୍ଗ୍‌ୱାର ଆଶଙ୍କା

ଅନ୍ୟ ଜଣେ ଗାୟକଙ୍କ ଜୀବନ ପ୍ରତି ବିପଦ: ପୋଲିସ

ପଞ୍ଜାବୀ ଗାୟକ ସିଦ୍ଧୁ ମୂସେୱାଲା ହତ୍ୟା ଘଟଣା ପରେ ପଞ୍ଜାବରେ ଗ୍ୟାଙ୍ଗ୍‌ୱାର ହୋଇପାରେ ବୋଲି ପୋଲିସ ଆଶଙ୍କା ବ୍ୟକ୍ତ କରିଛି। ଅନ୍ୟ ଜଣେ ଲୋକପ୍ରିୟ ଗାୟକଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ପୋଲିସ କହିଛି। ସୁରକ୍ଷା କାରଣରୁ ତାଙ୍କ ନାମ ପ୍ରକାଶ କରାଯାଇ ନ ଥିବାବେଳେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କର ସେ ଅତି ଘନିଷ୍ଠ ବୋଲି କୁହାଯାଉଛି। ବିଷ୍ଣୋଇ ଗ୍ୟାଙ୍ଗଠାରୁ ଗୌରବ ପଟିଆଲ ଓରଫ ଲକି ଗ୍ୟାଙ୍ଗ ଅଧିକ ଶକ୍ତିଶାଳୀ। ଆର୍ମେନିଆରୁ ନିଜ ଗ୍ୟାଙ୍ଗ ପରିଚାଳନା କରୁଥିବା ଲକି ପଟିଆଲଙ୍କର ପାକିସ୍ତାନର ବାବର ଖାଲ୍‌ସା ଆତଙ୍କବାଦୀ ହରବିନ୍ଦର ସିଂ ରିଣ୍ଡାଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ସୁରକ୍ଷା ଏଜେନ୍ସି ସୂତ୍ରରୁ ଜଣାପଡ଼ିଛି।

ମଙ୍କିପକ୍ସରେ ଚଳିତ ବର୍ଷର ପ୍ରଥମ ମୃତ୍ୟୁ

ଆବୁଜା, ୩୦।୫

ନାଇଜେରିଆରେ ସଂକ୍ରାମକ ମଙ୍କିପକ୍ସ ରୋଗରେ ଚଳିତ ବର୍ଷର ପ୍ରଥମ ମୃତ୍ୟୁ ଘଟିଛି। ନାଇଜେରିଆ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ସନ(ସିଡିସି) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଏଥିସହ ଏଠାରେ ୨୧ ମଙ୍କିପକ୍ସ ମାମଲା ଚିହ୍ନଟ ହୋଇଥିବାବେଳେ ୬୬ ଜଣ ଆକ୍ରାନ୍ତ ହୋଇଥିବ

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୫୩,୧୭,୮୮,୫୭୮	୬୩,୧୧,୧୮୬	୫୦,୨୭,୨୨,୬୧୮
ଭାରତ	୪,୩୧,୫୫,୭୪୯	୫,୨୪,୬୧୧	୪,୨୬,୧୩,୪୪୦
ଓଡ଼ିଶା	୧୨,୮୮,୪୩୭	୯୧୨୬(+୫୩)	୧୨,୭୯,୧୮୪

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ବିଶ୍ୱ ତମାଖୁ ବର୍ଜନ ଦିବସ

ବଳକା ଚାଉଳ, କୋଇଲା ରୟାଲ୍‌ଟି ପ୍ରସଙ୍ଗ ଉଠିଲା

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅପରାହ୍ଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ତେବେ ରାଷ୍ଟ୍ରପତି ନିର୍ବାଚନକୁ ନେଇ କୌଣସି ଆଲୋଚନା ହୋଇ ନ ଥିବା ସେ କହିଛନ୍ତି। କୋଭିଡ -୧୯ ମହାମାରୀ ପରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ହୋଇ ନ ଥିଲା। ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଧରି ଦୁଇ ନେତାଙ୍କ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ନବୀନ ରାଜ୍ୟର ସ୍ୱାର୍ଥସମ୍ବଳିତ ବିଭିନ୍ନ ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉତ୍‌ଥାପନ କରିଛନ୍ତି। ବଳକା ଉଷୁନା ଚାଉଳ ପ୍ରସଙ୍ଗଠାରୁ କେନ୍ଦ୍ରୀୟ ଅନୁଦାନ ନେଇ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, କିଛିଦିନ ତଳେ ତେଲଙ୍ଗାନାର ବଳକା ଉଷୁନା ଓ ଅରୁଆ ଚାଉଳ ଉଠାଇବାକୁ କେନ୍ଦ୍ର ସରକାର ରାଜି ହୋଇଛନ୍ତି। ହେଲେ ଏଯାଏ ଓଡ଼ିଶାର ବଳକା ଉଷୁନା ଚାଉଳ ଉଠାଉନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ନିକଟରେ ଚାଉଳ ଉଠାଣ ଦାବି ରଖାଯାଇଛି। ସେହିପରି କୋଇଲା ଉତ୍ପାଦନ ରୟାଲ୍‌ଟିରେ ସଂଶୋଧନ ଆସିଲେ ରାଜ୍ୟକୁ ଅଧିକ ରାଜସ୍ୱ ମିଳିବ। ମହାନଦୀ ଜଳବିବାଦ ଯୋଗୁ ଖରାଦିନେ ଓଡ଼ିଶା ଜଳକଷ୍ଟ ଭୋଗୁଛି। ଏହାର ସମାଧାନ କରି ନ୍ୟାୟ ଦେବା ଦିଗରେ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ଆସନ୍ତା ଜୁଲାଇରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ଦୁଇ ନେତାଙ୍କ ମଧ୍ୟରେ ଏ ପ୍ରସଙ୍ଗରେ କୌଣସି ଆଲୋଚନା ହୋଇ ନ ଥିବା ସୂଚନା ମିଳିଛି। ଏଥିସହିତ

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

■ ଶୁଷ୍କ ମହାନଦୀକୁ ନେଇ ନବୀନଙ୍କ ଚିନ୍ତା

ନବୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମୀତ ଶାହାଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆସନ୍ତା ବୁଧବାର ଓଡ଼ିଶା ଫେରିଆସିବେ। ଯଦିଓ ଗତ ୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କର ଏହା ତୃତୀୟ ଦିଲ୍ଲୀ ଗସ୍ତ। ତେବେ ରାଷ୍ଟ୍ରପତି ନିର୍ବାଚନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶ୍ଳେଷକ ଆଶା କରୁଛନ୍ତି। ଏନ୍‌ଡିଏର ଅଂଶୀଦାର ଜେଡିୟୁ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବ କି ନାହିଁ ସେନେଇ ସ୍ପଷ୍ଟ ହେଉ ନ ଥିବାରୁ ଭାଜପା ନବୀନଙ୍କ ସହଯୋଗ ଲୋଡ଼ିବା ବେଶି ସମ୍ଭାବନା ରହିଛି। ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଭାଜପା ବିଜେଡି ଓ ଆନ୍ଧ୍ରର ୱାଇଏସ୍‌ଆର କଂଗ୍ରେସକୁ ନିଜଆଡ଼କୁ ନେବା ଲାଗି ଉଦ୍ୟମ ଚଳାଇଛି।

ରାଷ୍ଟ୍ରପତିନିର୍ବାଚନ ପାଇଁବିରୋଧୀ ଦଳଗୁଡ଼ିକ ହାତରେ ୫୧.୧ପ୍ରତିଶତ ଭୋଟ ଥିବା ବେଳେ ଭାଜପା ଓ ଏହାର ସହଯୋଗୀ ଦଳ ନିକଟରେ ୪୮.୯ ପ୍ରତିଶତ ରହିଛି। ଏନ୍‌ଡିଏ ପ୍ରାର୍ଥୀଙ୍କୁ ଆଉ ୧.୨୨ପ୍ରତିଶତ ଭୋଟ୍‌ର ଆବଶ୍ୟକତା ରହିଛି। ବିଜେଡି ହାତରେ ୩.୨୨ ପ୍ରତିଶତ ଭୋଟ୍ ରହିଛି। ରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସମ୍ଭାବନା ରହିଛି। ତେବେ ଏ ନେଇ ବିଜେଡି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ଏଠାରେ ସୂଚନାଯୋଗ୍ୟ, ୨୦୧୨ ଏବଂ ୨୦୧୭ରେ ଅଣ ଉପା ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରିଥିଲା। ୨୦୨୦ ସେପ୍ଟେମ୍ବରରେ ନବୀନ ରାଜ୍ୟ ସଭା ଉପାଧ୍ୟକ୍ଷ ପଦବୀ ପାଇଁ ଏନ୍‌ଡିଏ ପ୍ରାର୍ଥୀ ହରିଶ୍ ନାରାୟଣଙ୍କୁ ସମର୍ଥନ କରିଥିଲେ।

ପୋଲିଂ ଅଧିକାରୀଙ୍କ ଆକସ୍ମିକ ମୃତ୍ୟୁ

ବ୍ରଜରାଜନଗର,୩୦।୫(ଡ଼ି.ଏନ.ଏ.): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଗାଣ୍ଡିଛକ ଫାଣ୍ଡି ଅନ୍ତର୍ଗତ ଲୋଇନସିଂ ପଞ୍ଚାୟତ ଫଳସାଢିପ ଗ୍ରାମର ୧୬୯ନଂ ବୁଥ୍‌ର ପୋଲିଂ ଅଫିସର ଦିଲୀପ ଖଡ଼ିଆ (୪୬)ଙ୍କ ସୋମବାର ଆକସ୍ମିକ ମୃତ୍ୟୁ ଘଟିଛି। ବ୍ରଜରାଜନଗର ଉପନିର୍ବାଚନ ପାଇଁ ଦିଲୀପ ଅନ୍ୟ ଅଧିକାରୀଙ୍କ ସହ ଏଠାରେ ପହଞ୍ଚିବାବେଳେ ଏଭଳି ଅଘଟଣ ଘଟିଛି। ସୂଚନା ଅନୁସାରେ ସନ୍ଧ୍ୟା ୭ଟା ସମୟରେ ଦିଲୀପ ହଠାତ୍ ଅସୁସ୍ଥତା ଅନୁଭବ କରି ତଳେ ପଡିଯାଇଥିଲେ। ଉକ୍ତ ବୁଥ୍‌ର ପ୍ରିଜାଇଡିଂ ଅଫିସର ତୁରନ୍ତ ତାଙ୍କୁ ନିକଟସ୍ଥ ମଣ୍ଡଳୀୟା କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ଝାରସୁଗୁଡ଼ା ଥାନା ଟାଙ୍ଗରପାଲି ଗ୍ରାମରେ ବୋଲି ଜଣାପଡିଛି।

ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ବାଲେଶ୍ୱର ଅଫିସ,୩୦।୫: ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ଜଗଦୀଶ ପ୍ରସାଦ ମହାନ୍ତି ଏହାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କୁ ୪ ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ଆଇନ ସେବା ଆଧିକରଣ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖଇରା ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ଶନିବିଗ୍ରହ (୫୩)। ମାମଲାର ବିବରଣୀ ଅନୁଯାୟୀ, ଖଇରା ଥାନା ଅଞ୍ଚଳର ୮ ବର୍ଷୀୟା ନାବାଳିକା ଜଣକ ୨୦୧୫ ସେପ୍ଟେମ୍ବର ୪ରେ ସ୍କୁଲ ଯିବା ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ତାଙ୍କୁ ଭୁଲାଇ ନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଖଇରା ଥାନାରେ ଏକ ମାମଲା (ନଂ.୧୨୩/୧୫)ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

ସାବିତ୍ରୀରେ ସ୍ତ୍ରୀଙ୍କୁ ହତ୍ୟା

ବନ୍ତଳା, ୩୦।୫(ଡି.ଏନ୍.ଏ.): ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରି ସକାଳେ ସ୍ତ୍ରୀ ପାଳିଥିଲେ ସାବିତ୍ରୀ ବ୍ରତ। ହେଲେ ରାତିରେ ରକ୍ତମୁଖା ସ୍ୱାମୀଙ୍କ ଘାତକ ଆକ୍ରମଣରେ ସବୁଦିନ ପାଇଁ ଲିଭିଗଲା ତାଙ୍କ ଜୀବନଦୀପ। ଅନୁଗୋଳ ଜିଲା ବନ୍ତଳା ଥାନା ବଡ଼କେରା ଗ୍ରାମରେ ସୋମବାର ରାତିରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତା ମହିଳା ହେଲେ ଲିପି ବେହେରା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସ୍ୱାମୀ ବାସୁଦେବ ବେହେରା (୨୮) ଥାନାରେ ଆତ୍ମସମର୍ପଣ କରିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ମନ୍ଦରପୁର ଗ୍ରାମର ବାସୁଦେବ ବଡ଼କେରା ଗ୍ରାମରେ ୬ବର୍ଷ ହେଲା ଭଡ଼ାଘରେ ରହି ଆସୁଥିଲେ। ଦେଢ଼ବର୍ଷ ତଳେ ସଦର ଥାନା ରନ୍ତଲେଇ ଗ୍ରାମର ଲିପିଙ୍କୁ ସେ ପ୍ରେମ ବିବାହ କରିଥିଲେ। ଦୁଇମାସ ତଳେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ତେବେ ଲିପିଙ୍କ ଭାଇ ବାସୁଦେବଙ୍କ ଭଉଣୀ (ନଣନ୍ଦ)ଙ୍କୁ ନେଇ ଫେରାର ହୋଇଯିବା ପରେ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ସୋମବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇଥିଲା। ଉକ୍ତ ବାସୁଦେବ ଏକ ଟାଙ୍ଗିଆରେ ଲିପିଙ୍କ ମୁଣ୍ଡପଛକୁ ଫାର୍ସାରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ବିବାଦ | ଆଜି ସୁପ୍ରିମ୍‌କୋର୍ଟରେ ଶୁଣାଣି

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ହୋଇଥିବା ବେଆଇନ ନିର୍ମାଣ ଏବଂ ମନ୍ଦିର ଚାରିପଟେ ଥିବା ଜବରଦଖଲକୁ ନେଇ ଦାଏର ଦୁଇଟି ପିଟିଶନ ଉପରେ ମଙ୍ଗଳବାର ସୁପ୍ରିମ୍‌କୋର୍ଟରେ ଶୁଣାଣି ହେବ। ଜଷ୍ଟିସ୍ ବି.ଆର. ଗଭାଇ ଏବଂ ହିମ କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନର ଶୁଣାଣି କରିବେ। ପୁରୀ ମନ୍ଦିର ଚତୁଃପାର୍ଶ୍ୱରେ ହେଉଥିବା ନିର୍ମାଣକୁ ବିରୋଧ କରି ଅର୍ଦ୍ଧେନ୍ଦୁ କୁମାର ଦାସଙ୍କ ପକ୍ଷରୁ ଖଣ୍ଡପୀଠଙ୍କ ନିକଟରେ ସୋମବାର ବରିଷ୍ଠ ଆଇନଜୀବୀ ମହାଲକ୍ଷ୍ମୀ ପାଭାନୀ ଏବଂ ଅନ୍ୟ ଏକ ପିଟିଶନ ଆଡ୍‌ଭୋକେଟ ନଚିକେତା ଯୋଶୀଙ୍କ ଦ୍ୱାରା ଦାଏର କରାଯାଇଥିଲା। ଏହି ମାମଲାର ତୁରନ୍ତ ଶୁଣାଣି କରିବାକୁ ନିବେଦନ କରାଯାଇଛି। ଓଡ଼ିଶା ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଛି କି ନାହିଁ ଖଣ୍ଡପୀଠ ଆବେଦନକାରୀଙ୍କୁ ପଚାରିଥିଲେ। ହାଇକୋର୍ଟଙ୍କ ମେ' ୯ ଆଦେଶ ବିରୋଧରେ ଉକ୍ତ ଦୁଇଟି ପିଟିଶନ ଦାଏର କରାଯାଇଥିବା ଆବେଦନକାରୀ



ଦର୍ଶାଇଥିଲେ। ହାଇକୋର୍ଟ ଶ୍ରୀମନ୍ଦିର ଚାରିପାଖେ ହେଉଥିବା ନିର୍ମାଣକୁ ସ୍ଥଗିତ କରିବା ନେଇ ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲେ। ପୁରୀ ଐତିହ୍ୟ ପ୍ରକଳ୍ପ ଦ୍ୱାରା ଶ୍ରୀମନ୍ଦିରର କ୍ଷତି ହେବା ଆଶଙ୍କା କରି ଏବଂ ଏ ନେଇ କୌଣସି ଅନୁମତି ଦିଆଯାଇ ନ ଥିବା ଦର୍ଶାଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ହାଇକୋର୍ଟ ଏଏସ୍‌ଆଇ ରିପୋର୍ଟକୁ ଅଗ୍ରାହ୍ୟ କରିଦେବା ସହ ମନ୍ଦିରର କେଉଁ ଅଂଶ ପ୍ରକୃତରେ କ୍ଷତି ହେବ ସେ ସମ୍ପର୍କରେ ଦର୍ଶାଇବାକୁ ପରାମର୍ଶ ଦେଇଥିଲେ।

ରଥ ଚକ ପରଖିଲା ଏକ୍ସପର୍ଟ ଟିମ୍

ପୁରୀ ଅଫିସ,୩୦।୫

ରଥ ନିର୍ମାଣ ବେଳେ ଅଖ ଓ ଚକରେ ଫାଟ ଦେଖିବାକୁ ମିଳିଥିଲା। ଏନେଇ ଏକ୍ସପର୍ଟ କମିଟି ସୋମବାର ରଥଖଳାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛି। ଯେଉଁ ଚକ ଓ ଅଖରେ ଫାଟ ହୋଇଛି ତାହାକୁ କ୍ଲାମ୍ପ ଦେଇ ମରାମତି କରାଯିବ ବୋଲି ଏକ୍ସପର୍ଟ କମିଟି କହିଛି। କମିଟିରେ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ଏନ୍.ସି ପାଲ୍, ବିନ୍ଦେଶ୍ୱର ପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଓ ପୂର୍ତ୍ତ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ମହାପାତ୍ର ପ୍ରମୁଖ ସାମିଲ ଥିଲେ। ମହାପାତ୍ର କହିଛନ୍ତି, ରଥଖଳାକୁ ଯାଇ ସ୍ଥିତି ସମୀକ୍ଷା କରାଯାଇଛି। ରଥ ନିର୍ମାଣ ବେଳେ ଅନେକ ଫାଟ ହେବ ଓ ତାହାକୁ କ୍ଲାମ୍ପ ଦେଇ ମରାମତି କରାଯିବ। ରଥଖଳାରେ ମହାରଣାମାନଙ୍କ ସହ ଆଲୋଚନା ହୋଇଛି। ସମୟକ୍ରମେ ମରାମତି ଜାରି ରହିବ। ଅନ୍ୟପକ୍ଷରେ ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ର କହିଛନ୍ତି, ଚକ ଅଖର ସ୍ଥିତି ଠିକ୍ ରହିଛି। ଗୋଟିଏ ଚକରେ ଫାଟ ପଡ଼ିଛି। ସେଠାରେ କ୍ଲାମ୍ପ ଦିଆଯିବ। ରଥଖଳା ବାହାରେ ନିର୍ମାଣ ହୋଇ ରହିଥିବା ଚକଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ମହାରଣାମାନଙ୍କ ସହ ଏକ୍ସପର୍ଟ ଟିମ୍ ଆଲୋଚନା କରିଥିଲେ।

ପିଏମ୍ କେୟାର୍ସରେ ୪ ହଜାର ପିଲାଙ୍କୁ ସହାୟତା

ନୂଆଦିଲ୍ଲୀ,୩୦।୫: କୋଭିଡ୍‌ରେ ମାଆବାପା କିମ୍ବା ଅଭିଭାବକଙ୍କୁ ହରାଇ ଅନାଥ ହୋଇଥିବା ଦେଶର ପ୍ରାୟ ୪,୦୦୦ ପିଲାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପିଏମ୍ କେୟାର୍ସ ଯୋଜନାରେ ସହାୟତା ରାଶି ପଠାଇଛନ୍ତି। ଏହି ଯୋଜନାରେ ପିଲାଙ୍କୁ ବାର୍ଷିକ ୨୦ ହଜାର ଟଙ୍କା ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି। ସେଥିରୁ ମାସିକ ଭତ୍ତା ୧,୦୦୦ ଟଙ୍କା ହୋଇଥିବାବେଳେ ଅନ୍ୟ ୮,୦୦୦ ଟଙ୍କା ସ୍କୁଲ୍ ଫି, ବହି, ପୋଷାକ, ଜୋତା ଓ ଶିକ୍ଷା ଉପକରଣ କିଣିବା ପାଇଁ ଉଦ୍ଦିଷ୍ଟ ବୋଲି ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପାସ୍ କରିବା ପର୍ଯ୍ୟନ୍ତ ଏହି ଛାତ୍ରବୃତ୍ତି ପିଲାମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବାର ବ୍ୟବସ୍ଥା ହୋଇଛି। ପିଲାମାନଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୋଦି ପ୍ରତି ହିତାଧିକାରୀ ପିଲାଙ୍କ ନିକଟକୁ ପତ୍ର ଲେଖିଛନ୍ତି।

୧୦ ମିନିଟ୍ କୁମ୍ଭୀର ସହ ସଂଘର୍ଷ କରି ବଞ୍ଚିଲେ ନାବାଳକ

କାଣୀ ନଦୀରେ ଗାଧୋଇବା ବେଳେ ଟାଣି ନେଇଥିଲା

ପଟ୍ଟାମୁଣ୍ଡାଇ, ୩୦।୫(ସ୍ୱ.ପ୍ର.)

ନଦୀରେ ଗାଧୋଇବା ବେଳେ କୁମ୍ଭୀର ମୁହଁରେ ପଡ଼ିଥିଲା ଜୀବନ। ଜୀବନ ବଞ୍ଚାଇବାକୁ ଯାଇ ଜଣେ ନାବାଳକ ଉପସ୍ଥିତ ବୁଦ୍ଧି ଖଟାଇ ସାହସିକତା ଦେଖାଇଛନ୍ତି। କୁମ୍ଭୀର ସହ ପ୍ରାୟ ୧୦ ମିନିଟ୍ ସଂଘର୍ଷ କରି ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ହେଲେ କୁମ୍ଭୀର ଆକ୍ରମଣରେ ସେ ଗୁରୁତର ହୋଇପଡ଼ିଛନ୍ତି। ଏଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବଲୁରିଆ ପଞ୍ଚାୟତ ଆରାଜି ଗାଁ ମନୋଜ ସାହୁଙ୍କ ସାନପୁଅ ଓମ୍‌ପ୍ରକାଶ (୧୫)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

ଓମ୍‌ପ୍ରକାଶ କାଣି ନଦୀରେ ସୋମବାର ମଧ୍ୟାହ୍ନ ୧ଟାରେ ସାଙ୍ଗମାନଙ୍କ ସହ ଗାଧୋଉ ଥିଲେ। ଏହି ସମୟରେ ତାଙ୍କୁ ୧୨ ଫୁଟ ଲମ୍ବର ଏକ କୁମ୍ଭୀର ଟାଣି ନେଇଥିଲା। ପାଖରେ ଥିବା ସାଙ୍ଗମାନେ ଚିତ୍କାର କରିଥିଲେ। ବିପଦରେ ପଡ଼ିଥିଲେ ହେଁ ଓମପ୍ରକାଶ କୁମ୍ଭୀରକୁ ଗୋଇଠା, ବିଧା ମାରିବା ସହ ସଂଘର୍ଷ କରିଥିଲେ। ଦୃଢ଼ ମୁକାବିଲା ସହ ପ୍ରତି ଆକ୍ରମଣ କରିବା ଦ୍ୱାରା କୁମ୍ଭୀର ଛାଡ଼ି ଦେଇଥିଲା। ଫଳରେ କୁମ୍ଭୀରଠାରୁ ସେ ନିଜ

ଜୀବନ ବଞ୍ଚାଇ ଉପରକୁ ଉଠି ପଳାଇ ଆସିଥିଲେ। କିନ୍ତୁ ଆହାର ଛାଡ଼ିଥିବା କୁମ୍ଭୀର ପଛରେ ଗୋଡାଇ ଆସିଥିଲା। ନିକଟରେ ଥିବା ସାଙ୍ଗମାନେ ପାଟି କରିବାରୁ କୁମ୍ଭୀର ଛାଡ଼ି ଚାଲି ଯାଇଥିଲା। ସାଙ୍ଗମାନେ ତାଙ୍କୁ ଉପରକୁ ଉଠାଇ ଆଣିଥିଲେ। ସାହସିକତା ଦେଖାଇ ଓମ୍‌ପ୍ରକାଶ କୁମ୍ଭୀର ସହିତ ଲଢ଼େଇ କରି ଜୀବନ ବଞ୍ଚାଇ ପାରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। କୁମ୍ଭୀର କାମୁଡ଼ାରେ ଓମ୍‌ପ୍ରକାଶଙ୍କ ଦୁଇହାତ, ଡାହାଣ ଗୋଡ ଭଣ୍ଡା ଓ ଜଂଘ ଖଣ୍ଡିଆ ହୋଇଛି।

ପ୍ରକାଶଥାଉ କି, କେନ୍ଦ୍ରାପଡ଼ା ଜିଲାରେ କୁମ୍ଭୀର ଆକ୍ରମଣରେ ମାସକ ମଧ୍ୟରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଜିଲାର ଭିତରକନିକା ଜାତୀୟ ଉଦ୍ୟାନ ପାର୍ଶ୍ୱବର୍ତ୍ତୀ ରାଜନଗର, ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକାର ନଦୀ ଓ ନାଳରେ କୁମ୍ଭୀରମାନଙ୍କ ବଂଶ ବୃଦ୍ଧି ପାଉଛି। ଫଳରେ ନଦୀ, ନାଳଗୁଡ଼ିକ ଉପରେ ନିର୍ଭର କରି ଚଳୁଥିବା ଗାଁଗୁଡ଼ିକରେ କୁମ୍ଭୀର ଆତଙ୍କ ଦିନକୁଦିନ ବଢ଼ିବାରେ ଲାଗିଛି। ଏବେ କୁମ୍ଭୀରମାନଙ୍କ ପ୍ରଜନନ ଋତୁ ଚାଲିଥିବାରୁ ଏହି ସମୟରେ ସେମାନେ ଅଧିକ ହିଂସ୍ର ହୋଇଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ ଲୋକଙ୍କ ଜୀବନ ସୁରକ୍ଷା ନିମନ୍ତେ ଗାଧୁଆ ଘାଟରେ ତାର ବାଡ଼ର ବ୍ୟବସ୍ଥା କରୁନାହିଁ ବୋଲି ଲୋକେ

ଆଜିର ମନ୍ତବ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୈତିକ ସଂସ୍କୃତିକୁ ବଦଳାଇ ଏକ ସକ୍ରିୟ ତଥା ପ୍ରତିକ୍ରିୟାଶୀଳ ସରକାର ଗଠନ କରିଛନ୍ତି।
– କେ. ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

ଜନ୍ମଦିନର ଶୁଭେଚ୍ଛା

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଓଲେଇ ଗାଈ
ପଡ଼ିଶାର ବାଡ଼ ନିତି ଡିଅଇଁ ।

ଓଲେଇ ପ୍ରକୃତିର ଗାଈ ବାଡ଼ ଭାଙ୍ଗି ଫସଲ ଖାଇ ଯାଇଥାଏ। ତାକୁ ଯେତେ ଆକଟ କଲେ ବା ବାନ୍ଧିକି ରଖିଲେ ମଧ୍ୟ ଲାଭ କିଛି ମିଳିନଥାଏ। ଟିକିଏ ସୁଯୋଗ ପାଇଲେ ସେ ପଘା ଛିଣ୍ଡେଇ ଯୁଆଡେ ଇଚ୍ଛା ସିଆଡେ ଯାଇ ଫସଲ ଖାଇ ବା ନଷ୍ଟ କରିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

classifieds Everyday
0674-2580101, 2549302

automobile

SALE

Maruti Breeza, Scorpio 2016, 2013 XUV500-2018 for sale. 7381091234, 9861194627. D-73256

real estate

SALE

ଭୁବନେଶ୍ୱରର ଛତାବରରେ Rs.299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-606

ଭୁବନେଶ୍ୱର Sum Hospitalରୁ 2K.M. ଦୂରତାରେ BDA yellowzone plot ଏବଂ ନୂଆଗାଁ ମଳିପଡ଼ା 100ft. wide roadକୁ ଲାଗି ମିଳୁଛି। Owner- 9090963952. D-73255

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295. D-73252

ଭୁବନେଶ୍ୱର-ପୁରୀ ବାଇପାସ୍ ରୋଡ୍‌ରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ମିଳୁଅଛି। ଯୋଗାଯୋଗ- 8328992008, 9827339640 few plot available. D-596

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। 8658219495. D-487

Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320. D-73250

Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118. D-73216

construction

Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-73254

healthcare

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73807

Relax, Refresh your body, mind at Saikrupa Spa with best therapies. 9984068077. D-488

Refreshing your mind and body with the best therapy, 7873794731. D-317

BUSINESS

Institute of Astroguideର ନିଜସ୍ୱ ପ୍ରସ୍ତୁତ ଜାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ 30,000 ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ- ମହାମାହୋପାଧ୍ୟାୟ ପଣ୍ଡିତ ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। 7008510005, 9437932751. D-73805

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ରିଜିକିରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

In the Court of the Commissioner, Land Records & Settlement, Odisha, Cuttack Board of Revenue, Cuttack
Revision Petition No:564/2008
Sarat Chandra Behera & others
...Petitioners.
Vrs.
Sarathi Malik & others
...Opp Parties.

To
O.P. No. 1. Sarathi Malik, S/o- Damei Malik, No.2. Bharat Malik (died issueless) (expunged), No.3. Natha Malik (being dead) leaving behind his LR. 3(a) Minjua Malik, S/o.- Late Natha Malik, No.-4. Sobha Ojha, W/o- Trilochan Ojha (expugned), No.-5. Trilochan Ojha, S/o- Karuni Ojha, 6. Bailochan Ojha, S/o- Karuni Ojha, 7. Upendra Ojha, S/o- Kapila Ojha, 8. Manoj Ojha, S/o- Banamali Ojha, 9. Dillip Ojha (being dead) leaving behind his legal heirs, 9.(a) Sachin Ojha, S/o- Late Dillip Ojha, 9(b) Chaina Ojha, S/o- Late Dillip Ojha, 9(c) Papuni Ojha, S/o- Late Dillip Ojha, No.10. Manas Ojha, S/o- Banamali Ojha, Sl. No.- 1 to 10 all are of village/PO: Bainsiria, PS.- Bari Ramchandrapur, Dist.- Jajpur.

Notice Under Order-5, Rule-20 of C.P.C.

ଉପରୋକ୍ତ ମୋକଦ୍ଦମାର ଆଗାମୀ ତା୨୦।୦୭।୨୦୨୨ରିଖ ଦିବା ୧୧ଘଟିକା ସମୟକୁ ଧାର୍ଯ୍ୟ ହୋଇଅଛି। ତେବେ ଅତ୍ର ନୋଟିସ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଧାର୍ଯ୍ୟ ତାରିଖ ଓ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ହୋଇ ମୋକଦ୍ଦମାର ତଦବିର କରିବେ, ନଚେତ୍ ଆଇନ ଅନୁଯାୟୀ ମୋକଦ୍ଦମା ବିଚାର ହେବ।

ତପସିଲ
ମୌଜା- ବାଇଁଶିରିଆ, ଥାନା- ବରିରାମଚନ୍ଦ୍ରପୁର, ତହସିଲ: ବରି, ଜିଲ୍ଲା: ଯାଜପୁର, ହାଲ୍ ଖାତା ନଂ.-୧୦୩୮ମ୍ବର, ହାଲ୍ ପ୍ଲଟ୍ ନଂ.୪୦୫୧ମ୍ବର ଏ୦.୨୮ଡି। ଯାହାକି ସାବକ ଖାତା ନଂ.-୧୩୦ମ୍ବର, ସାବକ ପ୍ଲଟ୍ ନଂ.୧୭୨୧ମ୍ବର, ଏ୦.୪୮ଡି।

ବନ୍ଦୋବସ୍ତ ଆୟୁକ୍ତଙ୍କ ଆଦେଶ କ୍ରମେ ସଚିବ (ବିଚାର) ରାଜସ୍ୱ ପର୍ଷଦ, କଟକ, ଓଡ଼ିଶା
କଟକ, ତା: ୨୧।୦୫।୨୦୨୨

ଧ-୬୦୩

ଦୁଇଦିନ ଝଡ଼ବର୍ଷା

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଆସନ୍ତା ଦୁଇଦିନ ଯାଏ ରାଜ୍ୟରେ ଝଡ଼ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବୁଧବାର ମାଲକାନଗିରି , କୋରାପୁଟ, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଜପତି, ଗଞ୍ଜାମ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

ଝଡ଼ବର୍ଷା ସତ୍ତ୍ୱେ ରାଜ୍ୟର ପ୍ରବଳ ଗରମ ଓ ଗୁଳୁଗୁଳି ଲାଗି ରହିଛି। ସୋମବାର ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହିଥିଲା। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୧.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୪୦.୫, ଭବାନୀପାଟଣା ୪୦, ବଲାଙ୍ଗୀର ୪୧.୩, ଟିଟିଲାଗଡ଼ ୪୧.୪, ମାଲକାନଗିରି ୪୧, ସୋନପୁର ୪୨, ବୌଦ୍ଧ ୪୨.୨ , ନୂଆପଡ଼ା ୪୧ ଏବଂ ବରଗଡ଼ରେ ସର୍ବୋଚ୍ଚ ତାପାମାତ୍ରା ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଦ୍ୱନ୍ଦ୍ୱ ସାଙ୍ଗକୁ...

ପ୍ରଥମ ପୃଷ୍ଠାରୁ...

ବଦଳାଇବାକୁ ହେବ। ଫଳରେ ଆଗାମୀ ୭ ମାସ ଯାଏ ଅତିରିକ୍ତ ୭ରୁ ୮ ଲକ୍ଷ ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଇବା ପାଇଁ ସେହି ସଂସ୍ଥାଗୁଡ଼ିକର ଭିତ୍ତିଭୂମି ଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ନମ୍ବର ପ୍ଲେଟ୍ ବଦଳାଇବା ପାଇଁ କେତେ ଟଙ୍କା ଦେବାକୁ ହେବ ସେ ନେଇ ମଧ୍ୟ ପ୍ରକାଶିତ ବିଜ୍ଞପ୍ତିରେ କିଛି କୁହାଯାଇନାହିଁ। ଡିଲରମାନେ ଅବଧି ଶେଷ ହେଉଥିବା ଡର ଦେଖାଇ ଗାଡ଼ି ମାଲିକଙ୍କଠାରୁ ମନଇଚ୍ଛା ଦର ଭିଡ଼ିବା ଆଶଙ୍କା ରହିଛି। ଏଥିଯୋଗୁ ଗାଡ଼ି ମାଲିକ ଶୋଷିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଇଣ୍ଟରନେଟ୍ ବିଷୟରେ ଧାରଣା ନ ଥିବା ବ୍ୟକ୍ତିମାନଙ୍କୁ ସାଇବର କାଫେ ଉପରେ ନିର୍ଭର କରିବାକୁ ପଡ଼ିବ। ଏଥିପାଇଁ ଗାଡ଼ି ଚାଳକଙ୍କୁ ୧୦୦ରୁ ୨୦୦ ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିପାରେ।

ମିଳିଥିବା ସୂଚନା ଅନୁଯାୟୀ, ଦୁଇଚକିଆ ଯାନ ବିକ୍ରି କରୁଥିବା ଡିଲରମାନେ ନୂଆ ଗାଡ଼ି ପାଇଁ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ ବାବଦରେ ୩୫୦ରୁ ୫୦୦ ଟଙ୍କା ନେଉଥିବାବେଳେ ଚାରିଚକିଆ ଲାଗି ୬୦୦ରୁ ୧ ହଜାର ନେଉଛନ୍ତି। ଏଥିପାଇଁ ପରିବହନ ବିଭାଗ ପକ୍ଷରୁ କୌଣସି ଦର ନିର୍ଦ୍ଧାରଣ ହୋଇ ନ ଥିବାରୁ ଅଲଗା ଅଲଗା ଯାନ ପାଇଁ ଭିନ୍ନ ଭିନ୍ନ ଦର ରହିଛି। ପୁରୁଣା ୨ଚକିଆ ଗାଡ଼ି ପାଇଁ ୩୦୦ରୁ ୫୦୦ ଓ ୪ଚିକିଆ ପାଇଁ ୧୫୦୦ ଟଙ୍କା ପଡ଼ିବ ବୋଲି ଭୁବନେଶ୍ୱରେ ଦୁଇ ଓ ଚାରିଚକିଆ ଯାନ ବିକ୍ରି କରୁଥିବା ଏକ ସଂସ୍ଥାର ମୁଖ୍ୟ ସୂଚନା ଦେଇଛନ୍ତି। ପୁରୁଣା ଗାଡ଼ି ପାଇଁ କୌଣସି ଦର ଧାର୍ଯ୍ୟ ହୋଇ ନ ଥିବାରୁ ଗାଡ଼ି ମାଲିକଙ୍କୁ ଦେଢ଼ରୁ ଦୁଇଗୁଣା ଦେବାକୁ ପଡ଼ିବା ଏକପ୍ରକାର ସ୍ପଷ୍ଟ ହୋଇଛି।

ପରିବହନ ବିଭାଗ ଡେପୁଟି କମିଶନର ପ୍ରଦୀପ କୁମାର ମହାନ୍ତି କହିଛନ୍ତି, ନମ୍ବର ପ୍ଲେଟ୍ ବଦଳାଇବା କାର୍ଯ୍ୟ ରାଜ୍ୟ ସରକାରଙ୍କ ହାତରେ ନାହିଁ। ସରକାର ମଧ୍ୟ ଏ ବାବଦ ମୂଲ୍ୟ ଧାର୍ଯ୍ୟ କରିପାରିବେ ନାହିଁ। ନୂଆ ଗାଡ଼ିର ନମ୍ବର ପ୍ଲେଟ୍ ପାଇଁ ଯେତିକି ଟଙ୍କା ଦେବାକୁ ପଡୁଛି ପୁରୁଣା ଗାଡ଼ିରେ ସେତିକି ଦେବାକୁ ପଡ଼ିବ। ଯଦି କୌଣସି ଗାଡ଼ିର କାଗଜପତ୍ର ଠିକ୍ ନ ଥିବ ତେବେ ସେହି ଗାଡ଼ିର ନମ୍ବର ପ୍ଲେଟ୍ ବଦଳା ଯାଇପାରିବ ନାହିଁ। ଯଦି ଧାର୍ଯ୍ୟ ସମୟରେ ନମ୍ବର ପ୍ଲେଟ୍ ଲାଗିବାରେ ସମସ୍ୟା ହେବ ତେବେ ଜନସାଧାରଣଙ୍କ ହିତକୁ ଦେଖି ପରିବହନ ବିଭାଗ ଅବଧି ବଢ଼ାଇ ପାରିବ।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଯେଉଁ ଗାଡ଼ିର ପଞ୍ଜୀକରଣ ନମ୍ବରର ଶେଷ ଅଙ୍କ ୧ ଓ ୨ ରହିଛି ସେହି ଗାଡ଼ିଗୁଡ଼ିକ ଅଗଷ୍ଟ ୩୧ ମଧ୍ୟରେ ଏଚ୍‌ଏସ୍‌ଆରପି ଲଗାଇବେ। ସେହିପରି ଶେଷ ଅଙ୍କ ୩ ଓ ୪ ପାଇଁ ସେପ୍ଟେମ୍ବର ୩୦, ୫ ଓ ୬ ପାଇଁ ଅକ୍ଟୋବର ୩୧, ୭ ଓ ୮ ପାଇଁ ନଭେମ୍ବର ୩୦ ଏବଂ ଶେଷ ଅଙ୍କ ୯ ଓ ୦ ପାଇଁ ଡିସେମ୍ବର ୩୧ ଧାର୍ଯ୍ୟ କରାଯାଇଛି। ଏଚ୍‌ଏସ୍‌ଆରପିକୁ ମନଇଚ୍ଛା ବଦଳାଯାଇପାରିବ ନାହିଁ। ଯଦି ଭାଙ୍ଗିଯିବ ତେବେ ସମ୍ପୃକ୍ତ ଅଞ୍ଚଳର ଥାନାରେ ଲିଖିତ ଆକାରରେ ଜଣାଇବାକୁ ପଡ଼ିବ। ନୂଆ ନମ୍ବର ପ୍ଲେଟ୍ ପାଇଁ ଏଫ୍‌ଆଇଆର କପି ସହ ଏସ୍‌ଆଇଏଏମ୍ ପୋର୍ଟାଲରେ ଆବେଦନ କରିବାକୁ ହେବ। ଯେଉଁମାନେ ଏହି ପ୍ଲେଟ ବ୍ୟବହାର କରିବେ ନାହିଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ମୋଟର ଯାନ ଆଇନ-୧୯୮୮ର ସେକ୍ସନ ୧୯୨ ଅନୁଯାୟୀ ୫ ହଜାରରୁ ୧୦ ହଜାର ଟଙ୍କା ଯାଏ ଜରିମାନା କରାଯିବ।

ଦୁଇଚକିଆ ଯାନରେ ପରିବା ବ୍ୟବସାୟ କରୁଥିବା ଜଗନ୍ନାଥ ସାହୁ କହିଛନ୍ତି ଯେ, ସରକାର ନୂଆ ନିୟମ କରିଛନ୍ତି। ଆମେ ସେ ବିଷୟରେ କିଛି ଜାଣିପାରୁନୁ। କେଉଁଠି ନମ୍ବର ପ୍ଲେଟ୍ ବଦଳାଇବୁ, କେତେଟଙ୍କା ଦେବୁ। କମ୍ପ୍ୟୁଟର କ'ଣ ଆମେ ଜାଣିନୁ। ଦିଓଳି ଖଟିଲେ ଓଳିଏ ଚୁଲି ଜଳୁଛି। ସରକାର ଆମଭଳି ଗରିବଙ୍କ ଲାଗି କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ।

ଉଲ୍ଲେଖଯୋଗ୍ୟ, ଏଚ୍‌ଏସ୍‌ଆରପି ସାଧାରଣ ନମ୍ବର ପ୍ଲେଟ୍‌ଠାରୁ ଭିନ୍ନ। ବଢୁଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଦେଶର ସୁରକ୍ଷା, ଗାଡ଼ି ଚୋରି ରୋକିବା, ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବାରେ ଏହି ନମ୍ବର ପ୍ଲେଟ୍ ବେଶ୍ ଉପାଦେୟ ହୋଇପାରିବ। ନମ୍ବର ପ୍ଲେଟ୍‌ରେ ଥିବା ଲେଜର କୋଡ୍‌କୁ ପରିବହନ ବିଭାଗର ଆପ୍ ସହ ସଂଯୋଗ କରାଯାଇଛି। ଏଥିରେ ଗାଡ଼ି ମାଲିକଙ୍କ ସମସ୍ତ ତଥ୍ୟ ରହିଛି। ଗାଡ଼ି ଚୋରିହେଲେ ଠାବ କରିବା ସହଜ ହେବ। ଏଥିସହିତ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ମାଲିକଙ୍କ ବିରୋଧରେ ଜରିମାନା ଚାଲାଣ ପଠାଇବା ମଧ୍ୟ ସହଜ ହେବ। ପ୍ରତ୍ୟେକ ନମ୍ବର ପ୍ଲେଟ୍ ପାଇଁ ସିଙ୍ଗଲ କୋଡ୍ ରହିବ। ସ୍ନାପ ବୋଲ୍‌ଟିଂ ଜରିଆରେ ଗାଡ଼ିରେ ପ୍ଲେଟ୍ ଲଗାଯାଉଥିବାରୁ ଏହାକୁ ଖୋଲିବା ସହଜ ହେବନାହିଁ। ଖୋଲିବାକୁ ଉଦ୍ୟମ କଲେ ତାହା ଭାଙ୍ଗିଯିବ।

ଶ୍ରୁତି ଶର୍ମା ସର୍ବଭାରତୀୟ...

ହୋଇଥିବାବେଳେ ୮୬ ର୍ୟାଙ୍କରେ ଗୌରବ କୁମାର ଅଗ୍ରୱାଲ ଓ ୯୯ ର୍ୟାଙ୍କରେ ତରୁଣ ପଟ୍ଟନାୟକ ମାଦଳା ରହିଛନ୍ତି। ସେହିପରି ୧୧୬ ର୍ୟାଙ୍କରେ ସମ୍ଭାବୀ ମିଶ୍ର, ୧୯୯ରେ ପୂଜା ସାହୁ, ୨୦୫ରେ ଦୁର୍ଗା ପ୍ରସାଦ ଅଧିକାରୀ, ୨୨୮ରେ ମୟଙ୍କ ମିଶ୍ର, ୨୩୨ରେ ବିଶ୍ୱ ବିଶ୍ରୁତ ତ୍ରିପାଠୀ, ୨୫୫ରେ ସିଦ୍ଧାର୍ଥ କୁମାର ମିଶ୍ର, ୨୬୯ରେ ଅନୁପ ଗର୍ଗ, ୨୭୩ରେ ସମୀର କୁମାର ଜେନା, ୩୦୬ରେ ସୌମ୍ୟରଞ୍ଜନ ପ୍ରଧାନ, ୩୭୬ରେ ହର୍ଷିତ ମେହେର, ୫୧୩ରେ ମାନସ ରଞ୍ଜନ ସାହୁ ଏବଂ ୬୧୪ ର୍ୟାଙ୍କରେ ନୟନ ରଞ୍ଜନ ଦାସ ଅଛନ୍ତି। ତେବେ ଅନ୍ୟ ଜଣେ ଓଡ଼ିଆ ଅଙ୍କୁର ଦାସ ୫୨ତମ ର୍ୟାଙ୍କ୍‌ରେ ରହିଥିଲେ ମଧ୍ୟ ସେ ମେଘାଳୟରେ ପରୀକ୍ଷା ଦେଇଥିବା ଜଣାପଡିଛି।

କୃତକାର୍ଯ୍ୟ ହୋଇଥିବା ଏହି ୬୮୫ଜଣଙ୍କ ମଧ୍ୟରୁ ୫୦୮ଜଣ ପୁରୁଷ ଓ ୧୭୭ ଜଣ ମହିଳା। ଏମାନଙ୍କ ମଧ୍ୟରୁ ୧୮୦ଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ୨୦୦ଜଣ ଭାରତୀୟ ପୋଲିସ ସେବା (ଆଇପିଏସ୍), ୩୭ଜଣ ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍), ୨୪୨ଜଣ ସେଣ୍ଟ୍ରାଲ ସର୍ଭିସେସ୍ ଗ୍ରୁପ୍-ଏ ଓ ୯୦ଜଣ ଗ୍ରୁପ୍-ବି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୧୫ ଦିନ ମଧ୍ୟରେ ୟୁପିଏସ୍‌ସି ୱେବ୍‌ସାଇଟରେ ପରୀକ୍ଷାର୍ଥୀଙ୍କ ମାର୍କ ଉପଲବ୍ଧ ହେବ। ଜଣେ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫଳ ସ୍ଥଗିତ ରଖାଯାଇଥିବା ଆୟୋଗ ପକ୍ଷରୁ କୁହାଯାଇଛି।

ୟୁପିଏସ୍‌ସି ପକ୍ଷରୁ ପ୍ରତିବର୍ଷ ସିଭିଲ୍ ସର୍ଭିସ ପରୀକ୍ଷା ୩ ପର୍ଯ୍ୟାୟରେ ହୋଇଥାଏ। ୨୦୨୧ ସିଭିଲ୍ ସର୍ଭିସ ପରୀକ୍ଷାର ଲିଖିତ ତଥା ମୁଖ୍ୟ ପରୀକ୍ଷା ୨୦୨୨ ଜାନୁୟାରୀରେ ଏବଂ ସାକ୍ଷାତ୍‌କାର ଏପ୍ରିଲ୍ ଓ ମେ'ରେ ଅନୁଷ୍ଠିତ ହୋଇଥିଲା। ତେବେ ଟପ୍ପର ହୋଇଥିବା ଶ୍ରୁତି ଶର୍ମା ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇତିହାସ ଅନର୍ସ ସହ ସ୍ନାତକ ଡିଗ୍ରୀ ହାସଲ କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଥିବା ଅଙ୍କିତା ଉକ୍ତ ବିଶ୍ୱବିଦ୍ୟାଳୟର ଅର୍ଥନୀତି (ଅନର୍ସ) ସ୍ନାତକ। ସେହିପରି ତୃତୀୟ ସ୍ଥାନରେ ଥିବା ଗାମିନୀ କମ୍ପ୍ୟୁଟର ବିଜ୍ଞାନରେ ବିଟେକ୍ କରିଛନ୍ତି।

ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓଡ଼ିଶାର ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ତୃଣମୂଳସ୍ତରରେ ଲୋକଙ୍କ ଜୀବନରେ ଆଖିଦୃଶିଆ ପରିବର୍ତ୍ତନ ଆଣିବା ପାଇଁ ସେମାନେ ଉତ୍ସର୍ଗୀକୃତ ଏବଂ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ମୃତ୍ୟୁ ପୂର୍ବରୁ ହୋଇଥିଲା...

ଠାଣେ ସହରରେ ଥିବା ଏକ ଆପାର୍ଟମେଣ୍ଟରେ ବୈଭବୀ ଝିଅ ରତିକା ଏବଂ ପୁଅ ଧନୁଷଙ୍କ ସହ ରହୁଥିଲେ। ସାଙ୍ଗରେ ତାଙ୍କ ମା'ଙ୍କୁ ମଧ୍ୟ ରଖିଥିଲେ। ଛାଡ଼ପତ୍ର ପରେ ପ୍ରତିବର୍ଷ ଝିଅପୁଅଙ୍କୁ ନେଇ ଅଶୋକ ଓ ବୈଭବୀ ୧୦ଦିନ ପାଇଁ ବୁଲିବାକୁଯିବେ ବୋଲିକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। କୋର୍ଟଙ୍କ ଅନୁମତି କ୍ରମେ ଅଶୋକ ଗତ ୨୭ ତାରିଖରେ ଦିଲ୍ଲୀ ଯାଇଥିଲେ। ବୈଭବୀ ୨ପିଲାଙ୍କୁ ଧରି ଦିଲ୍ଲୀ ଆସିବା ପରେ ସମସ୍ତେ ମିଶି ନେପାଳ ଅଭିମୁଖେ ବାହାରି ଯାଇଥିଲେ। ହେଲେ ଏହାଥିଲା ସେମାନଙ୍କ ଶେଷଯାତ୍ରା। ପୋଖରାରୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଜୋମ୍‌ସୋମ୍‌କୁ ଯାଉଥିବାବେଳେ ରବିବାର ସେମାନଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୋମବାର ସମସ୍ତଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହେବା ପରେ ଅଶୋକ ଏବଂ ବୈଭବୀଙ୍କ ଘର ଲୋକ ଭାଙ୍ଗିପଡ଼ିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏବେ ବୈଭବୀଙ୍କ ପରିବାରରେ ତାଙ୍କ ୮୦ ବର୍ଷୀୟା ମା' ଅଛନ୍ତି। ଅସୁସ୍ଥ ଥିବାରୁ ତାଙ୍କୁ ଏବେ ଅକ୍ସିଜେନ୍ ସପୋର୍ଟରେ ରଖାଯାଇଛି। ଝିଅ, ନାତି ନାତୁଣୀଙ୍କ ମୃତ୍ୟୁ ଖବର ଅଦ୍ୟାବଧି ତାଙ୍କୁ ଜଣାଯାଇନାହିଁ। ବୈଭବୀଙ୍କ ସାନ ଭଉଣୀ ତାଙ୍କ ମା'ଙ୍କ ଯତ୍ନ ନେଉଛନ୍ତି।

ସମସ

ଥାନାପୋଡ଼ି ଅଭିଯୁକ୍ତଙ୍କ ଉପରେ ଗାଡ଼ି ମଡ଼ାଇଦେଲା ପୋଲିସ

ଗୁଆହାଟୀ: ଆସାମର ନାଗାଁଓରେ ଗତ ସପ୍ତାହରେ ହୋଇଥିବା ଥାନା ପୋଡ଼ି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ଉପରେ ପୋଲିସ ଗାଡ଼ି ମାଡ଼ିଯାଇ ମୃତ୍ୟୁ ହୋଇଛି। ପୋଲିସ ହେପାଜତରେ ଥିବା ଅଭିଯୁକ୍ତ ଆସିକୁଲ୍ ଇସ୍‌ଲାମଙ୍କୁ ଏକ କାର୍‌ରେ ନେଇ ଅସ୍ତ୍ରଶସ୍ତ୍ର ଜବତ କରିବାକୁ ଯାଉଥିବାବେଳେ ସେ ଖସି ପଳାଇଯିବାକୁ ଉଦ୍ୟମ କରିଥିଲେ। ଇସ୍‌ଲାମ କାର୍‌ରୁ ଡେଇଁ ପଡ଼ିବାରୁ ପଛରେ ଥିବା ଏସ୍‌କର୍ଟ ଯାନ ତାଙ୍କ ଉପରେ ମାଡ଼ିଯାଇଥିଲା ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ପୋଲିସ ତାଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ୩ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

ସଂକ୍ଷେପରେ

ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ

ବାରିପଦା ଅଫିସ, ୩୦।୫: ରାତି ପାହିଲେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିବାକୁ ଥିବା ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟା କରିଛନ୍ତି ସ୍ୱାମୀ। ରବିବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ଚାକିଡ଼ି ପଞ୍ଚାୟତ ଅସୁରା ଗାଁ ଖଡିଆ ସାହିରେ। ମୃତ ମହିଳା ହେଲେ ମକରି ଦିଗାର। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୩୬/୨୨) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଭରତ ଦିଗାରଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରବିବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭରତ ଏକ ଠେଙ୍ଗାରେ ମକରିଙ୍କୁ ମାଡ଼ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଛି।

ଦୀପରୁ ନିଆଁ ଲାଗି ମହିଳା ଗୁରୁତର

ସାବିତ୍ରୀ ବ୍ରତ ପାଳନ ବେଳେ ଅଘଟଣ

ରେଡ଼ାଖୋଲ,୩୦।୫(ଡି.ଏନ୍.ଏ.): ସମ୍ବଲପୁର ଜିଲା ରେଡ଼ାଖୋଲର କଦଳୀଗଡ଼ ଜଗନ୍ନାଥ ମନ୍ଦିରରେ ସୋମବାର ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରୁଥିବା ବେଳେ ଅଘଟଣ ଘଟିଛି। ଦୀପରୁ ନିଆଁ ଲାଗି ଗ୍ରାମର ସସ୍ମିତା ଗଡ଼ତିଆ (୩୫) ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ରେଡ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାଙ୍କୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ସୂଚନାମତେ ପୂର୍ବାହ୍ନରେ ସାବିତ୍ରୀ ପୂଜା ପାଇଁ ମହିଳାମାନେ ଜଗନ୍ନାଥ ମନ୍ଦିରରେ ଏକାଠି ହୋଇଥିଲେ। ପୂଜା ସାରି ସମସ୍ତେ ବେଢ଼ା ପରିକ୍ରମା କରୁଥିବା ବେଳେ ହଠାତ୍ ଦୀପରୁ ସସ୍ମିତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ଏହା ଦେଖି ଉପସ୍ଥିତ ମହିଳାମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଏହା ସତ୍ତ୍ୱେ ମହିଳାଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ଗୁରୁତର ହୋଇଥିଲେ।

ସବୁ ହୋଟେଲରେ ସିସିଟିଭି ବାଧ୍ୟତାମୂଳକ

ରଥଯାତ୍ରା ପାଇଁ ସମନ୍ୱୟ ବୈଠକ

- ହୋଟେଲ ମାଲିକଙ୍କ ସହ ପୋଲିସ ପ୍ରଶାସନର ଆଲୋଚନା
- ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ଉପରେ ଗୁରୁତ୍ୱ

ବୈଠକରେ ହୋଟେଲ ମାଲିକମାନଙ୍କ ସହ ଏସ୍‌ପି କନ୍‌ୱର ବିଶାଲ ସିଂ ଆଲୋଚନା କରୁଛନ୍ତି।

ପୁରୀ ଅଫିସ,୩୦।୫

ଚଳିତ ବର୍ଷର ରଥଯାତ୍ରା ପାଇଁ ସୋମବାର ପୁରୀ ହୋଟେଲ ମାଲିକ ସଂଘ ସହ ପୋଲିସ ପ୍ରଶାସନର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ସହରର ସମସ୍ତ ହୋଟେଲରେ ସିସିଟିଭି କ୍ୟାମେରା ଲଗାଯିବା ବାଧ୍ୟତାମୂଳକ କରାଯିବା ସହ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଚଳିତବର୍ଷ ରଥଯାତ୍ରାରେ ପ୍ରାୟ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଅନେକ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ବିଭିନ୍ନ ହୋଟେଲ ଓ ଲଜ୍‌ରେ ରହିବେ। ତେଣୁ ସେମାନଙ୍କ ଲାଗି ହୋଟେଲକୁ ସୁରକ୍ଷିତ ରଖିବା ଦିଗରେ ପଦକ୍ଷେପ ନେବାକୁ ପୋଲିସ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ପୁରୀ ସହରର ସବୁ ହୋଟେଲରେ ସିସିଟିଭି କ୍ୟାମେରା ଲଗାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିସିଟିଭିରେ ଅତିକମ୍‌ରେ ୭ଦିନର ତଥ୍ୟ ସଂରକ୍ଷିତ ରହିବା ଭଳି ବ୍ୟବସ୍ଥା ଥିବା ଦରକାର। ପ୍ରତିଦିନ ହୋଟେଲ ମାଲିକମାନେ ଯାତ୍ରୀଙ୍କ ସଂଖ୍ୟା ସମ୍ପର୍କିତ ତଥ୍ୟ ସ୍ଥାନୀୟ ଥାନାରେ ଦାଖଲ କରିବେ। ପ୍ରତ୍ୟେକ ଥାନାର ଆଇଆଇସି ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିବେ। ହୋଟେଲ ଓ ଲଜ୍ ମାଲିକମାନେ ଏହି ଗ୍ରୁପ୍‌ରେ ରହିବେ। ଗ୍ରୁପ୍‌ରେ ହୋଟେଲ, ଯାତ୍ରୀଙ୍କ ସୁରକ୍ଷା ଓ ରହଣି ସମ୍ପର୍କରେ ଆଲୋଚନା ହେବ। ପର୍ଯ୍ୟଟକଙ୍କ ପାଇଁ ଏକ ହେଲ୍ପଲାଇନ୍ ନମ୍ବର (୬୩୭୦୯୬୭୧୦୦) ଜାରି କରାଯାଇଛି। ହୋଟେଲ ମାଲିକମାନେ ନିଜ ରିସେପଶନ୍ ସେଣ୍ଟରରେ ଉକ୍ତ ହେଲ୍ପଲାଇନ୍ ନମ୍ବର ଲେଖାଇବେ, ଯେପରି ତାହା ଯାତ୍ରୀଙ୍କ ନଜରକୁ ଆସିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ଯାତ୍ରୀଙ୍କ ସମସ୍ୟା ସମ୍ପର୍କିତ ସୂଚନା ପାଇଁ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି।

ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ସଚେତନତା ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ସୋମବାର ଶିଳ୍ପୀ ମାନସ ସାହୁଙ୍କ ବାଲୁକାକଳା।

ଆର୍‌ଏସ୍‌ପି କନ୍‌ଭେୟର ବେଲ୍ଟରେ ଚାପିହୋଇ ଶ୍ରମିକ ମୃତ

କ୍ଷତିପୂରଣ ଦାବିରେ ଶ୍ରମିକ ସଙ୍ଗଠନର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ଅଫିସ,୩୦।୫: ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ୍-୧ର କନଭେୟର ବେଲ୍ଟରେ ଚାପିହୋଇ ସୋମବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେଓଗାଁ ଅଞ୍ଚଳର ଘାନସିରା ମୁଣ୍ଡାରୀ(୨୫)। ଆର୍‌ଏସ୍‌ପିରେ ବାରମ୍ବାର ଦୁର୍ଘଟଣା ଘଟି ଶ୍ରମିକଙ୍କ ଜୀବନ ଯାଉଥିବା ଅଭିଯୋଗ କରି ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେଯାଏ ମୃତଦେହ ନେବେ ନାହିଁ ବୋଲି ମୃତକଙ୍କ ପରିବାର ଲୋକେ ଚେତାବନୀ ଦେଇଥିଲେ। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ସହ ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆରଏସ୍‌ପି ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ନିଯୁକ୍ତି ପାଇଁ ପ୍ରତିଶ୍ରୁତିପତ୍ର ଦିଆଯାଇଥିଲା।

ଥାନାରେ ଏତଲା, ଗଛ କଟା ସ୍ଥାନରେ ଧାରଣା

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ରାଜ୍ୟ ଅତିଥି ଭବନ ସମ୍ମୁଖରେ ଥିବା ବିଧାୟକମାନଙ୍କ ପୁରୁଣା କ୍ୱାର୍ଟର୍ସକୁ ଭାଙ୍ଗି ବିଳାସପୂର୍ଣ୍ଣ ଉଚ୍ଚ ଅଟ୍ଟାଳିକା ନିର୍ମାଣ ପାଇଁ ରାଜଧାନୀର ଛାତି ଉପରେ ଥିବା ଶହ ଶହ ବର୍ଷର ହଜାରରୁ ଊର୍ଦ୍ଧ୍ୱ ପୁରୁଣା ଗଛ କଟା ଚାଲିଛି। ହେଲେ ସବୁଜ ସୁନ୍ଦର ରାଜଧାନୀରୁ ଏଭଳି ବିରାଟକାୟ ମୂଲ୍ୟବାନ ଗଛ କାହା ଅନୁମତିରେ ଓ କିପରି କଟାଯାଉଛି ବୋଲି ଚାରିଆଡୁ ଅଭିଯୋଗ ହୋଇଛି। ସୋମବାର ଏହି ପ୍ରସଙ୍ଗରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଗଛକଟା ବନ୍ଦ କରିବା ସହିତ ଏଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଖାରବେଳ ନଗର ଥାନାରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏକ ଏତଲା ମଧ୍ୟ ଦାୟର କରାଯାଇଛି।

ରାଜଧାନୀରେ ସରକାର ଗଛ ଲଗାଇ ସବୁଜ ସୁନ୍ଦର ଭୁବନେଶ୍ୱରର ଡିଣ୍ଡିମ ପିଟୁଥିବା ବେଳେ କେମିତି ଏତେ ବଡ ବଡ଼ ଗଛ କଟାଯାଉଛି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାଶ ପ୍ରଶ୍ନ କରିଛନ୍ତି। ଯେତେବେଳେ ଦିଲ୍ଲୀ ଓ ଅନ୍ୟାନ୍ୟ ସହରରେ ବିକଳ୍ପ ବ୍ୟବସ୍ଥା କରି ଗଛ ଥାଇ ବଡ ବଡ଼ ଅଟ୍ଟାଳିକା ନିର୍ମାଣ କରାଯାଉ। ଏପରିକି ଅତ୍ୟାଧୁନିକ କାରିଗରି କୌଶଳରେ ମଧ୍ୟ ସବୁ ବଡ଼ ଗଛକୁ ପୁନଃ ପ୍ରତିରୋପଣ କରାଯାଇପାରୁଛି। ହେଲେ ସବୁବେଳେ ସବୁଜ ସୁନ୍ଦର ଓ ପରିବେଶ କଥା କହୁଥିବା ରାଜ୍ୟ ସରକାର କ'ଣ ପାଇଁ ଏଭଳି ନିଷ୍ପତ୍ତି ନେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏତଲା ଦେବା ପରେ ବୁଧବାର ସେହି ଗଛ କଟାଯାଇଥିବା ସ୍ଥାନରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି। କୌଣସି ପରିସ୍ଥିତିରେ ଆଉ ଗଛ କାଟିବାକୁ ଦିଆଯିବ ନାହିଁ ବୋଲି ଏହି ସଙ୍ଗଠନର ପ୍ରବକ୍ତା ପ୍ରସନ୍ନ ବିଷୋୟୀ କହିଛନ୍ତି। ବିଧାନସଭା ବାତସ୍ମତି ଏହି ନିନ୍ଦନୀୟ ନିଷ୍ପତ୍ତିରୁ ଓହରି ବଡ଼ ବଡ଼ ଗଛ କିପରି ରହିବ ଓ ବିକଳ୍ପ ବ୍ୟବସ୍ଥା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଯୁଗ୍ମ ଆବାହକ ବାସୁଦେବ ଭଜ କହିଛନ୍ତି।

ବିଧାୟକଙ୍କ ବିଳାସପୂର୍ଣ୍ଣ ଅଟ୍ଟାଳିକା ନିର୍ମାଣ ଲାଗି ଗଛ କଟାଯିବା ପ୍ରସଙ୍ଗ

ନଦୀଘାଟରୁ ୪୮ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଡଙ୍ଗାରେ ଆନ୍ଧ୍ରରୁ ଆସିଥିଲା ୪ କୁଇଣ୍ଟାଲ ଗଞ୍ଜେଇ

କୋରାପୁଟ,୩୦।୫(ସ୍ୱ.ପ୍ର.)

କୋରାପୁଟ ଜିଲା ଲମତାପୁଟ ବ୍ଲକର ଆନ୍ଧ୍ର ସୀମାନ୍ତ ବାଙ୍ଗୁରୁପଦା ନଦୀଘାଟରୁ ୪୮ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ହୋଇଛି। ଘଟଣାରେ ସମ୍ପୃକ୍ତ ବଲାଙ୍ଗୀର ଅଞ୍ଚଳର ସୁବାସ ନାୟକଙ୍କୁ ଲମତାପୁଟ ପୋଲିସ ଗିରଫ କରିଛି।

ଆନ୍ଧ୍ରରୁ ଗଞ୍ଜେଇ ଆସିଥିବା ନେଇ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଡୁପାଲି ବିଶେଷ ସୂତ୍ରରୁ ଖବର ପାଇଥିଲେ। ସେ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ରଙ୍କୁ ଏହାକୁ ଜବତ କରିବା ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଡିପିଓଙ୍କ ନେତୃତ୍ୱରେ ଲମତାପୁଟ ପୋଲିସ ୪ ଜଣିଆ ଟିମ୍ ଗଠନ କରି ଲମତାପୁଟ ବ୍ଲକର ଆନ୍ଧ୍ର ସୀମାବର୍ତ୍ତୀ ବାଙ୍ଗୁରୁପଦା ନଦୀଘାଟରେ ଭୋରରୁ ଚଢ଼ାଉ କରିଥିଲେ। ଆନ୍ଧ୍ରରୁ ଡଙ୍ଗାରେ ୨୦ଟି ବସ୍ତାରେ ୪ କୁଇଣ୍ଟାଲ ୮୫ କେଜି ଚଶହ ଗ୍ରାମ ଗଞ୍ଜେଇ ଆସିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୮ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ପୋଲିସ ଘଟଣାସ୍ଥଳରୁ ବଲାଙ୍ଗୀରର ସୁବାସଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ବେପାରୀମାନେ ଫେରାର ହୋଇଯାଇଛନ୍ତି। ଏହି ଚାଲାଣରେ ବହୁ ସ୍ଥାନୀୟ ଯୁବକ ସାମିଲ ଥିବା ସନ୍ଦେହରେ ପୋଲିସ ଚଢାଉ ଆରମ୍ଭ କରିଛି ବୋଲି ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

ସିଭିଲ୍ ସର୍ଭିସ୍ କୃତକାର୍ଯ୍ୟଙ୍କ ମୁହଁରୁ...

'ଓଡ଼ିଶାବାସୀଙ୍କ ବିକାଶରେ ନିଜକୁ ସାମିଲ କରିବି'

୬୩ ର୍ୟାଙ୍କ ହୋଲ୍‌ଡର

ସୋନପୁର,୩୦।୫(ନି.ପ୍ର.)

ସୋମବାର ପ୍ରକାଶିତ ୟୁପିଏସ୍‌ସି ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୧ରେ ୬୩ ର୍ୟାଙ୍କ ରଖି ଓଡ଼ିଶାର କାର୍ତ୍ତିକ ପାଣିଗ୍ରାହୀ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ଘର ସୋନପୁର ସହର ଗଡ଼ଭିତର ଅଞ୍ଚଳରେ। କାର୍ତ୍ତିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପରିଶ୍ରମର ଫଳ ମିଳିଥିବାରୁ ଖୁସି ଲାଗୁଛି। ଆଗକୁ ସମାଜର ଅବହେଳିତ ବର୍ଗ ଓ ମହିଳାଙ୍କ ଉନ୍ନତି ପାଇଁ କାମ କରିବି। ସୁଯୋଗ ମିଳିଲେ ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସାମିଲ ହେବି। ତୃଣମୂଳସ୍ତରରେ ପ୍ରଶାସନିକ ସୁବିଧା ପହଞ୍ଚାଇବା ପାଇଁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। କାର୍ତ୍ତିକଙ୍କ ମା' ଗୀତା ଜଣେ ଗୃହିଣୀ ହୋଇଥିବା ବେଳେ ବାପା ଶିବଶଙ୍କର ଏବେ ଇଣ୍ଡିଆନ ଏୟାର ଲାଇନ୍‌ସର ଇଞ୍ଜିନିୟର ଭାବେ ଦିଲ୍ଲୀରେ କାର୍ଯ୍ୟରତ। ସେ ମାଡ୍ରାସ ଓ ଥିରୁଭାନନ୍ତପୁରମ୍‌ରେ ପାଠ ପଢ଼ିଛନ୍ତି। କଲିକତା କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ିବା ପରେ ଏବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏମ୍‌ଫିଲ କରୁଛନ୍ତି। ତୃତୀୟ ସୁଯୋଗରେ ସେ ଏହି ସଫଳତା ପାଇଛନ୍ତି। କଠିନ ପରିଶ୍ରମ ଓ ନିଷ୍ଠା ରହିଲେ ସଫଳତା ନିଶ୍ଚୟ ମିଳିବ। ଏହି ସଫଳତା ପାଇଁ ସେ ମା', ବାପା, ବିଟେକ୍ କରୁଥିବା ସାନଭାଇ କୁନାଲ, ଗୁରୁଜନ ଓ ଭଗବାନଙ୍କୁ ଶ୍ରେୟ ଦେଇଛନ୍ତି। ଅନ୍ୟପକ୍ଷେ କାର୍ତ୍ତିକଙ୍କ ଏହି ସଫଳତା ଲାଗି ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁଭେଚ୍ଛା ଜଣାଇଛନ୍ତି। ସେ ଜିଲାକୁ ଗୌରବାନ୍ୱିତ କରିବା ସହ ଆଗକୁ ଆହୁରି ସଫଳତା ଆଣିବେ ବୋଲି ମନ୍ତ୍ରୀ ପୂଜାରୀ ଆଶାପ୍ରକାଶ କରିଛନ୍ତି।

କାର୍ତ୍ତିକ ପାଣିଗ୍ରାହୀ

'ଯେଉଁ ଦାୟିତ୍ୱ ମିଳିବ ସୁଚାରୁ ରୂପେ ତୁଲାଇବି'

୨୬୯ ର୍ୟାଙ୍କ ହୋଲ୍‌ଡର

ରାଉରକେଲା ଅଫିସ,୩୦।୫

ସର୍ବଭାରତୀୟ ସିଭିଲ ସର୍ଭିସେସ୍ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ରାଉରକେଲାରୁ ଅନୁପ ଗର୍ଗ ସର୍ବଭାରତୀୟ ସ୍ତରରେ ୨୬୯ ର୍ୟାଙ୍କ୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି ସଫଳତା ଯୋଗୁ ସମଗ୍ର ରାଉରକେଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ଅନୁପ ଗର୍ଗ

ରାଉରକେଲା ଷ୍ଟେଶନ ରୋଡ୍ ଡିଏଭି ଲାଇନ୍ ଅଞ୍ଚଳର ଶୁଶୀଲ ଗର୍ଗ ଓ ମମତା ଗର୍ଗଙ୍କ ପୁଅ ଅନୁପ। ଶୁଶୀଲ ଜଣେ ବ୍ୟବସାୟୀ ଓ ମମତା ଜଣେ ଗୃହିଣୀ। ଅନୁପ ପ୍ରଥମରୁ ପଞ୍ଚମ ଯାଏ ରାଉରକେଲା ଜଗଦା ସ୍ଥିତ ଏମ୍‌ଜିଏମ୍ ଇଂଲିଶ ମିଡିୟମ୍ ସ୍କୁଲ ଏବଂ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏ ବାଙ୍ଗାଲୋର ବିଶପ୍ କଟନ ବଏଜ ସ୍କୁଲରେ ପଢିଥିଲେ। ଏହାପରେ ସେ ବାଙ୍ଗାଲୋରର ଦୟାନନ୍ଦ ସାଗର ଇଞ୍ଜିନିୟରିଂ କଲେଜରେ ବିଟେକ୍ କଲେ। ସେ ୨୦୧୮ ମସିହାରୁ ଦିଲ୍ଲୀରେ ରହି ସର୍ବଭାରତୀୟ ସିଭିଲ ସର୍ଭିସେସ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଅନୁପ ଦୈନିକ ୧୪ରୁ ୧୮ ଘଣ୍ଟା ପରିଶ୍ରମ କରୁଥିଲେ। ୫ଥର ସର୍ବଭାରତୀୟ ସିଭିଲ ସର୍ଭିସେସ୍ ପରୀକ୍ଷା ଦେବା ପରେ ଷଷ୍ଠ ଥରରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଏହି ସର୍ବଭାରତୀୟ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ସେ ତାଙ୍କ ମା' ବାପା, ସାଙ୍ଗସାଥୀଙ୍କ ସମେତ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଯେଉଁମାନେ ସର୍ବଭାରତୀୟ ସିଭିଲ ସର୍ଭିସେସ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ଚାହିଁବେ ସେ ସେମାନଙ୍କୁ ହ୍ୱାଟ୍ସଆପ୍ ଯୋଗେ ସବୁପ୍ରକାର ସହଯୋଗ କରିବେ ବୋଲି କହିଛନ୍ତି। ଆଗାମୀ ଦିନରେ ଦେଶ ସେବାରେ ତାଙ୍କୁ ଯେଉଁ ଦାୟିତ୍ୱ ମିଳିବ ତାକୁ ସୁଚାର ରୂପେ ତୁଲାଇବେ ବୋଲି ଅନୁପ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ୪ବର୍ଷ ପରେ ତାଙ୍କ ପୁଅ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଶୁଶୀଲ ସହରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏମ୍‌କେସିଜିରେ ଚିକିତ୍ସାଧୀନ ବନ୍ଦୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୩୦।୫

ଏମ୍‌କେସିଜି ମେଡିକାଲରେ ଜଣେ ବିଚାରାଧୀନ ବନ୍ଦୀ (ୟୁଟିପି)ଙ୍କର ସୋମବାର ମୃତ୍ୟୁ ଘଟିଛି। ମୃତକ ଟାଉନ ଥାନା ଅନ୍ତର୍ଗତ ଗେଟ୍‌ବଜାର ଜାଗିଲିସାହିର ମୁନା ବେହେରା(୫୦)। ବୈଦ୍ୟନାଥପୁର ପୋଲିସ ମୃତଦେହ ଜବତ କରି ନଂ.୨୯୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଗତ ୨୭ ତାରିଖ ସକାଳେ ଜାଗିଲିସାହିରେ ବେଆଇନ ଭାବେ ମଦବିକ୍ରି ହେଉଥିବା ଖବର ପାଇ ଟାଉନ ଥାନା ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଦୁଇଟି ପ୍ଲାଷ୍ଟିକ ଜାରରୁ ୨୫ ଲିଟର ଦେଶୀ ମଦ ଜବତ କରିଥିଲା। ମଦ ବିକ୍ରି କରୁଥିବା ମୁନାଙ୍କୁ ଗିରଫକରି ମାମଲା ନମ୍ବର ୧୩୩/୨୨ରେ ପୋଲିସ କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ମୁନା ଗତ ୨୯ ତାରିଖରେ ଅସୁସ୍ଥ ହେବାରୁ ଜେଲ କର୍ତ୍ତୃପକ୍ଷ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ମୁନାଙ୍କ ପରିବାର ଲୋକେ ତାଙ୍କର ଏଭଳି

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି– ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। –ଶ୍ରୀଅରବିନ୍ଦ

ଲଜ୍ଜା ହିଁ ଲଜ୍ଜା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରକୁ ୮ ବର୍ଷ ପୂରିଛି। ଏହି ଅବସରରେ ଭାଜପା ନେତା ଓ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀମାନେ ସରକାରୀ ସଫଳତା ବଖାଣି ମୋଦିଙ୍କ ଗୁଣଗାନ କରୁଛନ୍ତି। ୨୦୨୨ ମେ' ୨୮ରେ ପ୍ରଧାନମନ୍ତ୍ରୀ ଗୁଜରାଟର ରାଜକୋଟରେ ଏକ ହସ୍ପିଟାଲ ଉଦ୍‌ଘାଟନ କରି କହିଥିଲେ ଯେ, ସେ ବିଗତ ୮ ବର୍ଷର ଶାସନ କାଳରେ ଏପରି କୌଣସି କାର୍ଯ୍ୟ କରିନାହାନ୍ତି ବା ଅନ୍ୟ କାହାରିକୁ କରିବାକୁ ଦେଇନାହାନ୍ତି, ଯଦ୍ୱାରା ଦେଶର ନାଗରିକମାନେ ଲଜ୍ଜିତ ହେବେ। ଦେଖିବାକୁ ଗଲେ ଏହି ଅବଧି ମଧ୍ୟରେ ମୋଦି ଏଭଳି ଅନେକ ଜନବିରୋଧୀ, ଶ୍ରମିକ ବିରୋଧୀ, କୃଷକ ବିରୋଧୀ ତଥା ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଯୋଜନା କାର୍ଯ୍ୟକାରୀ କରିଛନ୍ତି, ଯାହାକୁ ନେଇ ଅଧିକାଂଶ ଭାରତୀୟ ଲଜ୍ଜିତ ହେବା କଥା।

ବିଦେଶରୁ କଳାଧନ ଆଣି ଲୋକଙ୍କୁ ବାଣ୍ଟିବାର ପ୍ରତିଶ୍ରୁତି ଦେଇ ୨୦୧୪ରେ କ୍ଷମତାସୀନ ହୋଇଥିବା ମୋଦି ସରକାର ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ କେତେ ଧନ ଗଚ୍ଛିତ ଅଛି ତାହା ଅଦ୍ୟାବଧି ଜାଣିପାରି ନାହାନ୍ତି ଅଥବା ଜାଣିଶୁଣି ସାର୍ବଜନୀନ କରିବାକୁ ଚାହୁଁନାହାନ୍ତି। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ୨୦୨୨ ମସିହା ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ କହି ଦ୍ୱିତୀୟ ଥର ସରକାର ଗଢ଼ିଲେ। କିନ୍ତୁ ଆୟ ଦ୍ୱିଗୁଣିତ କରିବା ଦୂରର କଥା, ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ ଧନୀ ବ୍ୟବସାୟୀଙ୍କ ହାତରେ ଟେକିଦେବା ପାଇଁ ୩ଟି କୃଷି ଆଇନ ଆଣିଥିଲେ। ସେହି ଆଇନକୁ ବିରୋଧ କରି ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କୃଷକମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନ କରିଥିଲେ। ସେତେବେଳେ ଚାଷୀଙ୍କ ଉପରେ ବର୍ବରତା ଓ କଣ୍ଟକିତ ତାରବାଡ଼ ଦେଇ ଧାରଣାସ୍ଥଳକୁ ଘେରିବା ଦୃଶ୍ୟ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରି ଭାରତକୁ ନିନ୍ଦିତ କରିଥିଲା। ୨୦୨୧ ଅକ୍ଟୋବର ୩ରେ ଲଖିମପୁର ଖେରିରେ ଆନ୍ଦୋଳନରତ ୩ ଚାଷୀ ଓ ଜଣେ ଖବରଦାତାଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରାଯିବା ଘଟଣା ବିଦେଶୀ ଗଣମାଧ୍ୟମରେ ସମାଲୋଚିତ ହୋଇଥିଲା। ଏହି ଚାଷୀ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଆଶିଷ ମିଶ୍ରା କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ। ଅଜୟ ଏପର୍ଯ୍ୟନ୍ତ ମନ୍ତ୍ରୀ ପଦରୁ ବିଦା ହୋଇନାହାନ୍ତି। ଉତ୍ତର ପ୍ରଦେଶ ଓ ପଞ୍ଜାବ ସମେତ ୫ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଚାଷୀଙ୍କ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ସରକାର ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ।

ସରକାର ବିରୋଧୀ ମନ୍ତବ୍ୟ ଦେଉଥିବା ବ୍ୟକ୍ତିମାନଙ୍କ ମୁହଁ ବନ୍ଦ କରିବା ପାଇଁ ଦେଶଦ୍ରୋହ (ଆଇପିସି ଦଫା ୧୨୪ଏ) ଏବଂ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ର ଦୁରୁପଯୋଗ ମୋଦିଙ୍କ ଶାସନକୁ ଲୋକଚକ୍ଷୁରେ କଳଙ୍କିତ କରିଛି। ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ ବା ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ବିଶ୍ୱର ୧୮୦ ଦେଶ ମଧ୍ୟରେ ଭାରତର ସ୍ଥାନ ଗତବର୍ଷ ୧୪୨ ଥିବାବେଳେ ଚଳିତବର୍ଷ ୧୫୦କୁ ଖସିଛି। ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୧୬ ଦେଶ ମଧ୍ୟରୁ ଭାରତ ୧୦୧ ସ୍ଥାନରେ ରହି ପଡ଼ୋଶୀ ବାଂଲାଦେଶ, ନେପାଳ ଓ ପାକିସ୍ତାନ ପଛକୁ ଚାଲିଯାଇଛି।

ମୋଦିଙ୍କ ସମୟରେ କେନ୍ଦ୍ର ସରକାର ଇସ୍ରାଏଲ୍‌ର ଏନ୍‌ଏସ୍‌ଓ କମ୍ପାନୀଠାରୁ ପେଗାସସ୍ ନାମକ ସ୍ପାଏୱେର କିଣିଥିଲେ। ବିରୋଧୀ ନେତା, ସାମାଜିକ କର୍ମୀ, ଖବରଦାତା ଓ ବିଚାରପତିମାନଙ୍କ ବିରୋଧରେ ଏହାକୁ ବ୍ୟବହାର କରି ମୋବାଇଲ ଫୋନ୍‌ରେ କଥାବାର୍ତ୍ତା ଜାଣିବା ପାଇଁ ଗୁପ୍ତଚରଗିରି କରାଇଥିଲେ। ପୃଥିବୀର ଅଳ୍ପ କେତୋଟି ଏକଚ୍ଛତ୍ରବାଦୀ ଦେଶ ଏହି ପେଗାସସ୍‌କୁ କିଣିଛନ୍ତି। ତେବେ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ବିଶ୍ୱରେ ପରିଚିତ ଭାରତର ନାମ ଏହି ତାଲିକାର ଶୀର୍ଷରେ ରହିଥିବାରୁ ଦେଶବାସୀଙ୍କ ପାଇଁ ତାହା କେତେ ଗୌରବ ଆଣିଦେଇଛି ମୋଦିଙ୍କ ପ୍ରତ୍ୟେକ ସମର୍ଥକ ଓ ଭାରତୀୟ ବୁଝିପାରୁଥିବେ।

୨୦୧୯ ସେପ୍ଟେମ୍ବର ୨୩ରେ ଆମେରିକାର ହ୍ୟୁଷ୍ଟନରେ ଆୟୋଜିତ 'ହାଓଡି ମୋଦି' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ 'ଅବ୍ କି ବାର୍ ଟ୍ରମ୍ପ୍ ସରକାର' ସ୍ଲୋଗାନ ଦେଇ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। ୨୦୨୦ ଫେବୃୟାରୀ ୨୪ରେ ମୋଦି ଟ୍ରମ୍ପଙ୍କୁ ଗୁଜରାଟ ଡକାଇ ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଷ୍ଟାଡିୟମରେ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ମୋଦି ଭାବିଥିଲେ, ଏସବୁ ଦେଖି ଆମେରିକାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଟ୍ରମ୍ପଙ୍କୁ ଜିତାଇଦେବେ। କିନ୍ତୁ ଆମେରିକୀୟମାନେ ଟ୍ରମ୍ପଙ୍କୁ ହରାଇଦେଇଥିଲେ। କୌଣସି ଦେଶର ଆଭ୍ୟନ୍ତରୀଣ ନିର୍ବାଚନରେ ଭାରତ ହସ୍ତକ୍ଷେପ କରିବାର ଐତିହାସିକ ନଜିର ନାହିଁ। ପ୍ରଧାନମନ୍ତ୍ରୀ ମୋଦି ନିଜ ରାଜନୈତିକ ବୁଦ୍ଧିକୁ ଆଧାର କରି ଏଭଳି ନିଷ୍ପତ୍ତି ନେଇଥିବାରୁ ଭାରତର କୂଟନୀତି ଅଡୁଆରେ ପଡ଼ିଥିଲା। ଟ୍ରମ୍ପ୍ ହାରିଯିବା ପରେ ମୋଦି ସମର୍ଥକ ଏବଂ ଭାରତବାସୀ ଏଥିପାଇଁ ଲଜ୍ଜିତ ହୋଇଥିଲେ।

୨୦୨୦ ମାର୍ଚ୍ଚ ୨୪ରେ ଭାରତରେ କୋଭିଡ୍ ମହାମାରୀର କ୍ୱଚିତ ଲକ୍ଷଣ ଦେଖାଦେଇଥିଲା। ତଥାପି ମୋଦି ଜନତା କର୍ଫ୍ୟୁ ନାମରେ ଲୋକଙ୍କୁ ଘଣ୍ଟ ବାଡ଼ାଇ, ଦୀପ ଜାଳି, ତାଳି ମାରିବା ଭଳି ପରାମର୍ଶ ଦେଇ ଅନ୍ଧବିଶ୍ୱାସ ସୃଷ୍ଟି କରାଇଥିଲେ। ଏଥିଯୋଗୁ ଜନସାଧାରଣ ସତର୍କ ରହିବା ପରିବର୍ତ୍ତେ ଭିଡ଼ ସୃଷ୍ଟି କରି ରାସ୍ତାରେ ବୁଲିବା ଫଳରେ ମହାମାରୀକୁ ଡାକିଆଣିଥିଲେ। ଦେଶବ୍ୟାପୀ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଘଣ୍ଟ ବାଡ଼େଇବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ମୋଦିଙ୍କ କଥାରେ ନେତାଙ୍କଠୁ ନେଇ ଚେଲାଙ୍କ ପର୍ଯ୍ୟନ୍ତ ସମସ୍ତେ ଜୋକର ପାଲଟିଯାଇଥିଲେ। ଛାତ ଉପରେ କିମ୍ବା ବାଲ୍‌କୋନିରେ ଚଢ଼ି ଘଣ୍ଟ ବାଡ଼େଇବା ଦୃଶ୍ୟ ମନେ ପକାଇଲେ ସେମାନେ ଆଜି ଅକୁହା ଲଜ୍ଜାରେ ଜରିଯିବା କଥା। ଏହା ପରେ ମୋଦି ବିନା କୌଣସି ପ୍ରସ୍ତୁତିରେ ହଠାତ୍ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି କରିବାରୁ କଳକାରଖାନାରେ ନିୟୋଜିତ ପ୍ରବାସୀ ଶ୍ରମିକମାନେ ଦେଶର ଏପାଖ ସେପାଖ ଯିବାକୁ ବାଧ୍ୟ ହୋଇଥିଲେ। ବିମୁଦ୍ରୀକରଣ ଭଳି ଏହି ଘୋଷଣା ମଧ୍ୟ ରାତି ୮ ଟାରେ କରାଯାଇ ରେଳ ଓ ଅନ୍ୟ ସବୁ ଯାନବାହନ ବନ୍ଦ କରାଯାଇଥିଲା। ଫଳରେ ଶ୍ରମିକମାନେ ଅନେକ ଶହ କିଲୋମିଟର ଚାଲିକରି ଯାଇ ପ୍ରାଣ ହରାଇଥିଲେ। ତତ୍‌ସହିତ ରୋଗକୁ ଏମୁଣ୍ଡରୁ ସେମୁଣ୍ଡକୁ ନେଇଥିଲେ।

ସମସ୍ତେ ଭାବୁଥିଲେ ମୋଦି ନ ପଢ଼ିକି ଅନର୍ଗଳ ଭାଷଣ ଦେଇପାରନ୍ତି। ୨୦୨୨ ଜାନୁୟାରୀ ୧୭ରେ ୱାର୍ଲ୍ଡ ଇକୋନୋମିକ୍ ଫୋରମ (ଡବ୍ଲ୍ୟୁଇଏଫ୍)ର ଡାଭୋସ୍ ଏଜେଣ୍ଡାକୁ ସମ୍ବୋଧନ କରିବାବେଳେ ଟେଲିପ୍ରମ୍ପଟର ମେଶିନ ଅକାମୀ ହୋଇଯିବାରୁ ମୋଦି ଯେଉଁଭଳି ଭାବେ ନିଜ ଅସହାୟତା ଦେଖାଇ ପାଟି ଫିଟାଇପାରିଲେ ନାହିଁ, ସେଥିରୁ ଭାରତୀୟମାନେ ଲଜ୍ଜିତ ହେଲେ। ଏଥିରୁ ପ୍ରମାଣିତ ହେଲା ଯେ, ସବୁ ଭାଷଣରେ ଯେଉଁ ବିଷୟରେ ମୋଦି କହିଥାଆନ୍ତି ତା'ର ଗଭୀରତାକୁ ଯିବା ପରିବର୍ତ୍ତେ ଅନ୍ୟ କାହା ଦ୍ୱାରା ପ୍ରସ୍ତୁତ ଭାଷଣକୁ ପଢ଼ିଥାନ୍ତି। ସେତେବେଳେ ମୋଦିଙ୍କ ଏହି ନିର୍ବାକ୍‌ଭାବ ତାଙ୍କ ଭକ୍ତଙ୍କୁ ଲଜ୍ଜିତ କରିଥିବ। ସବୁ ଜଟିଳ ସମସ୍ୟା ସମୟରେ ପ୍ରଧାନମନ୍ତ୍ରୀ ନୀରବ ହୋଇଯାଉଥିବା ମଧ୍ୟ ଦେଖିବାକୁ ମିଳେ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ସେଠାକୁ ଯାଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ 'ଦିଦି ଓ ଦିଦି' କହି ଯେପରି କଟାକ୍ଷ କଲେ ତାହା କିପରି ଘୃଣିତ ହୋଇଥିଲା ସେ ବିଷୟରେ ନିର୍ବାଚନ ଫଳାଫଳରୁ ତାଙ୍କ ସମର୍ଥକ ଓ ଦେଶବାସୀ ଭଲଭାବେ ବୁଝିପାରିଲେ। ୨୦୨୧ ନଭେମ୍ବର ୧୬ରେ ତତ୍କାଳୀନ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା କେତେକ ପ୍ରସଙ୍ଗରେ ପିଏମ୍‌ଓ ସହ ଭିତରି ଆଲୋଚନା କରିଥିଲେ। ଏହାଦ୍ୱାରା ଇସିଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ଉଠିଥିଲା। ନିର୍ବାଚନ କମିଶନ ନିଜର ଏଭଳି କାର୍ଯ୍ୟ ଯୋଗୁ କେବଳ ଭାରତରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବିଶ୍ୱସନୀୟତା ହରାଇବସିଲେ।

ମୋଦି ନିଜ ଶାସନ କାଳର ୮ ବର୍ଷ ମଧ୍ୟରେ ଥରୁଟିଏ ହେଲେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ଏନ୍‌ଏଏମ୍) ସମ୍ମିଳନୀରେ ଯୋଗଦେଇ ନାହାନ୍ତି। କାରଣ ୧୯୬୧ରେ ଶୀତଳ ଯୁଦ୍ଧ ବେଳେ ଏହି ରାଷ୍ଟ୍ରସମୂହ ଗଠନରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ନେହେରୁଙ୍କ ସବୁ ନୀତି ଭୁଲ୍ ବୋଲି ପ୍ରମାଣିତ କରିବାକୁ ଯାଇ ମୋଦି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପ୍ରତି ବିମୁଖ ଥିବା କୁହାଯାଏ। କିନ୍ତୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମେ' ୨୯ରେ ଆଇଆଇଟି ଗୁଆହାଟୀରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବାବେଳେ କହିଥିଲେ, ବିଶ୍ୱରେ ଚାଲିଥିବା ସାମ୍ପ୍ରତିକ ଧ୍ରୁବୀକରଣ ପରିପ୍ରେକ୍ଷୀରେ ଭାରତ ନିଜ ଗୋଷ୍ଠୀ ନିରପେକ୍ଷ ଆଭିମୁଖ୍ୟକୁ ବଜାୟ ରଖିଛି। ଏଥିଯୋଗୁ ରୁଷିଆ–ୟୁକ୍ରେନ୍ ସଂଘର୍ଷ ମଝିରେ ଭାରତ ନ ପଡ଼ି କାହାର ପକ୍ଷ ନେଉନାହିଁ ବୋଲି ଜୟଶଙ୍କର ବୁଝାଇଥିଲେ।

ଭାରତର ଅର୍ଥନୀତି କଥା ଦେଖିଲେ ମୁଦ୍ରାସ୍ଫୀତି ବହୁ ଉଚ୍ଚକୁ ଚାଲିଯାଇଛି, ଯାହାର ବାସ୍ତବ ଆକଳନ ସରକାରୀ ତଥ୍ୟରୁ ମିଳିପାରି ନାହିଁ। ବେକାରଙ୍କ ସଂଖ୍ୟା ବଢ଼ିଚାଲିଛି। ବିମୁଦ୍ରୀକରଣ ଭଳି ଜନବିରୋଧୀ ପଦକ୍ଷେପ ଦେଶରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଧ୍ୱଂସ କରିଦେଇଛି। କର୍ମନିଯୁକ୍ତି ସୃଷ୍ଟି ଦିଗରେ କୌଣସି ପ୍ରକାର ପଦକ୍ଷେପ ନିଆଯାଉ ନ ଥିବାରୁ ଆଶାୟୀମାନେ ଚାକିରି ଖୋଜିବା ବନ୍ଦ କରିଦେଲେଣି ବୋଲି ନିକଟରେ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଆଇଏମ୍‌ଇ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏସବୁ ପରେ ମଧ୍ୟ ପ୍ରଧାନମନ୍ତ୍ରୀ କହୁଛନ୍ତି, ସେ କାହା ମୁଣ୍ଡ ତଳକୁ କରାଇନାହାନ୍ତି।

ମନେପଡ଼େ ମୋଦିଙ୍କ ପ୍ରଥମ ୩ ବର୍ଷର ନିତିଦିନିଆ ବିଦେଶ ଭ୍ରମଣ। ଧାରଣା ସୃଷ୍ଟି କରାଯାଇଥିଲା ଯେ, ଦେଶ ଏକ ନୂଆ ଅନ୍ତର୍ଜାତୀୟ ଭାବମୂର୍ତ୍ତି ନିର୍ମାଣ କରିପାରିବ। ବାରମ୍ବାର କୁହାଗଲା ଯେ, ଭାରତୀୟ ପାସ୍‌ପୋର୍ଟର ସମ୍ମାନ ବୃଦ୍ଧି ପାଇଛି। ଆଜି ସ୍ପଷ୍ଟ ବୁଝାପଡୁଛି ମୋଦିଙ୍କର ସବୁ ନେତାଙ୍କୁ କୁଣ୍ଢାଇବା କାହାରିକୁ ପସନ୍ଦ ହୋଇ ନ ଥିଲା। ଆରବ ଦେଶର ମୁସଲମାନ ନେତାମାନଙ୍କ ବ୍ୟତୀତ ଅନ୍ୟ ସବୁ ଦେଶର ସଂସ୍କୃତିରେ ଆଲିଙ୍ଗନକୁ ବିକୃତ ମାନସିକତାର ପରିଚୟ ବୋଲି ବୁଝାଯାଏ। ଆଜି ମୋଦି ସମର୍ଥକଙ୍କ ସମେତ ଭାରତୀୟମାନେ ମଧ୍ୟ ସେହିସବୁ କୁଣ୍ଢାଇବାର ବିଫଳତା ଦେଖି ଲଜ୍ଜିତ ହେବା କଥା।

ନିଜ ନୀତିରେ ନିଜେ ଶିକାର

ପ୍ରକାଶ ତ୍ରିପାଠୀ

ଆଉ ୨ଦିନ ଯାଇଥିଲେ ସ୍କୁଲରେ ଖରାଦିନିଆ ଛୁଟି ହୋଇଥାନ୍ତା। ପିଲାମାନେ ମନଖୁସିରେ ଛୁଟି ମନାଇ ଥାନ୍ତେ। ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣରେ ଯାଇଥାନ୍ତେ ଅବା ନିଜ ସମ୍ପର୍କୀୟଙ୍କ ଘରକୁ ଯାଇ ଛୁଟି କଟାଇଥାନ୍ତେ। ହେଲେ ବିଧିର ବିଧାନ କିଛି ଅଲଗା। ସ୍କୁଲରେ ପଢୁଥିବାବେଳେ ସେମାନଙ୍କ ଜୀବନ ପ୍ରଦୀପ ଲିଭିଗଲା। ଆତତାୟୀଙ୍କ ଗୁଳିମାଡ଼ରେ ସେମାନଙ୍କ ନିରୀହ ପ୍ରାଣ ଚାଲିଗଲା। ଏଭଳି ହୃଦୟ ବିଦାରକ ଘଟଣା ଘଟାଇଛି ଅଧିକ ସଭ୍ୟ ଓ ଶିକ୍ଷିତ କୁହାଯାଉଥିବା ଦେଶ ଆମେରିକାରେ। ଟେକ୍ସାସର ଇଭାଲ୍‌ଡେ ସହରସ୍ଥିତ ରୋବ ପ୍ରାଥମିକ ସ୍କୁଲରେ ଗତ ମେ ୨୪ରେ ଜଣେ ସ୍କୁଲ ଛାତ୍ରଙ୍କ ଗୁଳିମାଡ଼ରେ ୧୯ ଜଣ ଶିଶୁ ଓ ୨ ଜଣ ଶିକ୍ଷୟିତ୍ରୀ ମୋଟ ୨୧ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଶିଶୁମାନଙ୍କ ବୟସ ୫ ରୁ ୧୧ ବର୍ଷ ମଧ୍ୟରେ ହେବ। ଏଭଳି ନାରକୀୟ କାଣ୍ଡ ଘଟାଇଛନ୍ତି ଜଣେ ୧୮ ବର୍ଷୀୟ ହାଇସ୍କୁଲ ଛାତ୍ର ସାଲ୍‌ଭେଡର ରାମୋସ। ଅବଶ୍ୟ ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ରେ ରାମୋସଙ୍କ ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ରାମୋସଙ୍କ ହାତରେ ଥିଲା ଏକ ସେମି ଅଟୋମେଟିକ ରାଇଫଲ ଓ ପାଖରେ ମହଜୁଦ ଥିଲା ହ୍ୟାଣ୍ଡ ଗନ୍ ଓ କିଛି ଗୁଳି ଭର୍ତ୍ତି ମାଗଜିନ। ଗତ କିଛିଦିନ ତଳେ ସେ ତା'ର ଜନ୍ମଦିନରେ ଦୁଇଟି ବନ୍ଧୁକ ଉପହାର ଭାବେ ପାଇଥିଲା। ଉକ୍ତ ଦିନ ପ୍ରଥମେ ସେ ଏହି ବନ୍ଧୁକ ଯୋଗେ ତା'ର ଜେଜେମା ଉପରକୁ ଗୁଳି ଚଳାଇଥିଲା ଓ ସୌଭାଗ୍ୟକ୍ରମେ ଗୁଳିଟି ଜେଜେମା'ଙ୍କ ଦେହରେ ବାଜି ନ ଥିଲା। ଏହାପରେ ସେ ନିଜ କାର ଯୋଗେ ନିକଟସ୍ଥ ସ୍କୁଲ ଭିତରକୁ ଯାଇ ଗୋଟିଏ ଶ୍ରେଣୀଗୃହରେ ଆଖିବୁଜା ଗୁଳି ଚଳାଇ ଥିଲା। ଯଦି ତୁରନ୍ତ ତାକୁ ସୁରକ୍ଷା କର୍ମୀମାନେ ହତ୍ୟା କରି ନ ଥାନ୍ତେ , ତେବେ ମୃତ୍ୟୁ ସଂଖ୍ୟା ଯେ କେତେ ହୋଇଥାନ୍ତା ତାହା କଳ୍ପନା କରିହୋଇ ନ ଥାନ୍ତା। ପ୍ରକାଶଯୋଗ୍ୟ, ଏହାର ମାତ୍ର ୧୦ ଦିନ ପୂର୍ବରୁ ଅର୍ଥାତ୍ ମେ ୧୪ରେ ବ୍ୟୁୟର୍କର ବଫାଲୋ ସହରରେ ଥିବା ଏକ ସୁପର ମାର୍କେଟରେ ୧୮ ବର୍ଷୀୟ ଜଣେ ଯୁବକଙ୍କ ଆଖିବୁଜା ଗୁଳି ଚାଳନାରେ ୧୦ ଜଣଙ୍କ ଜୀବନ ଯାଇଥିଲା।

ଆମେରିକାରେ ବନ୍ଧୁକ ଧରିବା ଏକ ସାଧାରଣ କଥା ଓ ତଜ୍ଜନିତ ଗୁଳିକାଣ୍ଡ ଘଟଣା ବି ଅନୁରୂପ ସାଧାରଣ। ମାତ୍ର ୧୦ ଦିନରେ ୩୦ ରୁ ଅଧିକ ଜୀବନ ଯିବା ତଥା ଶପିଂ ମଲ୍ ଓ ପ୍ରାଥମିକ ସ୍କୁଲରେ ବିନା କାରଣରେ ଗୁଳିକାଣ୍ଡ ଘଟାଇବା ଏହାର ସର୍ବୋତ୍ତମ ଉଦାହରଣ। ଅତି ଉନ୍ନତ ମସ୍‌କେଟ ବନ୍ଧୁକଠାରୁ ମେଶିନ ଗନ୍ ପର୍ଯ୍ୟନ୍ତ ଆମେରିକୀୟଙ୍କ ନିକଟରେ ରହିବା ଅତି ସାଧାରଣ କଥା। ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ଭଳି ବନ୍ଧୁକ ସେଠାରେ କିଣାଯାଇଥାଏ। ଆମେରିକାର ଜନସଂଖ୍ୟା ୩୩୨ ନିୟୁତ, ହେଲେ ସାଧାରଣ ନାଗରିକ ପାଖରେ ରହିଛି ୩୯୩ ନିୟୁତ ବନ୍ଧୁକ। ଅନୁସନ୍ଧାନ କୁହେ, ପ୍ରତିବର୍ଷ ଆମେରିକାରେ ଗୁଳିକାଣ୍ଡଜନିତ ମୃତ୍ୟୁସଂଖ୍ୟା ପ୍ରାୟ ୩୦ ହଜାର। ଏହାର ପ୍ରାୟ ୨୦ ହଜାର ମୃତ୍ୟୁ ହେଉଛି ଆତ୍ମହତ୍ୟା, ଯେଉଁମାନେ କି ନିଜ ବନ୍ଧୁକ ଯୋଗେ ପ୍ରାଣ ହରାଇଥାନ୍ତି। ବନ୍ଧୁକ ପାଖରେ ରଖିବାକୁ ସେଠାରେ ଏକ ମୌଳିକ ଅଧିକାର ଭାବେ ଗ୍ରହଣ କରାଯାଏ। ଜରୁରୀ ପରିସ୍ଥିତିରେ ସାଧାରଣ ନାଗରିକଙ୍କୁ ନିଜ ପାଖରେ ଆତ୍ମରକ୍ଷା ନିମନ୍ତେ ବନ୍ଧୁକ ରଖିବାକୁ ସେଠାରେ ଅନୁମତି ଦିଆଯାଇଥାଏ। ଆମେରିକାର ବନ୍ଧୁକ ନୀତି ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ରହିଛି। ଅତୀତରେ ଏହିପରି ଅନେକ ଗୁଳିକାଣ୍ଡ ଘଟିବା ପରେ ପରେ ସେଠାକାର ରାଷ୍ଟ୍ରପତିମାନେ ବନ୍ଧୁକ ନୀତିରେ ପରିବର୍ତ୍ତନ ପାଇଁ ଘୋଷଣା କରିଥାନ୍ତି, ମାତ୍ର ପର ମୁହୂର୍ତ୍ତରେ ମୌନତା ଅବଲମ୍ବନ କରିଥାନ୍ତି। ଏବର ଗୁଳିକାଣ୍ଡ ଘଟଣାକୁ ଅନ୍ତର୍ଜାତୀୟ ଲଜ୍ଜା ଭାବେ ଅଭିହିତ କରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି, ବହୁତ ହୋଇଗଲା, ଆଉ ନୁହେଁ। ଗୁଳିକାଣ୍ଡ ଯୋଗୁ ନିରୀହ ଶିଶୁ ଓ ନାଗରିକଙ୍କ ମୃତ୍ୟୁ ଉପରେ ସେ ବାରମ୍ବାର ମନ୍ତବ୍ୟ ଦେଇ ଦେଇ ଥକି ପଡ଼ିଲେଣି। କେବଳ ଆମେରିକା ନୁହେଁ, ସବୁ ରାଷ୍ଟ୍ରରେ ନାଗରିକ ମାନଙ୍କ ମାନସିକ ସମସ୍ୟା ରହିଛି, ପାରିବାରିକ ବିବାଦ ରହିଛି। ହେଲେ ଏଭଳି ହିଂସା କେଉଁଠାରେ ହେଉନାହିଁ। କାହିଁକି ଆମେମାନେ ଏଭଳି ଗୁଳିକାଣ୍ଡ ଭଳି ଏକ ଅତି ହିଂସାତ୍ମକ ବାତାବରଣରେ ବାରମ୍ବାର ରହୁଛେ। ପ୍ରତ୍ୟେକ ମାତାପିତାଙ୍କ ପୀଡ଼ା କମ୍ ପାଇଁ, ଏ ଦେଶର ପ୍ରତ୍ୟେକ ନାଗରିକଙ୍କ ପୀଡ଼ା କମ୍ କରିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏବେ ଆଉ ମନ୍ତବ୍ୟ ପ୍ରଦାନ ନୁହେଁ,

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସର୍ବଶ୍ରେଷ୍ଠ ସମ୍ମାନ 'ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା' ଉତ୍ସବ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ମଧ୍ୟାହ୍ନ ୧୨ଟା।
- ସଂକଳ୍ପ ପକ୍ଷରୁ 'ଶତାବ୍ଦୀର ଓଡ଼ିଶା'ର ୨ ଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନ, ସଂକଳ୍ପ ମିଡିଆ ଓ କନ୍‌ଭେନ୍‌ଶନ, ଇନ୍‌ଫୋସିଟି ରୋଡ୍, ମଧ୍ୟାହ୍ନ ୧୨ଟା।
- ନୃତ୍ୟାତ୍ମା ପକ୍ଷରୁ ପରମବ୍ରହ୍ମ-୨୦୨୨ରେ ଗୁରୁ କଣ୍ଟୁରି ଚରଣ ପୁରସ୍କାର, ସୂଚନା ଭବନ, ଅପରାହ୍ନ ୪ଟା ୩୦।
- କଲେଜ ଅଫ ବେସିକ୍ ସାଇନ୍ସ ଓ ହ୍ୟୁମାନିଟିଜ୍‌ର ୫୬ତମ ବାର୍ଷିକ ଉତ୍ସବ, କଲେଜ ପରିସର, ଅପରାହ୍ନ ୫ଟା।
- 'ଅରବିନ୍ଦାୟନ: ଡ. ଅରବିନ୍ଦ ପଟ୍ଟନାୟକଙ୍କ ସାରସ୍ୱତ ସୌନ୍ଦର୍ଯ୍ୟ ଓ ସୌରଭ' ପୁସ୍ତକ ଉନ୍ମୋଚନ ଉତ୍ସବ, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ମୁକ୍ତି ଚିନ୍ତନ ମଞ୍ଚ ଆନୁକୂଲ୍ୟରେ ୧୭୯ତମ ଆଲୋଚନାଚକ୍ରରେ ବିସ୍ଫୋରକ ପ୍ରସଙ୍ଗ, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।

କଟକ

- ଏଆଇଡିଏସ୍‌ଓ ପକ୍ଷରୁ ସେଲ୍‌ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ସିଟ୍ ହ୍ରାସ ବିରୋଧରେ ବିକ୍ଷୋଭ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି, କଟକ ଜିଲା ଶାଖା ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ଅପରାହ୍ନ ୧ଟା।
- କଳା ବିକାଶ କେନ୍ଦ୍ର ପକ୍ଷରୁ ବାବୁଲାଲ ଜୋଷୀଙ୍କ ୧୦୫ତମ ଜୟନ୍ତୀ ଅବସରରେ ସାଂସ୍କୃତିକ ସମାରୋହର ଉଦ୍‌ଯାପନୀ, କେନ୍ଦ୍ର ପରିସର, କେଭିକେ ମାର୍ଗ, ସନ୍ଧ୍ୟା ୬ଟା ୩୦।
- କବି ନନ୍ଦକିଶୋର ସାମଲଙ୍କ ସ୍ମୃତି ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀ ଶ୍ରୀ ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବରେ ସୂର୍ଯ୍ୟପୂଜା ଓ ଗୋପୂଜା, ବାଲିଅନ୍ତା ତଳଗଡ଼ସ୍ଥିତ ବେଲେଶ୍ୱର ପୀଠ ପରିସର, ପୂର୍ବାହ୍ନ ୯ଟା।

ସୁନା ଦୋକାନୀଙ୍କୁ ଗୁଳି କରି ଲୁଟିଥିବା ମାନିଲେ

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

ରାଜଧାନୀର ବିଭିନ୍ନ ସ୍ଥାନରେ ଘଟିଥିବା ଲୁଟ୍, ରାହାଜାନୀ, ଡକାୟତି ଆଦି ମାମଲାରେ କଟୁରି ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। ଗିରଫ ହୋଇଥିବା ୮ଜଣଙ୍କ ମଧ୍ୟରୁ ୨ ଅଭିଯୁକ୍ତ ରାଜେଶ ମହାପାତ୍ର ଓ ରବିନ ଶତପଥୀଙ୍କୁ ଶନିବାରଠାରୁ ୫ ଦିନିଆ ରିମାଣ୍ଡରେ ଆଣି ଅପରାଧ ପେଡିର ଗୁମର ଖୋଲୁଛି ଖଣ୍ଡଗିରି ଥାନା ପୋଲିସ। ରିମାଣ୍ଡର ଦ୍ୱିତୀୟ ଦିନରେ ଅଭିଯୁକ୍ତଦ୍ୱୟ ସାମନ୍ତରାପୁର ଛକ ସୁନା ଦୋକାନୀ ଓ ତାଙ୍କ କର୍ମଚାରୀଙ୍କୁ ଗୁଳିମାଡ଼ କରି ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିବାରୁ ପୋଲିସ ସୋମବାର ସେମାନଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ ରିକ୍ରିଏଶନ କରିଛି। କିଭଳି ଲୁଟ୍ କରିଥିଲେ ଓ ଲୁଟିବା ପରେ ଧରା ନ ପଡିବା ଲାଗି କେଉଁ କେଉଁ ରାସ୍ତାରେ ଯାଇଥିଲେ ତାହା କରି ଦେଖାଇଥିଲେ। ଅଭିଯୁକ୍ତମାନେ ସୁନା ଦୋକାନୀଙ୍କଠାରୁ ସୁନା ଥିବା ଭାବି ଏକ ବ୍ୟାଗ୍ ଲୁଟି ନେଇଥିଲେ। ସେଥିରେ ଏକ ଟିଫିନ ବକ୍ସ ଥିଲା। ଉକ୍ତ ଟିଫିନ ବକ୍ସରେ କିଛି ନ ଥିବା ଦେଖି ଲିଙ୍ଗିପୁର ନିକଟ ଦୟାନଦୀ କୂଳର ଏକ ସ୍ଥାନରେ ତାହାକୁ ଫିଙ୍ଗି ପଳାଇଥିଲେ। ସେମାନଙ୍କ କହିବାନୁସାରେ ପୋଲିସ ଉଭୟଙ୍କୁ ଉକ୍ତ ସ୍ଥାନକୁ ନେଇ ଟିଫନ୍ ବକ୍ସ ଜବତ କରିଛି। ହେଲେ ଲୁଟ୍‌ବେଳେ ଦୋକାନୀଙ୍କୁ ଗୁଳି କରିଥିବା ବନ୍ଧୁକ କେଉଁଠାରେ ଅଛି ସେସମ୍ପର୍କରେ ଅଭିଯୁକ୍ତ ଦ୍ୱୟ ମୁହଁ ଖୋଲିନାହାନ୍ତି। ଏଥିସହ ଅନ୍ୟାନ୍ୟ ଘଟଣାରେ ଲୁଟ ଜିନିଷ କାହାକୁ ଦେଇଛନ୍ତି ସେସମ୍ପର୍କରେ ପଚାରଉଚରା କରିଛି।

ଦୟାନଦୀ କୂଳରେ ୨ ଅଭିଯୁକ୍ତ ଟିଫିନ୍ ଫିଙ୍ଗିଥିବା ସ୍ଥାନ ଦେଖାଉଛନ୍ତି।

ସୂଚନାନୁଯାୟୀ, ଗତ ୧୩ ତାରିଖରେ ଉକ୍ତ ଗ୍ୟାଙ୍ଗ ବରମୁଣ୍ଡାରେ ବଡ ଧରଣର ଡକାୟତ ଯୋଜନା କରୁଥିବାବେଳେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଗ୍ୟାଙ୍ଗ୍‌ର ଅନ୍ୟତମ ସଦସ୍ୟ ଚକରା ଓରଫ ଚକ୍ରଧର ବାରିକ ପୋଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଏନ୍‌କାଉଣ୍ଟରରେ ଆହତ ହୋଇ ଧରାପଡିଥିଲେ। ତାଙ୍କୁ ପଚରାଉଚରାବେଳେ ତାଙ୍କ ଗ୍ୟାଙ୍ଗ୍ ସମ୍ପର୍କରେ ଜଣାପଡିଥିଲା। ତାଙ୍କ ବୟାନ ଆଧାରରେ ପୋଲିସ ରବିନ, ରାଜେଶଙ୍କ ମା' ଜ୍ୟୋତ୍ସ୍ନାରାଣୀଙ୍କ ସମେତ ୭ ଜଣକୁ ଗିରଫ କରିଥିଲା। ପରେ ଫେରାର ଥିବା ରାଜେଶ ଏନ୍‌କାଉଣ୍ଟର ଭୟରେ ଗତ ୨୬ରେ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏହାପରେ ରାଜେଶଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରିଥିଲା ପୋଲିସ। କିନ୍ତୁ ରବିନଙ୍କ ଭୂମିକା ଅଧିକ ରହିଥିବାରୁ ଉଭୟଙ୍କୁ ୧୦ ଦିନିଆ ରିମାଣ୍ଡ ପାଇଁ ଖଣ୍ଡଗିରି ଥାନା ପୋଲିସ ଆବେଦନ କରିଥିଲା।

ରାଜେଶ, ରବିନଙ୍କ କ୍ରାଇମ ସିନ୍ ରିକ୍ରିଏଶନ କଲା ପୋଲିସ

- ■ଦୟାନଦୀ କୂଳରୁ ମିଳିଲା ଟିଫିନ ବକ୍ସ
- ■ବନ୍ଧୁକକୁ ନେଇ ମୁହଁ ଖୋଲିଲେନି ଦୁଇ ଅଭିଯୁକ୍ତ

ସାବିତ୍ରୀ ଅମାବାସ୍ୟା ଅବସରରେ ସୋମବାର ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ ନୀତି ପାଇଁ ପୁରୀ ସମୁଦ୍ର କୂଳକୁ ନିଆଯାଉଛି।

ରାଜଭବନରେ ଦୁଇଦିନିଆ ଚିତ୍ରଶିଳ୍ପୀ ଶିବିର

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଓଡ଼ିଶା ଉତ୍କୃଷ୍ଟ କଳାର ଦେଶ। ଏଠାରେ ସୃଜନର ପରମ୍ପରା ଆହୁରି ପ୍ରକାଶିତ ଓ ପରିବ୍ୟାପ୍ତ ହେଉଛି ବୋଲି ସୋମବାର ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ରାଜଭବନରେ ଦୁଇଦିନିଆ ଚିତ୍ରଶିଳ୍ପୀ ଶିବିରର ଉଦ୍‌ଘାଟନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଏହି ଶିବିରରେ ରାମହରି ଜେନା, ବଳଦେବ ମହାରଥା, ରବିନାରାୟଣ ରଥ, ମାନସରଞ୍ଜନ ଜେନା, ସୁବାସ ପୂଜାହାରୀ, ପ୍ରବୀର କୁମାର ଦଳାଇ, ଶଶିକାନ୍ତ ରାଉତ, ପ୍ରବୋଧ କୁମାର ସାହୁ, ଜନାର୍ଦ୍ଦନ ପରମଗୁରୁ, ଚନ୍ଦ୍ରଶେଖର ବେହେରା, ଚନ୍ଦ୍ରଶେଖର ସେଠୀ, ବିଦ୍ୟୁତ୍‌ଲତା ପାଟ୍ଟଶାଣୀ, ଅତସୀ ବସୁ, ମୋନାଲିସା ବିଶ୍ୱାଳ ପ୍ରମୁଖ ପ୍ରସିଦ୍ଧ ଶିଳ୍ପୀମାନେ ଯୋଗ ଦେଇଥିଲେ। ମଙ୍ଗଳବାର ରାଜ୍ୟପାଳ ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିବେ।

ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି

ପୁରୀ ଅଫିସ, ୩୦।୫: ଜ୍ୟେଷ୍ଠ ମାସ ଅମାବାସ୍ୟା (ସାବିତ୍ରୀ ଅମାବାସ୍ୟା) ଅବସରରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ଏଥିଲାଗି ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିଲା। ଭୋର ୫ଟା ୩୫ରେ ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ହୋଇ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସେହିପରି ଆଲଟ ଓ ଚନ୍ଦନ ଲାଗି ପରେ ମହାପ୍ରଭୁଙ୍କ ବେଶ ବଢ଼ି ଯାତ ଭୋଗ ହୋଇଥିଲା। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଏବଂ ମା' ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ଆଙ୍କାମାଳ ପାଇ ପାଲିଙ୍କିକୁ ବିଜେ ହୋଇଥିଲେ। ଶ୍ରୀମନ୍ଦିର ପରିସରସ୍ଥ ରୋହିଣୀ କୁଣ୍ଡ ନିକଟ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ମଣ୍ଡପ ମଧ୍ୟଭାଗ କୁଣ୍ଡରେ ସୁବାସିତ ଜଳରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ବିଜେ କରିଥିଲେ। ଠାକୁର ଓ ଠାକୁରାଣୀଙ୍କୁ ପ୍ରସାଦ ଲାଗି ପରେ ଚନ୍ଦନପାଣି ପିଚ୍‌କାରି ନୀତି ବଢ଼ି ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ପରେ ଠାକୁର, ଠାକୁରାଣୀଙ୍କ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇଥିଲା। ମାଳଫୁଲ ଲାଗିକରାଯିବା ସହ ବେଶ ବଢ଼ିଥିଲା। ବନ୍ଦାପନା ନୀତି ପରେ ଠାକୁର ଓ ଠାକୁରାଣୀ ବାହୁଡ଼ା ବିଜେ କରିଥିଲେ। ଏହାପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା।

'ଘୁଙ୍ଗୁର, ବଂଶୀ ଧରାଇବାର କ୍ଷମତା ଉତ୍କଳ ପ୍ରଦେଶର ରହିଛି'

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

କୈଳାସ ହେଉ କି ଶ୍ମଶାନ, ସବୁଠି ଆନନ୍ଦ ଓ ଉତ୍ସବ ପାଳନ କରାଯାଏ। ଦିବ୍ୟ ଅଲୌକିକ ସଙ୍ଗୀତର ଆନନ୍ଦ ଓ ଅଖଣ୍ଡ ରସ ସାରା ବିଶ୍ୱରେ ସବୁବେଳେ ପ୍ରବାହ ହେଉଥାଏ। ସଙ୍ଗୀତ ଧ୍ୟାନକୁ ମଧ୍ୟ ଭାଙ୍ଗି ଦେଇଥାଏ। ପାଦରେ ଘୁଙ୍ଗୁର ଓ ହାତରେ ବଂଶୀ ଧରାଇବାର କ୍ଷମତା ସାରା ବିଶ୍ୱରେ କେବଳ ଉତ୍କଳ ପ୍ରଦେଶର ରହିଛି। ଏମିତି କେହି ନାହିଁ ଯିଏ ନାଚି ନାହିଁ। ଶ୍ରୀକୃଷ୍ଣ, ନଟବରଠୁ ନେଇ ମିଜାଇଲ ବି ନାଚିଥାଏ। ନୃତ୍ୟକୁ କେହି ନଷ୍ଟ କରିପାରିବେ ନାହିଁ। ନର୍ତ୍ତକକୁ ନୃତ୍ୟଠାରୁ କେହି ଅଲଗା କରି ପାରିବେ ନାହିଁ। ବାଳକୃଷ୍ଣ ତାଙ୍କ ସଙ୍ଗୀତ ବଳରେ ପ୍ରଭୁଙ୍କ ପାଖରେ ପହଞ୍ଚିଯାଉଥିଲେ। ତେଣୁ ନୃତ୍ୟ, ସଙ୍ଗୀତକୁ ସମସ୍ତେ ଗ୍ରହଣ ଓ ଉପଭୋଗ କରିବା ଆବଶ୍ୟକ। ନ ହେଲେ ପୁଣି ଏକ ମହାଭାରତ ହୋଇପାରେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ସୋମବାର ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୩୦ତମ ବାର୍ଷିକୋତ୍ସବ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୯୯ତମ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।

ଗୁରୁ ଘନଶ୍ୟାମ ପଣ୍ଡା ପାଇଲେ 'ବାଳକୃଷ୍ଣ ଦାଶ ସମ୍ମାନ'

ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ବରେଣ୍ୟ ଅତିଥି ଭାବେ ରାଜସ୍ୱ ଓ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଲେ, ଚଉପଦୀ, ଚମ୍ପୁ, ଛାନ୍ଦ, ଚଉତିଶା, ଭଜନ, ଜଣାଣ, ଗୀତଗୋବିନ୍ଦ, ଓଡ଼ିଶାର ଲୋକ ସଙ୍ଗୀତ, ଆଧୁନିକ ସଙ୍ଗୀତରେ ବାଳକୃଷ୍ଣ ଥିଲେ ପ୍ରବୀଣ। ସ୍ନିଗ୍ଧ, ମଧୁର, ଆକର୍ଷଣୀୟ କଣ୍ଠ ସ୍ୱରରେ ସେ ସମସ୍ତଙ୍କୁ ମୁଗ୍ଧ କରି ପାରୁଥିଲେ।

ଏହି ଅବସରରେ ଓଡ଼ିଶା ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ଗୁରୁ ଘନଶ୍ୟାମ ପଣ୍ଡାଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଓ ମାନପତ୍ର ଦିଆଯାଇଛି। ସେହିପରି ଭଜନ ସାମ୍ରାଜ୍ଞୀ ଶାନ୍ତିଲତା ବାରିକ ଛୋଟରାୟଙ୍କୁ 'ସଙ୍ଗୀତ ସରସ୍ୱତୀ', ବାଦ୍ୟ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ 'ବାଦ୍ୟ ସରସ୍ୱତୀ', ବେହେଲା ବାଦକ ପଣ୍ଡିତ ଆର୍ତ୍ତତ୍ରାଣ ଶତପଥୀଙ୍କୁ 'ଗୀତି ସରସ୍ୱତୀ' ସମ୍ମାନରେ ବିଭୂଷିତ କରାଯାଇ ସମ୍ମାନ ସ୍ୱରୂପ ୧୦ହଜାର ଟଙ୍କାର ଅର୍ଥରାଶି, ତାମ୍ରଫଳକ ଓ ଉପଢୌକନ ଦିଆଯାଇଛି। ଯୁବ ପ୍ରତିଭା ମନୋଜ କୁମାର ମାଟିଙ୍କୁ 'ସଙ୍ଗୀତ ସୁଧାକର ସ୍ମୃତି ବୃତ୍ତି' ଓ ୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିବାବେଳେ ଖବରଦାତା କେଶବ ପାଣି ଓ ସୁକେଶ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଡ. ସଚ୍ଚିକାନ୍ତ ନାୟକଙ୍କ ପୁସ୍ତକ 'ଛାନ୍ଦ ସମୀକ୍ଷା' ଲୋକାର୍ପିତ ହୋଇଥିଲା। ଫାଉଣ୍ଡେଶନ ସଭାପତି କ୍ଷୀରୋଦ ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଗୁରୁ ରାମହରି ଦାସ ସମ୍ପାଦକୀୟ ବିବରଣୀ ପାଠ ଓ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। ପରେ ବାଳକୃଷ୍ଣ ଦାଶଙ୍କ ନିର୍ଦ୍ଦେଶିତ ବିଭିନ୍ନ ସଙ୍ଗୀତ ପରିବେଷିତ ହୋଇଥିଲା।

୧ରୁ ଭୁବନେଶ୍ୱରରେ ବଢ଼ିବ ଛେନା, ପନିର ଦର

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

ଓମ୍‌ଫେଡ୍ ଗତ ୨୧ ତାରିଖରୁ କ୍ଷୀର ଲିଟର ପିଛା ୨ଟଙ୍କା ବୃଦ୍ଧି କରିଛି। ଏଥିସହ ଅନ୍ୟ ଦୁଗ୍ଧ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟ ଦର ବୃଦ୍ଧି କରିଛନ୍ତି। ଫଳରେ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀମାନେ ଦରବୃଦ୍ଧି ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜୁନ୍ ୧ରୁ ଛେନା ଓ ପନିର ଦର ବୃଦ୍ଧି କରିବାକୁ ଭୁବନେଶ୍ୱର ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଛି। ସଂଘର ସୂଚନାନୁସାରେ, କ୍ଷୀର ଦରବୃଦ୍ଧି ଯୋଗୁ ପ୍ରତି କେଜି ଛେନା ଉପରେ ୧୨ଟଙ୍କା କ୍ଷତି ସହିବାକୁ ପଡୁଛି। କ୍ଷୀର ଦର ସହ ଡିଜେଲ ଓ ପେଟ୍ରୋଲ ଦର ବୃଦ୍ଧି ହେବା ଫଳରେ ଗ୍ରାମାଞ୍ଚଳରୁ ଛେନା ଆଣି ରାଜଧାନୀକୁ ଯୋଗାଉଥିବା ବ୍ୟବସାୟୀଙ୍କ ଉପରେ ପରିବହନଜନିତ ଆର୍ଥିକ ବୋଝ ପଡୁଛି। ଏଥିସହ ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପରୋକ୍ଷରେ ହେଉ ଅବା ପ୍ରତ୍ୟକ୍ଷ ଭାବେ ସମସ୍ତଙ୍କୁ ପ୍ରଭାବିତ କରୁଛି। ଏ ସମସ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଛେନା ଓ ପନିର ଦର ପୁନଃ ନିର୍ଦ୍ଧାରଣ ହୋଇଛି। ଛେନା କିଲୋ ପିଛା ୧୮୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ପନିର କିଲୋ ପିଛା ୨୨୦ ଟଙ୍କା କରାଯାଇଛି। ନିର୍ଦ୍ଧାରିତ ତାରିଖରୁ ଭୁବନେଶ୍ୱରର ସମସ୍ତ ମିଷ୍ଟାନ୍ନ ଭଣ୍ଡାରରେ ଏହି ଦର ଲାଗୁ ହେବ ବୋଲି ସଂଘ ସଭାପତି ଦିଲୀପ ହାଲି ଓ ସାଧାରଣ ସମ୍ପାଦକ ବେଣୁଧର ବେହେରା ସୋମବାର ଏକ ପ୍ରେସ୍‌ବିଜ୍ଞପ୍ତି ଜରିଆରେ ଜଣାଯାଇଛନ୍ତି।

ଭୁବନେଶ୍ୱର ପଳାଶପଲ୍ଲୀଠାରେ ସୋମବାର ଓଡ଼ିଶା କିନ୍ନର ମହାସଂଘ ପକ୍ଷରୁ ସାବିତ୍ରୀ ବ୍ରତ ପାଳନ କରାଯାଉଛି।

ସାବିତ୍ରୀ ଅମାବାସ୍ୟାରେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସୋମବାର ଭୁବନେଶ୍ୱର ଜଗନ୍ନାଥ ନଗରରେ ମହିଳାମାନେ ଚଉରା ମୂଳରେ ପୂଜାର୍ଚ୍ଚନା କରୁଛନ୍ତି।

କଟକ ଗଡ଼ଗଡେଶ୍ୱର ମନ୍ଦିର ପରିସର ବରଗଛ ମୂଳରେ ବିହାରୀ ସମ୍ପ୍ରଦାୟର ମହିଳାମାନେ ସାବିତ୍ରୀ ବ୍ରତ ପୂଜା କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

METROSELFIE@GMAIL.COM

@ ନୀରଞ୍ଜନ

@ ବିଶ୍ୱଜିତ୍

@ ସୁଶାନ୍ତ

@ ଦିବେସ୍

@ ପୁଷ୍ପମ

@ ଶୁଭେନ୍ଦ୍ର

ସଂକ୍ଷେପରେ

୧୫ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ପିପିଲି,୩୦।୫(ଡି.ଏନ୍.ଏ.): ବ୍ରାଉନସୁଗାର କାରବାର ଅଭିଯୋଗରେ ପିପିଲି ଉତ୍ତରା ଛକ ନିକଟରୁ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ତାଙ୍କଠାରୁ ୧୫ ଗ୍ରାମ ବ୍ରାଉନସୁଗାର ସହିତ ଏକ ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଧଉଳିଥାନା ଅନ୍ତର୍ଗତ କୁମାରଢିହି ଜଗନ୍ନାଥପୁରପାଟଣା ଗ୍ରାମର ମକରା ସାହୁ(୪୦)। ଏ ନେଇ ପୋଲିସ ଏକ ମାମଲା(ନଂ.୨୪୮/୨୨) ରୁଜୁ କରି ତଦନ୍ତ ଚାଲିଥିବା ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ମିଳିଥିବା ସୂଚନା ମୁତାବକ, ପିପିଲି ଥାନା ଉତ୍ତରା ଫାଣ୍ଡି ଅନ୍ତର୍ଗତ ଉତ୍ତରା ଛକ ନିକଟରେ ଜଣେ ଯୁବକ ଏକ ବାଇକ୍ ଧରି ବୁଲୁଥିବାବେଳେ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ତାଙ୍କ ନିକଟରୁ ୧୫ ଗ୍ରାମ ବ୍ରାଉନସୁଗାର ମିଳିବା ପରେ ଗିରଫ କରିଥିଲେ।

ସଡ଼କ ଦୁର୍ଘଟଣା: ଭାଜପା ନେତାଙ୍କ ଭାଇ ମୃତ

ଆଠଗଡ଼, ୩୦।୫(ସ୍ୱ.ପ୍ର.)- ଆଠଗଡ ଉପଖଣ୍ଡ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କଜଳକଣା ଛକରେ ରବିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡର ଭାଜପା ନେତା ବଜ୍ରେନ୍ଦ୍ର ରାଏଙ୍କ ସାନ ଭାଇ ରବୀନ୍ଦ୍ର କୁମାର (୫୭)। ତାଙ୍କ ଘର ରାଧାଦର୍ଶନପୁରରେ। ସେ ରାତିରେ କଟକରୁ ରାଧାଦର୍ଶନପୁରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଖବରପାଇ ଗୁରୁଡିଝାଟିଆ ପୋଲିସ ତାଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ସକାଳେ ରବୀନ୍ଦ୍ର ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଦୁର୍ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପଦ୍ମିନୀ କେୟାରରେ ସେଣ୍ଟ୍ରାଲ ଆଇସିୟୁ ଉଦ୍‌ଘାଟିତ

କଟକ ଅଫିସ,୩୦।୫- ପଦ୍ମିନୀ କେୟାର ହସ୍ପିଟାଲରେ ସେଣ୍ଟ୍ରାଲ ଆଇସିୟୁ ସୋମବାର ଲୋକାର୍ପିତ ହୋଇଛି। ୮ ଶଯ୍ୟା ବିଶିଷ୍ଟ ଏହି ଆଇସିୟୁକୁ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ଏଥିସହ ରଥ କହିଥିଲେ, ଜଟିଳ ପରିସ୍ଥିତିରେ ରୋଗୀ ଚିକିତ୍ସା ଲାଗି ଏହା ସହାୟକ ହେବ। କାର୍ଯ୍ୟକ୍ରମରେ ସହ ଅଧକ୍ଷ ଇଞ୍ଜିନିୟର ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ଚିତ୍ତରଞ୍ଜନ ଦାସ, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ଡା. ବିଶ୍ୱମୋହନ ମହାପାତ୍ର, ଡା. ବିପ୍ଳବୀ ଏସ୍. ଦାସ, ଡା. ହିମାଂଶୁ ମିଶ୍ର, ଡା. ସ୍ୱାତୀ ସମୀକ୍ଷା, ଡା. ଦୀପକ ସ୍ୱାଇଁ, ଡା. ବରୁଣ ଚନ୍ଦ୍ର ଗୁଣ୍ଡା, ଡା. ରାଜେଶ ମହାନ୍ତି, ଡା. ଦୁର୍ଗାପ୍ରସାଦ ମିଶ୍ର, ଡା. ବିଶ୍ୱଜିତ୍ କାନୁନଗୋ, ଡା. ମେହେବୁବ୍ ଅଲ୍ଲୀ, ପ୍ରଦ୍ୟୁତ୍ ଷଡଙ୍ଗୀ, କୌସ୍ତୁଭ ମୁଖାର୍ଜୀ, ସଞ୍ଜୀବ ପ୍ରହରାଜ, ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମିନୀ କେୟାର ହସ୍ପିଟାଲରେ ଆଇସିୟୁ ଶଯ୍ୟା ସଂଖ୍ୟା ଏବେ ୧୪କୁ ବୃଦ୍ଧି ପାଇଛି।

ଆନ୍ତଃଜିଲା ଗାଡ଼ି ଚୋର ଗ୍ୟାଙ୍ଗ ଧରାପଡ଼ିଲା

ଭୁବନେଶ୍ୱର(ବ୍ୟୁରୋ)/ ଜଟଣୀ, ୩୦।୫(ଡି.ଏନ୍.ଏ.):

- ୩ ଗିରଫ, ଚୋରି ବୋଲେରୋ, ବାଇକ୍ ଓ ମୋବାଇଲ ଜବତ
- ଚୋରା ଗାଡିରେ ଛେଳି, ମେଣ୍ଢା ଚାଲାଣ କରୁଥିଲେ

ଗାଡ଼ି ଚୋରି ମାମଲାର ତଦନ୍ତବେଳେ ଜଟଣୀ ଥାନା ପୋଲିସ ଏକ ଆନ୍ତଃଜିଲା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି। ଉକ୍ତ ଗ୍ୟାଙ୍ଗ୍‌ର ୨ଜଣ ସଦସ୍ୟଙ୍କ ସମେତ ୩ଜଣଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ବ୍ଲକ ଅଧୀନ ବେଣାପଞ୍ଚାରୀ ଗ୍ରାମର ସେକ୍ ଇବଦୁଲ୍ଲା ଓରଫ କୁର୍ବାନ (୨୧), ମହମ୍ମଦ ସମ୍‌ସେର ଓରଫ ହୋମୋ (୩୨) ଓ ପିପିଲି ଥାନା ଦାନଗୋହିର ଅଞ୍ଚଳର ଧଡ଼ିଆ ଓରଫ ମହମ୍ମଦ ନୁର୍ ହୋତା। ସେମାନଙ୍କଠାରୁ ପୋଲିସ ଗୋଟିଏ ଚୋରି ପିକ୍‌ଅପ୍ ଭ୍ୟାନ୍, ନମ୍ବର ବିହୀନ ୟାମାହା ମୋଟରସାଇକେଲ, ଏକ ପଲସର ଓ ଗୋଟିଏ ମୋବାଇଲ୍ ଫୋନ ଜବତ କରିଛି। ପଚରାଉଚରାବେଳେ ପୋଲିସକୁ ଗ୍ୟାଙ୍ଗ୍ ସମ୍ପର୍କରେ ବହୁ ତଥ୍ୟ ମିଳିଛି। ଏହି ଗ୍ୟାଙ୍ଗ୍ ଖୋର୍ଦ୍ଧା, ପୁରୀ, ନୟାଗଡ଼ ଆଦି ଜିଲାରେ ବେଶ୍ ସକ୍ରିୟ ରହିଥିବାବେଳେ ଚୋରି, ଡକାୟତି, ଲୁଟ୍, ରାହାଜାନୀ ଆଦି ଅପରାଧରେ ସମ୍ପୃକ୍ତ ଥିବା ଜଣାପଡିଛି। ବିଶେଷକରି ଗାଡି ଚୋରି କରି ସେଥିରେ ନାନା ବେଆଇନ୍ କାରବାର ସହ ଅପରାଧ ଘଟାଇଥାନ୍ତି। ଜବତ ବୋଲେରୋକୁ ସେମାନେ ଚୋରି କରିଥିବା ବେଳେ ତାହାକୁ ଛେଳି, ମେଣ୍ଢା ଓ ଅନ୍ୟାନ୍ୟ ଜୀବଜନ୍ତୁ ଚାଲାଣର ବ୍ୟବହାର କରିଥାନ୍ତି। ଏନେଇ ପୋଲିସ ମାମଲା (ନଂ.୧୮୧/୨୨) ରୁଜୁ କରି ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲଶ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ କୁର୍ବାନଙ୍କ ନାମରେ ପୂର୍ବରୁ ଜଟଣୀ ଓ ବେଗୁନିଆ ଥାନାରେ ୩ଟି, ଖୋର୍ଦ୍ଧା ସଦର ଥାନା, ନିରାକାରପୁର ଓ ଚାନ୍ଦପୁର ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେ ଅଭ୍ୟାସଗତ ଭାବେ ବିଭିନ୍ନ ଅପରାଧରେ ଲିପ୍ତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି ଧାରା-୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଏହି ଗ୍ୟାଙ୍ଗରେ ଏକାଧିକ ବ୍ୟକ୍ତି ସାମିଲ ଥିବାରୁ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ବିଭିନ୍ନ ସ୍ଥାନରେ ପୋଷ୍ଟର ମାରିବା ସହ ଚଢ଼ାଉ ଓ ତଦନ୍ତ ଜାରି ରଖିଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଜଟଣୀ ଥାନାରେ ହୋଇଥିବା ଦିଲୀପ କୁମାର ଭୁଜବଳଙ୍କ ଏତଲା ମୁତାବକ ଗତ ୧୪ ତାରିଖରେ କେହି ଦୁର୍ବୃତ୍ତ ଘର ନିକଟରୁ ତାଙ୍କ ବୋଲେରୋ (ଓଆ.ର୍.୦୨ବି୍ୱ।ଇ୫୫୬୫)କୁ ଚୋରି କରିନେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଖୋର୍ଦ୍ଧା ଥାନାଞ୍ଚଳରୁ ଉକ୍ତ ପିକ୍‌ଅପ୍ ଭ୍ୟାନ, ପୁରୀ ତାଳବଣିଆ ଅଞ୍ଚଳରୁ ଚୋରି ହୋଇଥିବା ଏକ ନମ୍ବର ବିହୀନ ୟାମାହା ମୋଟରସାଇକେଲ, ନିରାକାରପୁର ଅଞ୍ଚଳରୁ ଚୋରି ହୋଇଥିବା ଏକ ଭିଭୋ ମୋବାଇଲ୍ ଫୋନ୍ ସହିତ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ପଲସର ଗାଡିକୁ ଜବତ କରିଥିଲା।

ମନନ ନାଟ୍ୟ ସଂସ୍ଥା ଓ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ନାଟ୍ୟ କର୍ମଶାଳାର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ସାମ୍ରାଜ୍ୟ ପତନର ବେଳା'ର ଏକ ଦୃଶ୍ୟ।

ସରିଲା ନାଟ୍ୟ କର୍ମଶାଳା

ଭୁବନେଶ୍ୱର,୩୦।୫(ବ୍ୟୁରୋ):

ମନନ ନାଟ୍ୟ ସଂସ୍ଥା ଭୁବନେଶ୍ୱର ଏବଂ ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ପକ୍ଷରୁ ଗତ ୨ତାରିଖରୁ ଆରମ୍ଭ ହୋଇଥିବା ନାଟ୍ୟ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅରୁଣା ମହାନ୍ତି, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଉପ ସଭାପତି ମନ୍ମଥ ଶତପଥୀ, ଶଙ୍କର ତ୍ରିପାଠୀ, ମନୋଜ ପଟ୍ଟନାୟକ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ନାଟ୍ୟ ଶିବିରର ମୁଖ୍ୟ ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ନାଟକ 'ସାମ୍ରାଜ୍ୟ ପତନର ବେଳ' ପରିବେଶିତ ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ଶଙ୍କର ତ୍ରିପାଠୀ ଏହାର ରଚନା କରିଥିବାବେଳେ ଶିବିର ନିର୍ଦ୍ଦେଶକ ଦେବାନନ୍ଦ ନାୟକ ସୋନି ନିର୍ଦ୍ଦେଶନା ଦେଇଛନ୍ତି। ନାଟକଟି ଏକ ବାସ୍ତବବାଦର ଚିତ୍ର ବହନ କରୁଥିବା କାହାଣୀରୁ ସ୍ପଷ୍ଟ ଅନୁମେୟ। ସରକାର ବନ୍ଧୁକ ତିଆରି କାରଖାନା ପ୍ରତିଷ୍ଠା ପାଇଁ ଗାଁରୁ ଲୋକଙ୍କୁ ଉଚ୍ଛେଦ କରୁଛନ୍ତି। ସାଧାରଣ ଜନତାର ବିରୋଧର ସ୍ୱରକୁ କିପରି ରାଜନୀତି ଏବଂ କୂଟନୀତି ଚାପିଦେଇଛି ତା'ର ନିଚ୍ଛକ ଚିତ୍ରକୁ ନିର୍ଦ୍ଦେଶକ ଦେବାନନ୍ଦ ତୋଳି ଧରିବାରେ ସକ୍ଷମ ହୋଇଛନ୍ତି।

ତିନି ରଥର ଚଉଦ ନାହାକା ନିର୍ମାଣ ଶେଷ

ପୁରୀ ଅଫିସ, ୩୦।୫:

ଦଣ୍ଡା, ଅଖ ତିଆରି ଚାଲିଛି

ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସୋମବାର ସୁଦ୍ଧା ତିନିରଥର ମୋଟ ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ସରିଛି। ଶେଷ ୩ଟି ଚକ ନିର୍ମାଣ ପାଇଁ ୩ଟି ତୁମ୍ବରେ ଅର ସଂଯୋଗ ହୋଇ ତୁମ୍ବଅରରେ କଣ୍ଟାବସି ସିଙ୍ଗଡ଼ା ବାଡ଼ିଆ ହେବା ପରେ ତୁମ୍ବରେ ଅଖବିନ୍ଧ ସରି ପନ୍ଦାରୀ ବସି ପନ୍ଦାରୀ ଗାଡ଼ ଖୋଦେଇ ସହ ବଳା ବସିଛି। ତିନିରଥର ଚାରିନାହାକା ଓ ଚଉଦ ନାହାକା ନିର୍ମାଣ ଶେଷ ହୋଇଛି। ସ୍ନାନପୂର୍ଣ୍ଣିମା ଆଗକୁ ଥିବାରୁ ରଥର ମୂଳଦୁଆ ପଡ଼ିବା ପାଇଁ ଦଣ୍ଡା ଅଖ ନିର୍ମାଣ ଜାରି ରହିଛି। ତାଳଧ୍ୱଜ ରଥର ଶେଷ ଚକ ତିଆରି ଲାଗି ତୁମ୍ବରେ ଅର ସଂଯୋଗ ହୋଇ ତୁମ୍ବ ଅରରେ କଣ୍ଟା ବସିଥିଲା। ତୁମ୍ବରେ ଅଖବିନ୍ଧ ପରେ ପନ୍ଦାରୀ ଓ ବଳା ବସି ପନ୍ଦାରୀ ଗାଡ଼ ଖୋଦେଇ ସରିଛି। ତିନି ଭୂଇଁ ନିର୍ମାଣ ଲାଗି ୧୨ଟି ଭୂଇଁ ଚଉତାର ବିନ୍ଧ ଓ ଆଡ଼ି ବିନ୍ଧ ୧୦ଟି ସରି, ଦୁଇଟି ଚଉତାର ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୬ ଓରାର ବିନ୍ଧ ଓ ଆଡ଼ି ବିନ୍ଧ ଶେଷ ହୋଇଛି। ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ସରିଛି। ଗୋଟିଏ ନାହାକା ଅଖ ଓ ବ୍ରେକ ଅଖ ନିର୍ମାଣ ଶେଷ ହୋଇଛି। ଦେବଦଳନ ରଥର ଶେଷ ଚକ ନିର୍ମାଣ ପାଇଁ ତୁମ୍ବରେ ଅର ସଂଯୋଗ ହୋଇ କଣ୍ଟା ବସିବା ପରେ ଅଖବିନ୍ଧ ହୋଇ ବଳା ଓ ପନ୍ଦାରୀ ବସି ପନ୍ଦାରୀ ଗାଡ଼ ଜାରି ରହିଛି। ଚଉତା, ଓରାରେ ବିନ୍ଧ ଓ ଆଡ଼ି ବିନ୍ଧ ସରିଛି। ଗୋଟିଏ ନାହାକା ଅଖ ଏବଂ ବ୍ରେକ ଅଖ ନିର୍ମାଣ ଶେଷ ହୋଇଛି। ନନ୍ଦିଘୋଷ ରଥର ଶେଷ ଚକ ନିର୍ମାଣ ପାଇଁ ତୁମ୍ବରେ ଅର ସଂଯୋଗ ହୋଇ ତୁମ୍ବ ଅରରେ କଣ୍ଟା ବସିଥିଲା। ପରେ ତୁମ୍ବରେ ଅଖ ବିନ୍ଧ ହୋଇ ବଳା ଓ ପନ୍ଦାରୀ ବସି ପନ୍ଦାରୀ ଗାଡ଼ ଖୋଦେଇ ସରିଛି। ସମସ୍ତ ଚଉତା, ଓରାରେ ବିନ୍ଧ ଓ ଆଡ଼ିବିନ୍ଧ ଶେଷ ହୋଇଛି। ନାହାକା ଅଖ ସରି ବାକି ଅଖଗୁଡିକର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରୂପକାର ସେବକମାନେ ଡିଖଗୁଜରେ ସିଂହ ବିରାଳ ରୂପ- ଖୋଦେଇ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଖ ସେବକମାନେ ଘଡ଼ିମୁହଁ ଦଣ୍ଡା କଣ୍ଟାଦଣ୍ଡା ବଡ଼ିଆ କଣ୍ଟା ଏବଂ ଧ୍ୱଜ ବତା କଣ୍ଟା ପ୍ରସ୍ତୁତିରେ ଲାଗିଛନ୍ତି।

ସାବିତ୍ରୀ ବ୍ରତ ପୂର୍ବରୁ ଦୁନିଆ ଛାଡ଼ିଲେ ନବବଧୂ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

- ମୃତଦେହ ଜବତ
- ଥାନାରେ ହତ୍ୟା ମାମଲା ରୁଜୁ

ସୋମବାର ସାବିତ୍ରୀ ବ୍ରତ ପାଇଁ ପ୍ରସ୍ତୁତି ସରିଥିଲା। ହେଲେ ଏହାର ଗୋଟିଏ ଦିନ ପୂର୍ବରୁ ସରକନ୍ତରା ଗ୍ରାମର ଜଣେ ନବବଧୂ ଦୁନିଆ ଛାଡ଼ିଛନ୍ତି। ତାଙ୍କ ମୃତଦେହକୁ ଖଣ୍ଡଗିରି ଥାନା ପୋଲିସ ରବିବାର ଜବତ କରିଛି। ମୃତା ମହିଳା ହେଲେ ପ୍ରଭାବତୀ ନାୟକ(୨୭)। ପୋଲିସ ମୃତଦେହକୁ ଏମ୍‌ସରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହେଲେ ପ୍ରଭାବତୀଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ତାଙ୍କ ମା' ମାଧବୀଲତା ନାୟକ ଥାନାରେ ଅଭିଯୋଗ କରିଛନ୍ତି। ତଦନୁଯାୟୀ ପୋଲିସ ଆଇପିସି ଦଫା ୩୦୨, ୪୯୮ଏ, ୩୦୪ବି, ୩୪ ଏବଂ ଯୌତୁକ ନିରୋଧୀ ଆଇନ ଅନୁଯାୟୀ ଏକ ମାମଲା (ନଂ.୨୮୮/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଜାଣିବା ପାଇଁ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି।

ସୂଚନା ଅନୁଯାୟୀ, ସରକନ୍ତରା ଗ୍ରାମର ପ୍ରକାଶ ଖୁଣ୍ଟିଆ ମଧ୍ୟପ୍ରଦେଶର ଗ୍ୱାଲିଅରରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ସେ ମାଟ୍ରିମୋନିଆଲ ୱେବ୍‌ସାଇଟ୍ ଜରିଆରେ ଭଦ୍ରକ ଜିଲା ତିହିଡ଼ି ଥାନା ଅଣ୍ଡରାଇ ଗ୍ରାମର ପ୍ରଭାବତୀ ନାୟକଙ୍କ ସହ ଯୋଗଯୋଗ କରିଥିଲେ। ଗତ ଏପ୍ରିଲ ୩୦ରେ ଦୁହିଁଙ୍କ ବିବାହ ହୋଇଥିଲା। ବିବାହ ପରେ ସେମାନେ ଗ୍ୱାଲିଅରରେ ରହୁଥିଲେ। ସାବିତ୍ରୀ ବ୍ରତ ପାଇଁ ୪ଦିନ ତଳେ ଦୁହେଁ ଘରକୁ ଫେରିଥିଲେ। ରବିବାର ସନ୍ଧ୍ୟାରେ ପ୍ରଭାବତୀ ରୁମ୍‌ର କବାଟ ଖୋଲି ନ ଥିଲେ। ପରିବାର ଲୋକ କବାଟ ଭାଙ୍ଗି ଫ୍ୟାନରେ ଝୁଲୁଥିବା ପ୍ରଭାବତୀଙ୍କୁ ଉଦ୍ଧାର କରି ଏମ୍‌ସ ନେଇଯାଇଥିଲେ। ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା।

ମହିଳା ଡାକ୍ତରଙ୍କୁ ମାଡ଼

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ବ୍ୟବସାୟୀଙ୍କୁ ଗିରଫ କଲା ପୋଲିସ

ଗାଡ଼ି ପାର୍କିଂକୁ କେନ୍ଦ୍ର କରି ଜଣେ ମହିଳା ଡାକ୍ତରଙ୍କୁ ମାଡ଼ ହୋଇଛି। ଅଭିଯୋଗ ପରେ ଲକ୍ଷ୍ମୀସାଗର ଥାନା ପୋଲିସ ସୋମବାର ଅଭିଯୁକ୍ତ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଶାରଳା ନଗର ପ୍ଲଟ୍ ନଂ.୨୧୭ରେ ରହୁଥିବା ବିଶ୍ୱଜିତ ସ୍ୱାଇଁ(୫୭)। ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ବିଶ୍ୱଜିତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ତାଙ୍କ ସ୍ତ୍ରୀ ମଧ୍ୟ ସମ୍ପୃକ୍ତ ଅଛନ୍ତି ବୋଲି ପୋଲିସ କହିଛି।

ଅଭିଯୋଗ ଅନୁଯାୟୀ, ଆକ୍ରମଣର ଶିକାର ମହିଳା ଡାକ୍ତର ହେଲେ ହୀନା ଗୁପ୍ତା। ଅଭିଯୁକ୍ତ ବ୍ୟବସାୟୀ ବିଶ୍ୱଜିତ ହେଉଛନ୍ତି ତାଙ୍କର ପଡୋଶୀ। ଶନିବାର ସକାଳେ ହୀନା ସ୍କୁଟି ନେଇ ହସ୍ପିଟାଲ ଯିବାବେଳେ ତାଙ୍କ ଗାଡ଼ି ବିଶ୍ୱଜିତଙ୍କ କାର୍ ମିରର୍‌ରେ ଘଷି ହୋଇ ଯାଇଥିଲା। ରବିବାର ରାତି ପ୍ରାୟ ୧୦ଟାରେ ହୀନା ଓ ତାଙ୍କ ମା' ସୁଚିତ୍ରା ଘରକୁ ଫେରୁଥିଲେ। ଏହି ସମୟରେ ବିଶ୍ୱଜିତ ତାଙ୍କ କାର୍‌କୁ ହୀନାଙ୍କ ଘରକୁ ଯାଇଥିବା ଗଳି ରାସ୍ତା ଉପରେ ରଖିଦେଇଥିଲେ। ହୀନା ହର୍ନ ବଜାଇବାରୁ ବିଶ୍ୱଜିତ କାର୍‌ରୁ ବାହାରି ତାଙ୍କୁ ଗାଳିଗୁଳଜ କରିଥିଲେ। ତାଙ୍କ କାର୍ ସାଇଡ୍ ମିରର୍ ଦାଗ କଥା କହି ପାଟିକରିବାରୁ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବିଶ୍ୱଜିତ ଓ ତାଙ୍କ ସ୍ତ୍ରୀ ମିଶି ହୀନା ଏବଂ ତାଙ୍କ ମା'ଙ୍କୁ ମାଡ଼ ମାରିଥିଲେ। ଏଥିସହ ବିଶ୍ୱଜିତ୍ ତାଙ୍କ ସହ ପରିବାରକୁ ହତ୍ୟା ଧମକ ଦେଇଥିଲେ ବୋଲି ହୀନା ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ପୋଲିସ ଆଇପିସି ଦଫା ୩୪୧, ୨୯୪, ୩୨୩, ୫୦୬, ୩୫୪, ୩୪ରେ ଏକ ମାମଲା (ନଂ.୨୦୬/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ମଧୁପୁରରେ ସରିଲା ରାମଲୀଳା

ବାରଙ୍ଗ,୩୦।୫(ଡି.ଏନ୍.ଏ.)

ସୀତାକାନ୍ତ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ମଧୁପୁର ଗାଁରେ ଚାଲିଥିବା ରାମଲୀଳା ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ରାମଲୀଳାର ପ୍ରଥମ ଦିବସରେ ସୀତା ବିବାହ, ଦ୍ୱିତୀୟ ଦିବସରେ ରାମ ବନବାସ ଏବଂ ଶେଷ ଦିନରେ ସୀତା ଚୋରି ଶୀର୍ଷକ ନାଟକ ପରିବେଷଣ ହୋଇଥିଲା। ଗ୍ରାମର ଯୁବକ ଏଥିରେ ସହଯୋଗ କରିବା ସହ ଏହା ଗାଁର ଏକ ପ୍ରମୁଖ ପର୍ବ ହୋଇଥିବାରୁ ଗାଁରେ ଆମିଷ ପ୍ରବେଶକୁ ବାରଣ ସହ ସମସ୍ତେ ନୀତିନିୟମରେ ରହିଥିଲେ। ଏହାକୁ ଦେଖିବା ପାଇଁ ଆଖପାଖ ଗାଁରୁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ପୁଣି ରଜଠାରୁ ୪ ରାତି ରାମଲୀଳା କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

ମହିଳା କଏଦୀ ପାଳିଲେ ସାବିତ୍ରୀ ବ୍ରତ

ଚୌଦ୍ୱାର,୩୦।୫(ଡି.ଏନ୍.ଏ) :

ଚୌଦ୍ୱାର ମଣ୍ଡଳ କାରାଗାରରେ ବିଚାରଧୀନ କଏଦୀ ଭାବେ ଜୀବନ ଅତିବାହିତ କରୁଥିବା ୨୮ଜଣ ମହିଳା ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ମହିଳାଙ୍କ ପାଇଁ ଜେଲ କର୍ତ୍ତୃପକ୍ଷ ନୂଆ ଶାଢି, ଶଙ୍ଖା, ସିନ୍ଦୂର ସହିତ ବିଭିନ୍ନ ପ୍ରକାରର ଫଳ ଓ ପୂଜା ସାମଗ୍ରୀ ଯୋଗାଇଦେଇଥିଲେ। ଏହି ମହିଳାଙ୍କ ମଧ୍ୟରୁ ୧୧ଜଣଙ୍କ ସ୍ୱାମୀ ଜେଲରେ ସଜା କାଟୁଥିବା ବେଳେ ଅନ୍ୟ ମହିଳାଙ୍କ ସ୍ୱାମୀମାନେ ଜେଲକୁ ଆସି ସ୍ତ୍ରୀମାନଙ୍କୁ ଭେଟିଥିବା ଜେଲ ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରା ପ୍ରକାଶ କରିଛନ୍ତି। ସୂଚନାଯୋଗ

ସଂକ୍ଷେପରେ

ଅଗ୍ନିକାଣ୍ଡ: ୨ ବଖରା ଜଳିଗଲା

ବୋଲଗଡ଼,୩୦।୫(ଡି.ଏନ୍.ଏ.): ବୋଲଗଡ଼ ତହସିଲ ତଥା ବାଙ୍କୋଇ ରାଜସ୍ୱ କ୍ଷେତ୍ର ଅଧୀନ ସହଜପୁର ଗ୍ରାମରେ ସୋମବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୨ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ସହଜପୁର ଗ୍ରାମର ଆଦର ବେଓ୍ୱାଙ୍କ ଚୁଲିନିଆଁରୁ ଝୁଲ ଉଡ଼ି ନିଆଁ ଲାଗିଥିଲା। ଏଥିରେ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅପରାହ୍ନରେ ବଡ଼କୁମ୍ଭାରି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ସ୍ଥାନୀୟ ସମିତିସଭ୍ୟ ରଞ୍ଜନ ଲେଙ୍କା ପହଞ୍ଚି ଖାଦ୍ୟ, ବସ୍ତ୍ର ଓ ଅର୍ଥ ସାହାଯ୍ୟ କରିଥିବା ଜଣାପଡ଼ିଛି।

ବୋମାମାଡ଼ ଘଟଣାରେ ଜଣେ ଗିରଫ

ଜଟଣୀ,୩୦।୫(ଡି.ଏନ୍.ଏ.): ଜଟଣୀ ପୋଲିସ ଏକ ଚୋରି ଓ ବୋମାମାଡ଼ ଘଟଣାରେ ବେଣାପାଞ୍ଜରୀ ଅଞ୍ଚଳର କୁରବାନ ଓରଫ ଏସ୍. କେ. ଅବଦୁଲ୍ଲାକୁ ଗିରଫ କରିଛି। ସୂଚନା ମୁତାବକ, ବେଣାପାଞ୍ଜରୀ ଗ୍ରାମର ଏସ.କେ. ନଇମଙ୍କ ବାଇକକୁ ଅବଦୁଲ୍ଲା ଚୋରି କରି ନେବା ସମୟରେ ନଇମ ପାଟି କରିବାରୁ ଗାଡି ଘଟଣାସ୍ଥଳରେ ଛାଡି ପଳାଇଥିଲା। ପରେ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ନଇମଙ୍କ ଉପରେ ବୋମାମାଡ କରିଥିଲା। ଏନେଇ ନଇମଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୮୭/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

ଟ୍ରାନ୍ସଫର୍ମରରେ ନିଆଁ

ଖୋର୍ଦ୍ଧା ଅଫିସ,୩୦।୫: ଖୋର୍ଦ୍ଧା ପୁରୁଣା ଫାୟାର ଷ୍ଟେଶନ ଛକ ନିକଟ ଆଇସିଆଇସି ବ୍ୟାଙ୍କ ସମ୍ମୁଖରେ ଥିବା ୫୦୦କେଭି ଟ୍ରାନ୍ସଫର୍ମର ରବିବାର ରାତିରେ ହଠାତ ଜଳି ଉଠିଥିଲା। ଖବରପାଇ ଖୋର୍ଦ୍ଧା ବିଦ୍ୟୁତ୍ ବିଭାଗ କର୍ମଚାରୀ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚକ ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଓଭରଲୋଡ଼ିଂ କାରଣରୁ ଶର୍ଟସର୍କିଟ ହୋଇ ଏଭଳି ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଉଭୟ ବିଦ୍ୟୁତ୍ ଓ ଅଗ୍ନିଶମ ସଂସ୍ଥାର ତ୍ୱରିତ ପଦକ୍ଷେପ ଯୋଗୁ ଏକ ବଡଧରଣର ଅଘଟଣ ଟଳିଯାଇଛି। ବିଦ୍ୟୁତ ବିଭାଗର ରକ୍ଷଣାବେକ୍ଷଣ ଅବହେଳାରୁ ଏଭଳି ହୋଇଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

ଜନସେବା କେନ୍ଦ୍ର ପୋଡ଼ିଦେବା ଅଭିଯୋଗ, ଥାନାରେ ମାମଲା

ବେଗୁନିଆ,୩୦।୫(ଡି.ଏନ୍.ଏ.): ବେଗୁନିଆ ଥାନା ଅନ୍ତର୍ଗତ ଚୋତିପାଳଙ୍ଗ ଛକରେ ଭୁଆଶୁଣୀ ପାଟଣା ଗ୍ରାମର ସୁଶୀଲ କୁମାର ଜାଲିଙ୍କ ଏକ ସହଜ ଜନସେବା କେନ୍ଦ୍ର ରହିଛି। ସବୁଦିନ ପରି ରବିବାର ରାତି ୯ଟାରେ ସୁଶୀଲ କେନ୍ଦ୍ର ବନ୍ଦକରି ଘରକୁ ଆସିଥିଲେ। କେହି ଅସାମାଜିକ ବ୍ୟକ୍ତି ରାତି ପ୍ରାୟ ସାଢେ ୯ଟାରେ ଉକ୍ତ କେନ୍ଦ୍ରର ଶଟର ତଳେ ଅଗ୍ନି ସଂଯୋଗ କରିଦେଇଥିଲେ। କେନ୍ଦ୍ରରୁ ଧୂଆଁ ବାହାରୁଥିବା ଦେଖି କେତେଜଣ ସୁଶୀଲଙ୍କୁ ଜଣାଇଥିଲେ। ସେ ପହଞ୍ଚି କେନ୍ଦ୍ରରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉଦ୍ଧାର କରିଥିଲେ। ସୁଶୀଲଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୨୩/୨୨) ରୁଜୁକରି ତଦନ୍ତ ଚଳାଇଛି।

କୋଟପା ଆଇନ ପ୍ରହସନ, ସଚେତନତା ବାଟବଣା

ଖୋର୍ଦ୍ଧା ଅଫିସ/ବେଗୁନିଆ, ୩୦।୫(ଡି.ଏନ୍.ଏ.)

ଧୂମପାନ ହେଉ କିମ୍ବା ତମାଖୁ ସେବନର ଭୟାବହତା ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଆସୁଛନ୍ତି। ଏହା ସତ୍ତ୍ୱେ ନିଶା ସେବନକାରୀଙ୍କ ମଧ୍ୟରେ କୌଣସି ପରିବର୍ତ୍ତନ ଆସୁନାହିଁ। ତମାଖୁ ଏବଂ ଅନ୍ୟ ନିଶା ବର୍ଜନ, ସଚେତନତା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩୧ ତାରିଖରେ ପାଳନ ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ। ସରକାର ଏ ବାବଦକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ବର୍ଷରେ ଗୋଟିଏ ଦିନ ସରକାରୀ ତଥା ବେସରକାରୀ ସ୍ତରରେ ଏହାକୁ ପାଳନ କରାଯାଉଛି। ବାକି ୩୬୪ ଦିନ ଏହା ଉପରେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ତମାଖୁ ବ୍ୟବହାର ବଢ଼ିଚାଲିଛି। ସିଗାରେଟ୍ ଆଣ୍ଡ ଅଦର ଟୋବାକୋ ପ୍ରଡକ୍ଟ ଆକ୍ଟ (କୋଟପା)ଜିଲାରେ ପ୍ରହସନ ପାଲଟିଛି। ୨୦୧୩ ମସିହାରୁ ଗୁଟ୍‌ଖା ସମେତ

ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ

ଅନ୍ୟାନ୍ୟ ତମାଖୁ ସାମଗ୍ରୀର ଉତ୍ପାଦନ, ବିକ୍ରି ଏବଂ ବ୍ୟବହାର ଓଡ଼ିଶାରେ ଆଇନତଃ ନିଷିଦ୍ଧ କରାଯାଇଥିଲେ ମଧ୍ୟ ବିକ୍ରି ବଢ଼ିଚାଲିଛି। ପ୍ରଶାସନର ଅବହେଳା ଯୋଗୁ ଏହି ଆଇନ ପ୍ରହସନ ପାଲଟିଛି। ସହରାଞ୍ଚଳଠାରୁ ଗ୍ରାମାଞ୍ଚଳର ବ୍ୟବସାୟିକ ପ୍ରତିଷ୍ଠାନ, ଫୁଟ୍‌ପାଥ୍ ଓ ପାନ ଦୋକାନରେ ଖୁଲମ୍‌ଖୁଲା ଏହା ବିକ୍ରି ଚାଲିଛି। ଶିକ୍ଷାନୁଷ୍ଠାନଠାରୁ ୧୦୦ ମିଟର ଦୂରତା ମଧ୍ୟରେ ତମାଖୁ ବିକ୍ରି କରାଯାଇପାରିବ ନାହିଁ ବୋଲି ଆଇନରେ ଉଲ୍ଲେଖ ରହିଛି। ମାତ୍ର ଜିଲାର ବହୁ ଶିକ୍ଷାନୁଷ୍ଠାନ ନିକଟରେ ଏହା ଖୁଲମ୍‌ଖୁଲା ବିକ୍ରି ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ବୋଲି ଆଇନଜୀବୀ ଶିଶିର ପରିଡ଼ା କହିଛନ୍ତି। କେତେକ ସରକାରୀ କାର୍ଯ୍ୟାଳୟ ପରିସରରେ ମଧ୍ୟ ବ୍ରିକି ଚାଲିଥିବା ଅଭିଯୋଗ ହେଉଛି। ସର୍ବସାଧାରଣରେ ନିଶା ସେବନ, ଛେପ ପକାଇବା ଆଇନତଃ ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ଏହାକୁ ମାନୁନାହାନ୍ତି। ସରକାରୀ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ଗୁଟୁଖା, ପାନ ସେବନ କରି କାମ କରୁଥିବା ଦେଖିବାକୁ ମିଳୁଛି। ତେବେ ଗୁଟୁଖା କାରବାର ରୋକିବା ଲାଗି ଜିଲା ସ୍ତରରେ ଟାସ୍କ ଫୋର୍ସ ରହିଛି। ପ୍ରଶାସନର ଅବହେଳା ଯୋଗୁ ତମାଖୁ ବିକ୍ରି ବଢି ଚାଲିଛି ବୋଲି ସାମାଜିକ କର୍ମୀ ସତ୍ୟନାରାୟଣ ବିଶୋଇ କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

ଏପାନେ କ'ଣ କୁହନ୍ତି...

ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ସଚେତନ କରାଯାଉଛି। ଏଥିଲାଗି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଚଳିତବର୍ଷର ତମାଖୁ ବର୍ଜନ ଦିବସର ଥିମ ହେଉଛି ତମାଖୁ ପରିବେଶ ପ୍ରତି ବିପଦ। ଏଥିପ୍ରତି ସମସ୍ତେ ସଜାଗ ଏବଂ ସଚେତନ ହେଲେ, ଏହାକୁ ରୋକାଯାଇପାରିବ।

- ଆର୍ତ୍ତବନ୍ଧୁ ନାୟକ, ସିଡିଏମଓ, ଖୋର୍ଦ୍ଧା

ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣିବା, ପାନଛେପ ପକାଇବା ଦ୍ୱାରା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛୁ। କେବଳ ସରକାର ନୁହଁ ଲୋକେ ଏଥିପ୍ରତି ସଚେତନ ହେବା ଜରୁରୀ ।

- ଗୋପାଳକୃଷ୍ଣ ଦାସ, ବୁଦ୍ଧିଜୀବୀ

ସରକାର ଗୁଟଖା ବିକ୍ରି ଓ ପ୍ରସ୍ତୁତ ଉପରେ କଟକଣା ଲାଗୁ କରିଥିଲେ ମଧ୍ୟ ଅବାଧରେ ଏହା ବିକ୍ରି ହେଉଛି। ସରକାର ଗୁଟଖାକୁ ବ୍ୟାନ କରି ଅସାଧୁ ବ୍ୟବସାୟୀଙ୍କୁ ପରୋକ୍ଷରେ ବ୍ୟବସାୟ କରିବା ପାଇଁ ଅନୁମତି ଦେଲେ। ମାତ୍ର କଟକଣାକୁ ଗୁରୁତ୍ୱ ଦେଲେ ନାହିଁ। ଏଥିପ୍ରତି ସରକାର ଦୃଷ୍ଟି ଦେବା ସହ ଅବାଧ କାରବାର ଉପରେ ରୋକ୍ ଲଗାଇବା ଆବଶ୍ୟକ।

- ବଳରାମ ରଣସିଂହ, ଶିକ୍ଷାବିତ୍

ବେଗୁନିଆ ଅଞ୍ଚଳରେ କୋଟପା ଆଇନ ପ୍ରସହନ ପାଲଟିଛି। ଏହି ଆଇନ ଅନୁଯାୟୀ ସ୍କୁଲ, କଲେଜ, ଅଡିଟୋରିୟମ, ବସଷ୍ଟାଣ୍ଡ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସର୍ବସାଧାରଣ ସ୍ଥାନରେ ଏହି କାରବାର ବନ୍ଦ ହେବା ସହ ଧୂମପାନ ମୁକ୍ତ ଅଞ୍ଚଳ ହୋଇପାରିବ ବୋଲି ଏହାର ଉଦ୍ଦେଶ୍ୟ ଥିଲା। ହେଲେ ଏହା ଭେଳିକି ହୋଇ ରହିଛି।

- ବିଶ୍ୱନାଥ ସୁନ୍ଦରାୟ, ସାମାଜିକ କର୍ମୀ

ମହିଳା ଡାକ୍ତରଙ୍କୁ ମାଡ଼, ବ୍ୟବସାୟୀ ଗିରଫ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଗାଡ଼ି ପାର୍କିଂକୁ କେନ୍ଦ୍ର କରି ଜଣେ ମହିଳା ଡାକ୍ତରଙ୍କୁ ମାଡ଼ ହୋଇଛି। ଅଭିଯୋଗ ପରେ ଲକ୍ଷ୍ମୀସାଗର ଥାନା ପୋଲିସ ସୋମବାର ଅଭିଯୁକ୍ତ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଶାରଳା ନଗର ପ୍ଲଟ୍ ନଂ.୨୧୭ରେ ରହୁଥିବା ବିଶ୍ୱଜିତ ସ୍ୱାଇଁ। ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଆକ୍ରମଣର ଶିକାର ମହିଳା ଡାକ୍ତର ହେଲେ ହୀନା ଗୁପ୍ତା। ଅଭିଯୁକ୍ତ ବ୍ୟବସାୟୀ ବିଶ୍ୱଜିତ ହେଉଛନ୍ତି ତାଙ୍କର ପଡୋଶୀ। ଶନିବାର ହୀନା ସ୍କୁଟି ନେଇ ହସ୍ପିଟାଲ ଯିବାବେଳେ ତାଙ୍କ ଗାଡ଼ି ବିଶ୍ୱଜିତଙ୍କ କାର୍ ମିରର୍‌ରେ ଘଷି ହୋଇ ଯାଇଥିଲା। ରବିବାର ରାତି ୧୦ଟାରେ ହୀନା ଓ ତାଙ୍କ ମା' ସୁଚିତ୍ରା ଘରକୁ ଫେରୁଥିବା ବେଳେ ବିଶ୍ୱଜିତ ତାଙ୍କ କାର୍‌କୁ ଅଟକାଇ ଗାଳିଗୁଲଜ କରିଥିଲେ। ପରେ ବିଶ୍ୱଜିତ ଓ ତାଙ୍କ ସ୍ତ୍ରୀ ମିଶି ହୀନା ଏବଂ ତାଙ୍କ ମା'ଙ୍କୁ ମାଡ଼ ମାରିଥିଲେ।

ସାବିତ୍ରୀ ବ୍ରତ ଅବସରରେ ସୋମବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଏକ ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

ବିଭିନ୍ନ ପୀଠରେ ସାବିତ୍ରୀ ବ୍ରତ

ନିରାକାରପୁର/ବାଣପୁର/କୃଷ୍ଣପ୍ରସାଦ, ୩୦।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ କପିଳେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ସୋମବାର ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ସଧବା ମହିଳାମାନେ ସ୍ନାନପୂର୍ବକ ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ଫଳମୂଳ ସହିତ ଶଙ୍ଖା, ସିନ୍ଦୂର, ଧୂପ ନେଇ ସ୍ୱାମୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଥିଲେ। ଏହି ପୀଠରେ ଶତାଧିକ ମହିଳା ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ସେହିପରି ବାଣପୁରର ବିଭିନ୍ନ ମନ୍ଦିରରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଛି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ମନ୍ଦିରରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସ୍ଥାନୀୟ ଗାଦିଶ୍ୱର ଦେବ, ନୀଳକଣ୍ଠେଶ୍ୱର, ତ୍ରିଲୋଚନେଶ୍ୱର, କମଳେଶ୍ୱର, ବଟେଶ୍ୱର, ଜଗତେଶ୍ୱର, ଆଖଣ୍ଡଳେଶ୍ୱର, ଚଣ୍ଡୀହର ମନ୍ଦିରରେ ଦୀପଜାଳି ସ୍ୱାମୀଙ୍କ ଶୁଭ କାମନା ମନାସି ମହିଳାମାନେ ଏହି ବ୍ରତ ପାଳନ କରିଛନ୍ତି।

ବ୍ରାଉନସୁଗାର ଜବତ, ଜଣେ ଗିରଫ

ପିପିଲି,୩୦।୫(ଡି.ଏନ୍.ଏ.)

ବ୍ରାଉନସୁଗାର କାରବାର ଅଭିଯୋଗରେ ପିପିଲି ଉତ୍ତରା ଛକ ନିକଟରୁ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ତାଙ୍କଠାରୁ ୧୫ ଗ୍ରାମ ବ୍ରାଉନସୁଗାର ସହିତ ଏକ ବାଇକ୍ ଜବତ କରିଛି। ଅଭିଯୁକ୍ତ ହେଲେ ଧଉଳିଥାନା ଅନ୍ତର୍ଗତ କୁମାରଡିହି ଜଗନ୍ନାଥପୁରପାଟଣା ଗ୍ରାମର ମକରା ସାହୁ(୪୦)। ଏ ନେଇ ପୋଲିସ ଏକ ମାମଲା(ନଂ.୨୪୮/୨୨) ରୁଜୁ କରି ତଦନ୍ତ ଚାଲିଥିବା ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ସୂଚନା ମୁତାବକ, ପିପିଲି ଥାନା ଉତ୍ତରା ଫାଣ୍ଡି ଅର୍ନ୍ତଗତ ଉତ୍ତରା ଛକ ନିକଟରେ ଜଣେ ଯୁବକର ଏକ ବାଇକ୍ ଧରି ବୁଲୁଥିବାବେଳେ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଅଟକାଇ ଯାଞ୍ଚ ସମୟରେ ବ୍ରାଉନସୁଗାର ମିଳିଥିଲା।

୪ରେ କେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ

ବୋଲଗଡ଼,୩୦।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମ୍‌ଠାରେ ଆସନ୍ତା(ଜୁନ୍) ୪ ତାରିଖରେ ଖଙ୍ଗୁରିଆ ପ୍ରିମିୟର ଲିଗ୍(କେପିଏଲ୍) କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିଲାଗି ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ଖଙ୍ଗୁରିଆ ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଅମୃତେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଆୟୋଜିତ ନିଲାମ ପ୍ରକ୍ରିୟାରେ ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଆବେଦନ କରିଥିବା ୧୪୦ ଖେଳାଳିଙ୍କ ମଧ୍ୟରୁ ୮ଟି ଫ୍ରାଞ୍ଚାଇଜ୍ ଦଳ ପାଇଁ ସେମାନଙ୍କ ମାଲିକମାନେ ଖେଳାଳି ଚୟନ କରି ସେମାନଙ୍କୁ କ୍ରୟ କରିଥିଲେ। ମୋଟ୍ ୮ଟି ଟିମ୍ ପାଇଁ ପ୍ରତି ଦଳରେ ୧୫ ଜଣ ଖେଳାଳି ହିସାବରେ ମୋଟ୍ ୧୨୦ ଜଣଙ୍କୁ କ୍ରୟ କରାଯାଇଥିଲା। ପ୍ରତ୍ୟେକ ଖେଳାଳିଙ୍କ ବେସିକ୍ ନିଲାମ ମୂଲ୍ୟ ୧୦୦ ଟଙ୍କା ରହିଥିଲା। ଲକ୍ଷ୍ମୀ ୱାରିୟର, ଟ୍ରଫି ଫାଇଟର, ରାନୀ ବ୍ଲାଷ୍ଟର, ରୟାଲ ଲଭର୍ସ, ଆର୍ମି ଇଲେଭେନ, ଇଗଲ ୱାରିୟର, ଫାଇଟର କିଙ୍ଗ୍, ଷ୍ଟର୍ମ ୱାରିୟର ଆଦି ଫ୍ରାଞ୍ଚାଇଜ୍ ଦଳଗୁଡ଼ିକ ଟୁର୍ନାମେଣ୍ଟରେ ପରସ୍ପର ସହ ଦୁଇଥର ଲେଖାଏ ଖେଳିବେ। ଏହି ନିଲାମରେ ଖେଳାଳି ଆଲୋକ ବେହେରାଙ୍କୁ ଲକ୍ଷ୍ମୀ ୱାରିୟର ଦଳ ୩ ହଜାର ୮ଶହ ଟଙ୍କାରେ କ୍ରୟ କରିଥିବା ଜଣାପଡ଼ିଛି। ଲିଗ୍ ପର୍ଯ୍ୟାୟ ପରେ ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ୪ଟି ଟିମ୍ ଏଲିମିନେଟର ମ୍ୟାଚ୍ ମାଧ୍ୟମରେ ଖେଳି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ନିଲାମ ପ୍ରକ୍ରିୟାରେ ଚୁନିଆ, ବିପୁଲ, ଚନ୍ଦନ ସହଯୋଗ କରିଥିଲେ।

ନିଲାମ ପ୍ରକ୍ରିୟା ବେଳେ ଉପସ୍ଥିତ ଫ୍ରାଞ୍ଚାଇଜ୍ ଟିମ, ଖେଳାଳି ଓ ଅନ୍ୟମାନେ।

ଦଣ୍ଡନୃତ୍ୟ ଗୁରୁ ମାୟାଧର ଜେନାଙ୍କ ସ୍ମୃତିସଭା

କୃଷ୍ଣପ୍ରସାଦ,୩୦।୫(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଲୋକନୃତ୍ୟ ପ୍ରସିଦ୍ଧ ଦଣ୍ଡଯାତ୍ରା ଗୁରୁ ମାୟାଧର ଜେନାଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାବିତ ଯୋଗେନ୍ଦ୍ର ନାଥ ପଲେଇଙ୍କ ସଭାପତିତ୍ୱରେ ଗଞ୍ଜାମ ଏବଂ ପୁରୀ ଜିଲାର କଳାକାରମାନେ ବାଦ୍ୟ ପରିବେଷଣ କରିଥିଲେ। ସୁବାସ ଚନ୍ଦ୍ର ଗୌଡ଼ଙ୍କ ନେତୃତ୍ୱରେ ମାୟାଧର ଜେନା ସ୍ମୃତି କମିଟି ପକ୍ଷରୁ ଅଞ୍ଚଳର କେତେଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅଜୟ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ମହାସଭା ଉଦ୍‌ଯାପିତ

ବାର୍ଷିକ ଅଧିବେଶନରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଅନ୍ୟ ଅତିଥି।

ବୋଲଗଡ଼,୩୦।୫(ଡି.ଏନ୍.ଏ.)

ଏକାଦଶ ତୈଳିକ ବୈଶ୍ୟ ମହାସଭାର ସଭାପତି ଶରତ କୁମାର ସାହୁଙ୍କ ସଭାପତିତ୍ୱ ଓ ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ସଭାପତିମାନଙ୍କ ମିଳିତ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ୭୮ତମ ସାଧାରଣ ବାର୍ଷିକ ଅଧିବେଶନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ବିଧାୟକ ରାଜେନ୍ଦ୍ର ସାହୁ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ଛାତ୍ରୀଙ୍କ ବେଦପାଠ, ଗୀତାପାଠ ଓ କୌଳିକ ସଙ୍ଗୀତ ଗାନ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ସାହୁ ସ୍ୱାଗତ ଭାଷଣ ଓ ଆବାହକ ତଥା ବୋଲଗଡ ରାଜ୍ୟ ସଭାପତି ପ୍ରଭାକର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ତୈଳିକ ବୈଶ୍ୟ ମହାସଭାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ଉମାକାନ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ମଧୁସୂଦନ ସାହୁ ତୈଳିକ ବୈଶ୍ୟ ମହାସଭାର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ଏହି ମହାସଭାରେ ପିଲାମାନଙ୍କ ମଧ୍ୟରେ ତର୍କ, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମହାସଭା ଅନ୍ତର୍ଗତ ପରିବାରର ମେଧାବୀ ଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯିବାକୁ ଘୋଷଣା କରାଯାଇଥିଲା। ଶୁଭେନ୍ଦ୍ର କୁମାର ସାହୁ, ମହେଶ୍ୱର ସାହୁ, ସୁଦର୍ଶନ ସାହୁ, ଦାଶରଥି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧିରେଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଗାଡ଼ି ଚୋର ଗ୍ୟାଙ୍ଗ ଧରାପଡ଼ିଲା

**ଭ

ଶୃଙ୍ଖଳିତ ରଥଯାତ୍ରା ପାଇଁ ଆଲୋଚନା

କଣାସ,(ସ୍ୱ.ପ୍ର): କଣାସ ବ୍ଲକ ଅନ୍ତର୍ଗତ ଜଙ୍ଗାର ତାରିଣୀ ଛକଠାରେ ସୋମବାର ଚଳିତବର୍ଷର କଣାସ-ଡେଲାଙ୍ଗ ଆଞ୍ଚଳିକ ରଥଯାତ୍ରା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପ୍ରଧାପକ ରାମଚନ୍ଦ୍ର ସାମନ୍ତରାୟ ପାରମ୍ପାରିକ ରଥଯାତ୍ରାର ସଂସ୍କୃତି ଓ ପରିଚାଳନା ସମ୍ବନ୍ଧୀୟ ବିବରଣୀମାନ ପାଠ କରିଥିଲେ। ସରକାରଙ୍କ ନିର୍ଦ୍ଦେଶାନୁସାରେ କିପରି ଶାନ୍ତି ଶୃଙ୍ଖଳାରେ ପରିଚାଳିତ ହେବ, ଏଥିସହ ଆସନ୍ତା ଜୁନ୍ ୫ ତାରିଖରେ ପୁନର୍ବାର ଉକ୍ତ ସ୍ଥାନରେ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରତାପ କିଶୋର ପରିଡ଼ା ଧନ୍ୟବାଦ ଦେଇଥିଲେ।

୩୦।୫।୨୦୨୨

୩,୬୫,୪୧୭ ଟଙ୍କା	
ସୁନା	ମିଳିନାହିଁ
ରୁପା	ମିଳିନାହିଁ

କଟକଣା ସତ୍ତ୍ୱେ ତମାଖୁ ବିକ୍ରି

ପୁରୀ ଅଫିସ,୩୦।୫:

ପୁରୀ ସହରରେ ଗୁଟ୍‌ଖା, ସିଗାରେଟ୍ ସମେତ ଅନ୍ୟ ତମାଖୁ ଦ୍ରବ୍ୟ ବିକ୍ରି ହେଉଛି। ଏ ନେଇ ଥିବା କଟକଣା ପ୍ରହସନ ପାଲଟିଛି। ଏହାସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ରାଜ୍ୟରେ ୨୦୧୩ ମସିହାରୁ କୋଟପା (ସିଗାରେଟ୍ ଏବଂ ଅନ୍ୟ ତମାଖୁ ଦ୍ରବ୍ୟ ନିବାରଣ ଆଇନ) ଲାଗୁ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ଗୁଟ୍‌ଖା ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଲଗାଯାଇଥିଲା। ତେବେ ଡ୍ରଗ୍ସ ଇନ୍ସପେକ୍ଟର, ପୋଲିସ, ମ୍ୟୁନିସିପାଲିଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ସ୍ୱାସ୍ଥ୍ୟ ବିଭାଗର କୋହଳ ମନୋଭାବ ଯୋଗୁ ଏହି କଟକଣାକୁ କେହି ମାନୁନାହାନ୍ତି। ସେହିପରି ସଚେତନତା କାର୍ଯ୍ୟକ୍ରମ ମଧ୍ୟ ବାଟବଣା ହେଲାଣି।

ସିଗାରେଟ୍ ଓ ଗୁଟ୍‌ଖା ଭଳି ତମାଖୁ ଦ୍ରବ୍ୟ ସେବନ ଦ୍ୱାରା ମୁଖ କର୍କଟ ସମେତ ବିଭିନ୍ନ ରୋଗ ହୋଇଥାଏ। ଏଥିଲାଗି ତମାଖୁ ସାମଗ୍ରୀ ପ୍ରସ୍ତୁତ ଓ ବିକ୍ରି ଉପରେ କଟକଣା ଲଗାଯାଇଥିଲା। ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପ୍ରଥମ କିଛିବର୍ଷ ଠିକ୍‌ଠାକ୍ ଚାଲିଲା। ମାତ୍ର ପରେ ପ୍ରଶାସନର କୋହଳ ମନୋଭାବ ଯୋଗୁ କଟକଣା କୋହଳ ହୋଇଗଲା। ପୁରୀ ସହରର ଜଣେ ପାଇକାରୀ ବ୍ୟବସାୟୀ ନିଜ ନାମ ଗୋପନ ରଖି କହିଛନ୍ତି, ଦୈନିକ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗୁଟ୍‌ଖା ବିକ୍ରି ହେଉଛି। ୧ ହଜାରରୁ ଊର୍ଦ୍ଧ୍ୱ ଛୋଟ ଦୋକାନୀ ଗୁଟ୍‌ଖା କିଣୁଛନ୍ତି। ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ସରକାରୀ ବ୍ୟବସ୍ଥା ଓ ନୀତି ନିୟମରେ ଠିକ୍ ଠିକଣା ରହୁ ନ ଥିବାରୁ ଗୁଟ୍‌ଖା ବିକ୍ରି ଉପରେ ରୋକ ଲାଗିପାରୁନାହିଁ। ସରକାର ବାସ୍ତବରେ ଯଦି ଗୁଟ୍‌ଖା ବିକ୍ରି ବନ୍ଦ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ ଏହାର ଉତ୍ପାଦନ ରୋକନ୍ତୁ। ଅନ୍ୟପକ୍ଷରେ ପୁରୀ ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ ସାହୁ କହିଛନ୍ତି, ଏନ୍‌ଫୋର୍ସମେଣ୍ଟ ଟିମ୍ ଜରିଆରେ ପ୍ରତି ସପ୍ତାହରେ ଚଢ଼ାଉ କରାଯାଉଛି। ଗୁଟଖା ବିକ୍ରି ଉପରେ ରୋକ ଲଗାଇବା ପାଇଁ ସ୍ୱତନ୍ତ୍ର ସେଲ୍ ରହିଛି। ବିଭିନ୍ନ ଦୋକାନୀଙ୍କୁ ତାଗିଦା କରାଯାଉଛି। ସେହିପରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗୁଟ୍‌ଖା ବର୍ଜନ ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ନନ୍ କମ୍ୟୁନିକେବୁଲ୍ ଡିଜିଜ୍ ସେଲ୍ ପକ୍ଷରୁ ପ୍ରତି ମାସରେ କାର୍ଯ୍ୟକ୍ରମ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଗୁଟ୍‌ଖା ବର୍ଜନ ପାଇଁ ସୋସିଆଲ ମିଡିଆରେ କ୍ୟାମ୍ପେନ୍ ଚଳାଉଥିବା ସତ୍ୟବ୍ରତ ପରିଡ଼ା ସିଡିଏମ୍‌ଓଙ୍କ ପ୍ରତିକ୍ରିୟାକୁ ଲୋକଦେଖାଣିଆ ବୋଲି କହିଛନ୍ତି। ସେ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ସାମ୍ନାରେ ହିଁ ଗୁଟ୍‌ଖା ବିକ୍ରି ହେଉଛି। ପ୍ରଥମେ ସ୍ୱାସ୍ଥ୍ୟ ବିଭାଗ ଠିକ ଭାବେ ଚଢ଼ାଉ କରୁ, ପରେ ସଚେତନ କରିବ। ସେହିପରି ପୁରୀ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ କହିଛନ୍ତି, ଏ ନେଇ ସ୍ୱତନ୍ତ୍ର ଭାବେ ଚଢ଼ାଉ ହେଉନାହିଁ। ମାତ୍ର ସବୁ ପ୍ରକାର ବେଆଇନ କାର୍ଯ୍ୟକଳାପ ଉପରେ ପୋଲିସ ପ୍ରଶାସନ ଚଢ଼ାଉ କରୁଛି।

ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ

- କୋଟପା ଆଇନକୁ କେହି ମାନୁନାହାନ୍ତି
- ଚଢ଼ାଉ ଶିଥିଳ, ସଚେତନତା ବାଟବଣା



ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ସୋମବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

ସଂକ୍ଷେପରେ

୧୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ପିପିଲି,୩୦।୫(ଡି.ଏନ୍.ଏ.): ବ୍ରାଉନସୁଗାର କାରବାର ଅଭିଯୋଗରେ ପିପିଲି ଉତ୍ତରା ଛକ ନିକଟରୁ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ତାଙ୍କଠାରୁ ୧୫ ଗ୍ରାମ ବ୍ରାଉନସୁଗାର ସହିତ ଏକ ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଧଉଳିଆନା ଅନ୍ତର୍ଗତ କୁମାରଢ଼ିହି ଜଗନ୍ନାଥପୁରପାଟଣା ଗ୍ରାମର ମକରା ସାହୁ(୪୦)। ଏ ନେଇ ପୋଲିସ ଏକ ମାମଲା(ନଂ.୨୪୮/୨୨) ରୁଜୁ କରି ତଦନ୍ତ ଚାଲିଥିବା ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ସୂଚନା ମୁତାବକ, ପିପିଲି ଥାନା ଉତ୍ତରା ଫାଣ୍ଡି ଅନ୍ତର୍ଗତ ଉତ୍ତରା ଛକ ନିକଟରେ ଜଣେ ଯୁବକ ଏକ ବାଇକ୍ ଧରି ବୁଲୁଥିବାବେଳେ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ତାଙ୍କ ନିକଟରୁ ୧୫ ଗ୍ରାମ ବ୍ରାଉନସୁଗାର ମିଳିଥିଲା ।

ଛୋଟାରାମ ବାବାଙ୍କ ୮୮ତମ ମହୋତ୍ସବ

କୋଣାର୍କ,୩୦।୫(ଡି.ଏନ୍.ଏ.): ସାବିତ୍ରୀ ଅମାବାସ୍ୟା ତିଥିରେ ଅର୍କକ୍ଷେତ୍ର ଚନ୍ଦ୍ରଭାଗା ତୀର୍ଥ କୂଳରେ ଅବସ୍ଥିତ ସର୍ବପୁରାତନ ଆଶ୍ରମରେ ଛୋଟାରାମ ବାବାଙ୍କ ୮୮ତମ ମହୋତ୍ସବ ସୋମବାର ପାଳନ କରାଯାଇଛି। ବାବାଙ୍କ ଆଶ୍ରମରେ ସୀମିତ ଭକ୍ତଙ୍କ ଉପସ୍ଥିତିରେ ନାମ ସଙ୍କୀର୍ତ୍ତନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ମଠାଧୀସ ପ୍ରତାପ ଚନ୍ଦ୍ର ମହାପାତ୍ର, ବୁଦ୍ଧନାଥ ପତି, ପ୍ରଦୀପ ପଣ୍ଡା, ଭଗବାନ ସ୍ୱାଇଁ, ପ୍ରତାପ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

୨୦ରୁ ଲୋକମେଳା, କୃଷିମେଳା

ପୁରୀ ଅଫିସ, ୩୦।୫: ଆସନ୍ତା ଜୁନ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଂଶତମ ଜାତୀୟ ଲୋକମେଳା ଓ ତ୍ରୟୋଦଶ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜ୍ୟରୁ ୭୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ଲୋକନୃତ୍ୟ/ଆଦିବାସୀ ନୃତ୍ୟ ପରିବେଷଣ କରିବେ ଓ ଜାତୀୟ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏନେଇ ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ ଯୁଥ ହଷ୍ଟେଲ ସଭା କକ୍ଷରେ ସୋମବାର ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଯୁବନେତା ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶିକ୍ଷାବିତ ଭଗବାନ ଜୟସିଂ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତରାୟ, କବି ମାନସ ରଞ୍ଜନ ମହାପାତ୍ର, କାର୍ଯ୍ୟକାରୀ ଅଧକ୍ଷ ଚକ୍ରଧର ମହାପାତ୍ର, ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ, ଉପାଧକ୍ଷ ଭରତ କୁମାର ନାୟକ, ଚନ୍ଦ୍ର ବିଜୟୀ ମିଶ୍ର , ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ଦାଶ, କୋଷାଧକ୍ଷ ନାରାୟଣ ପାତ୍ର, ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ମା' ଦକ୍ଷିଣ କାଳୀଙ୍କ ଜଳାଭିଷେକ

ପୁରୀ ଅଫିସ, ୩୦।୫: ସାବିତ୍ରୀ ଅମାବାସ୍ୟାରେ ସୋମବାର ମା' ଦକ୍ଷିଣ କାଳୀଙ୍କ ଜଳାଭିଷେକ ସମ୍ପନ୍ନ ହୋଇଛି। ପୂର୍ବଦିନ ରାତି ୩ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଅବକାଶ ପୂଜା ହୋଇଥିଲା। ପନ୍ତି ଭୋଗ ପରେ ସାହିର ବ୍ରାହ୍ମଣ ଓ ସେବାୟତ ନୂତନ ପଇତା ଧାରଣ କରିଥିଲେ ଏବଂ ସାହିରେ ଥିବା କୂଅକୁ ଉଝଳାଯାଇଥିଲା। ଶ୍ରୀମନ୍ଦିରର କୋଠଭୋଗ ପଣିଆମାନେ କୂଅରୁ ଆଣିଥିବା ଜଳକୁ ପାଳିଆ ସେବାୟତମାନେ ସଂସ୍କାର କରିଥିଲେ। ଏହି ଜଳରେ ମା' ବୁଡ଼ି ରହିଥିଲେ। ପରେ ଜଳ ଖାଲି କରାଯାଇଥିଲା। ଉକ୍ତ ଜଳରେ ଭକ୍ତ ଓ ସେମାନଙ୍କ ପିଲା ଗାଧୋଇଥିଲେ। ଏହାଦ୍ୱାରା ନିରୋଗ ରହିବା ବିଶ୍ୱାସ ରହିଛି। ଜଳାଭିଷେକ ପରେ ସନ୍ଧ୍ୟାରେ ମା'ଙ୍କ ସୁନାବେଶ ହୋଇଥିଲା। ଦକ୍ଷିଣକାଳୀ ପରିଚାଳନା କମିଟିର ସଭାପତି ଲକ୍ଷ୍ମୀକାନ୍ତ ରଥ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ଖଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପୁରୀସ୍ଥିତ ଦକ୍ଷିଣ କାଳୀଙ୍କ ଜଳାଭିଷେକ ନୀତି ସମ୍ପନ୍ନ ପାଇଁ ଭକ୍ତମାନେ ଜଳ ନେଉଛନ୍ତି ।

ଗାଡ଼ି ଚୋରି ଗ୍ୟାଙ୍ଗ ଧରାପଡ଼ିଲା: ୩ ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ ଜଟଣୀ, ୩୦।୫(ଡି.ଏନ୍.ଏ.):

ଗାଡ଼ି ଚୋରି ମାମଲାର ତଦନ୍ତବେଳେ ଜଟଣୀ ଥାନା ପୋଲିସ ଏକ ଆନ୍ତଃଜିଲା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି। ଉକ୍ତ ଗ୍ୟାଙ୍ଗ୍‌ର ୨ଜଣ ସଦସ୍ୟଙ୍କ ସମେତ ୩ଜଣଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ଗ୍ରାମର ସେକ୍ ଇବଦୁଲ୍ଲା ଓରଫ କୁର୍ବାନ (୨୧), ମହମ୍ମଦ ସମ୍‌ସେର ଓରଫ ହୋମୋ (୩୨) ଓ ପିପିଲି ଥାନା ଦାନଗୋହିର ଅଞ୍ଚଳର ଧଡ଼ିଆ ଓରଫ ମହମ୍ମଦ ନୁର୍ ହୋତା। ସେମାନଙ୍କଠାରୁ ପୋଲିସ ଗୋଟିଏ ଚୋରି ପିକ୍‌ଅପ୍ ଭ୍ୟାନ୍, ନମ୍ବର ବିହୀନ ମୋଟର ସାଇକେଲ, ଏକ ପଲସର ଓ ଗୋଟିଏ ମୋବାଇଲ୍ ଫୋନ ଜବତ କରିଛି। ଏହି ଗ୍ୟାଙ୍ଗ୍ ଖୋର୍ଦ୍ଧା, ପୁରୀ, ନୟାଗଡ଼ ଆଦି ଜିଲାରେ ସକ୍ରିୟ ରହିଥିବାବେଳେ ଚୋରି, ଡକାୟତି, ଲୁଟ୍, ରାହାଜାନୀ ଆଦି ଅପରାଧରେ ସମ୍ପୃକ୍ତ ଥିବା ଜଣାପଡିଛି। ବିଶେଷକରି ଗାଡି ଚୋରି କରି ସେଥିରେ ନାନା ବେଆଇନ୍ କାରବାର ସହ ଅପରାଧ ଘଟାଇଥାନ୍ତି। ଜବତ ବୋଲେରୋରେ ଛେଳି, ମେଣ୍ଢା ପ୍ରଭୃତି ଚାଲାଣ କରୁଥିଲେ । ଏନେଇ ପୋଲିସ ଏକ ମାମଲା (ନଂ.୧୮୧/୨୨) ରୁଜୁ କରି ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ କୁର୍ବାନଙ୍କ ନାମରେ ପୂର୍ବରୁ ଜଟଣୀ ଓ ବେଗୁନିଆ ଥାନାରେ ୩ଟି, ଖୋର୍ଦ୍ଧା ସଦର ଥାନା, ନିରାକାରପୁର ଓ ଚାନ୍ଦପୁର ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେ ଅଭ୍ୟାସଗତ ଭାବେ ବିଭିନ୍ନ ଅପରାଧରେ ଲିପ୍ତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି ଧାରା-୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଗୋଟିଏ ରାତିରେ ୨ ଚୋରି, ଜଣେ ଗିରଫ

ନିମାପଡ଼ା,୩୦।୫(ଡି.ଏନ୍.ଏ.):

୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି

ଘରେ ପଶି ଚୋରି କରିବା ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ମାଧ୍ୱରହମ୍‌ପୁର ଗ୍ରାମର ଶେଖ୍ ଅନୀଲ। ଏନେଇ ପୋଲିସ ଏକ ମାମଲା (ନଂ. ୧୭୯/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଚାରିଛକ ଫାଣ୍ଡି ଅନ୍ତର୍ଗତ ମାଧ୍ୱରହମ୍‌ପୁର ଗ୍ରାମର ସବନମ୍ ବେଗମ୍‌ଙ୍କ ଘରୁ ଚୋରି ଉଦ୍ଦେଶ୍ୟରେ ଶନିବାର ବିଳମ୍ବିତ ରାତିରେ ଦୁଇ ଜଣ ଦୁର୍ବୃତ୍ତ ପଶିଥିଲେ। ସେହି ସମୟରେ କିଛି ଶବ୍ଦ ହେବାରୁ ସବନମ୍ ଉଠିପଡି ୨ ଜଣ ବ୍ୟକ୍ତିଙ୍କୁ ଘରେ ପଶିଥିବା ଦେଖିଥିଲେ। ସେ ପାଟି କରିବାରୁ ୨ ଜଣ ସେଠାରୁ ପଳାଇଥିଲେ। ଗଲାବେଳେ ସେମାନଙ୍କ ସାଇକେଲ ସବନମ୍‌ଙ୍କ ଘର ଆଗରେ ଛାଡି ଯାଇଥିଲେ। ପରେ ଦେଖିଲାବେଳେ ଆଲମାରିରୁ ନଗଦ ୬୦ ହଜାର ଟଙ୍କା ଓ ଲକ୍ଷାଧିକ ସୁନାଗହଣା ଚୋରି ହୋଇଯାଇଥିଲା। ସେହି ୨ ବ୍ୟକ୍ତି ଉକ୍ତ ଗ୍ରାମର ହୋଇଥିବାରୁ ସବନମ୍ ସେମାନଙ୍କୁ ଚିହ୍ନିପାରି ଥାନାରେ ସେମାନଙ୍କ ନାମରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଜଣଙ୍କୁ ଧରିଥିବାବେଳେ ଅନ୍ୟ ଜଣେ ଫେରାର ରହିଛି।

ସେହିପରି ଶନିବାର ବିଳମ୍ବିତ ରାତିରେ ନିମାପଡ଼ା ଥାନା ଅନ୍ତର୍ଗତ ଗଙ୍ଗୁଆ ଛକର ପଙ୍କଜିନୀ ସାହୁଙ୍କ ଘର ପଛ କବାଟ ଭାଙ୍ଗି ଆଲମାରିରୁ ପ୍ରାୟ ୨ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା ରବିବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏହାକୁ ଆଧାର କରି ପୋଲିସ ଏକ ମାମଲା (ନଂ. ୧୮୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୋମବାର ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

'ଆମ ପୋଲିସ' ବୈଠକ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ବିଦ୍ୟାଳୟ ପଠାଇବାକୁ ଦାବି

କଣାସ,୩୦।୫(ସ୍ୱ.ପ୍ର):

ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବା ପାଇଁ କଣାସ ବ୍ଲକର କଣାସ ଥାନା ପରିସରରେ ସୋମବାର 'ଆମ ପୋଲିସ'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଭୂତି ଭୂଷଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଥାନା ଆଇଆଇସି ସୁଜିତ୍ ଦାସ, ଅତିରିକ୍ତ ଥାନା ଅଧିକାରିଣୀ ମଧୁସ୍ମିତା ବଳ, ଏଏସ୍‌ଆଇ ଜିତେନ୍ଦ୍ର ଗୁମାନସିଂ ଅତିଥି ଭାବେ ଯୋଗ ଦେଇଥିବାବେଳେ ବକ୍ତା ଭାବେ ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ସାମାଜିକ କର୍ମୀ ହରିବନ୍ଧୁ ଭୋଳ, ବଡାସର ପୂର୍ବତନ ସରପଞ୍ଚ ବଳରାମ ପଲାଇ, ସିରେଇର ପୂର୍ବତନ ସରପଞ୍ଚ ରାଜକିଶୋର ସାମନ୍ତରାୟ, ପାଣ୍ଡିଆକେରା ସରପଞ୍ଚ ତ୍ରିନାଥ ଛୋଟରାୟ, ସାମାଜିକ କର୍ମୀ ସୁଶାନ୍ତ ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜଙ୍କିଆ ବଜାର, ବିଜିପୁର ବଜାର, ଅଣ୍ଡାଳସିଂହ ବଜାରରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ଆଇଆଇସିଙ୍କୁ ନିବେଦନ କରିଥିଲେ। ଏଥିସହ କଣାସ ପଶିଆପଡା ରାସ୍ତା, ସିରେଇ-ପଶିଆପଡା ରାସ୍ତା ଏବଂ କଣାସ ବ୍ଲକର ବିଭିନ୍ନ ରାସ୍ତାରେ ସନ୍ଧ୍ୟା ୬ଟାରୁ ୧୦ଟା ପର୍ଯ୍ୟନ୍ତ ଅନେକ ବ୍ୟକ୍ତି ମଦ୍ୟପାନ କରି ବୋତଲକୁ ଚାଷଜମିକୁ ଫୋପାଡୁଛନ୍ତି। ଫଳରେ ବିଲରେ ବହୁ ଚାଷୀ ଆହତ ହେଉଛନ୍ତି। ସେହି ରାସ୍ତାରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଉ। ବ୍ଲକର ଅନେକ ଶିଶୁ ବ୍ୟବସାୟିକ ଅନୁଷ୍ଠାନରେ ବାଳ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଚିହ୍ନଟ କରି ବିଦ୍ୟାଳୟକୁ ପଠାଯାଉ। ଏହାସହ ବରିଷ୍ଠ ନାଗରିକଙ୍କୁ ଥାନାରେ ଉତ୍ତମ ବ୍ୟବହାର ଦେବା ପାଇଁ ମତ ପ୍ରକାଶ ପାଇଥିଲା। ପ୍ରତ୍ୟେକ ବଜାରରେ ସନ୍ଧ୍ୟା ସମୟରେ ମଦ୍ୟପଙ୍କ ଦୌରାତ୍ମ ଯୋଗୁ ଅଞ୍ଚଳର ମହିଳା, ଛାତ୍ରୀଛାତ୍ର ନିରାପଦରେ ଚଳପ୍ରଚଳ କରିପାରୁ ନାହାନ୍ତି। ତେଣୁ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଥିଲେ। ଏହା ସହିତ ଥାନାରେ ଖାଲିଥିବା ପଦବୀଗୁଡିକ ପୂରଣ କରିବା ପାଇଁ ଆରକ୍ଷୀ ଅଧୀକ୍ଷକଙ୍କୁ ବୁଦ୍ଧିଜୀବୀମାନେ ବୈଠକରେ ନିବେଦନ କରିଥିଲେ। ଏ ସମସ୍ତ ଆଲୋଚନା ବାବଦରେ ଆଇଆଇସି ଦାସ ଧ୍ୟାନ ଦେବା ସହ ଉପସ୍ଥିତ ନାଗରିକଙ୍କୁ ଜଣାଇବେ ବୋଲି ମତ ରଖିଥିଲେ।

ରଥଖଳାରୁ

ତିନି ରଥର ଚଉଦ ନାହାକା ନିର୍ମାଣ ଶେଷ

ପୁରୀ ଅଫିସ, ୩୦।୫

ଦଣ୍ଡା, ଅଖ ତିଆରି ଚାଲିଛି

ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସୋମବାର ସୁଦ୍ଧା ତିନିରଥର ମୋଟ ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ସରିଛି। ଶେଷ ୩ଟି ଚକ ନିର୍ମାଣ ପାଇଁ ୩ଟି ଡୁମ୍ବରେ ଅର ସଂଯୋଗ ହୋଇ ଡୁମ୍ବଅରରେ କଣ୍ଟାବସି ସିଙ୍ଗଡ଼ା ବାଡ଼ିଆ ହେବା ପରେ ଡୁମ୍ବରେ ଅଖବିନ୍ଧ ସରି ପନ୍ଦାରୀ ବସି ପନ୍ଦାରୀ ଗାଡ଼ ଖୋଦେଇ ସହ ବଳା ବସିଛି। ତିନିରଥର ଚାରିନାହାକା ଓ ଚଉ

ବିଷାକ୍ତ ପାଣି ପିଇ ୩ ଗୋରୁ ମୃତ

ସାଲେପୁର, (ଡି.ଏନ୍.ଏ.)- ବିଷାକ୍ତ ପାଣି ପିଇବାରୁ ସାଲେପୁର ଥାନା ନାନ୍ଦୋଳ ପଞ୍ଚାୟତରେ ୩ ଗୋରୁଙ୍କ ସୋମବାର ମୃତ୍ୟୁ ଘଟିଛି। ନାନ୍ଦୋଳ ଗ୍ରାମର ନିରଞ୍ଜନ ବେହେରା ଗୋଟିଏ ଗାଈ ଓ ବାଛୁରି ସମେତ ବାବାଜୀ ଭୋଇଙ୍କ ବାଛୁରିର ମୃତ୍ୟୁ ହୋଇଛି। ସେହିପରି ଭାତପଡା ଗ୍ରାମର ଗଗନ ବେହେରାଙ୍କ ଗୋଟିଏ ବାଛୁରି ଗୁରୁତର ହୋଇ ଚିକିତ୍ସିତ ହେଉଛି। ଏନେଇ ନାନ୍ଦୋଳ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଗୋରୁମାନେ ଫସଲ ଖାଇଦେଉଥିବାରୁ ଜମିର ବିଭିନ୍ନ ସ୍ଥାନରେ ଯୁରିଆ ମିଶା ପାଣି ରଖାଯାଉଛି। ଫଳରେ ପାଣି ବିଷାକ୍ତ ହୋଇଯାଉଛି। ଏହି ପାଣି ପିଇବାରୁ ଉପରୋକ୍ତ ଗୋରୁଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

ସଂକ୍ଷେପରେ

ରାଜ୍ୟସ୍ତରୀୟ ବିଦ୍ୟାଳୟ ଯୋଗ ଅଲମ୍ପିୟାଡ୍ ଉଦ୍‌ଯାପିତ

ଭୁବନେଶ୍ୱର,୩୦।୫(ବ୍ୟୁରୋ): ୟୁନିଟ-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ସୋମବାର ରାଜ୍ୟସ୍ତରୀୟ ବିଦ୍ୟାଳୟ ଯୋଗ ଅଲମ୍ପିୟାଡ୍-୨୦୨୨ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ନୂଆଦିଲ୍ଲୀଠାରେ ଜୁନ୍ ୨୧ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ୧୬ ଜଣ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। ଏଥିସହ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶିକ୍ଷା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ, ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ସ୍ନେହମୟୀ ସେନାପତି, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, କଟକ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ ରାଉତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର, ବାଲିଅନ୍ତା ଓ ଜଟଣୀ, ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ରାୟଗୁରୁ ପ୍ରମୁଖ ଯୋଗଦେଇଥିଲେ।

'ଶ୍ରୀକାନ୍ତ ସ୍ମରଣେ' ଉନ୍ମୋଚିତ

ଭୁବନେଶ୍ୱର,୩୦।୫(ବ୍ୟୁରୋ): ଓଡ଼ିଆ ଶିଶୁ-ସାହିତ୍ୟ ଗବେଷଣା ଓ ପିଲାଙ୍କ ଅନୁଷ୍ଠାନ ଇଟିକିଲି ମିଟିକିଲି ପକ୍ଷରୁ ସୋମବାର ଅନୁଷ୍ଠାନର କାର୍ଯ୍ୟାଳୟରେ ସ୍ମରଣିକା 'ଶ୍ରୀକାନ୍ତ ସ୍ମରଣେ' ଉନ୍ମୋଚନ ହୋଇଯାଇଛି। ଶିଶୁ-ସାହିତ୍ୟ ଗବେଷଣା ପରିଷଦର ସଞ୍ଚାଳକ ଡ. ମନୀନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଫକୀରମୋହନ ସାହୁ, ସମ୍ମାନିତ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ଶିଶୁ-ସାହିତ୍ୟିକ ଡ. ଶରତ ବିଶ୍ୱାଳ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ବିଷ୍ଣୁପ୍ରିୟା ଓତା ଯୋଗଦେଇଥିଲେ। ଇଟିକିଲି ମିଟିକିଲିର ସଚିବ ଶରତ ନାୟକ ସ୍ୱାଗତ ଭାଷଣ ସହ ସ୍ମରଣିକାର ସ୍ୱରୂପ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଶିଶୁ-କଣ୍ଠଶିଳ୍ପୀ ଶାଶ୍ୱତୀ ନାରାୟଣୀ ଆଚାର୍ଯ୍ୟ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ମନୀନ୍ଦ୍ର ମହାନ୍ତିଙ୍କ ପିଲାଙ୍କ ଗପବହି 'ଆସ ଗପସପ ହେବା' ଓ ରାମଚନ୍ଦ୍ର ଦେଓଙ୍କ ସମ୍ପାଦିତ ପିଲାଙ୍କ ପତ୍ରିକା 'ପରଶମଣି'ର ସ୍ୱତନ୍ତ୍ର ସଂଖ୍ୟା ଅତିଥିମାନେ ଉନ୍ମୋଚନ କରିଥିଲେ। ଶିଶୁ-ସାହିତ୍ୟିକା ଡ. ପ୍ରବୀଣା ପରିଡ଼ା ଧନ୍ୟବାଦ ଦୋଇଥିଲେ ।

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀ ମୃତ

ବାଙ୍କୀ,୩୦।୫(ସ୍ୱ.ପ୍ର.) ବିଲରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ବାଙ୍କୀ ଥାନା ଅନ୍ତର୍ଗତ ଭେଡାରାମଚନ୍ଦ୍ରପୁର ଗ୍ରାମର ଜଣେ ଚାଷୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ମହାଦେବ ସାହୁ (୪୦)। ସେ ନିଜ ଜମିରୁ ଲଙ୍କା ଫସଲ ତୋଳିବାକୁ ସକାଳେ ଯାଇଥିଲେ। ଏହି ସମୟରେ ପାଖ ଖୁଣ୍ଟର ଜିଆଇ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ନିକଟ ବିଲରେ କାମ କରୁଥିବା ଭୀମସେନ ସାହୁ ଓ ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାରହା ଉପଦ୍ରବରୁ ରକ୍ଷା ପାଇଁ ପଡୋଶୀ ଚାଷୀ ବିଦ୍ୟୁତ୍ ଖୁଣ୍ଟରୁ ଲାଇନ୍ ସଂଯୋଗ କରି ବିଲରେ ଲଗାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା ସାହୁଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାମଲା (ନଂ. ୧୭୬/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଶକ୍ତିହୀନ ଓଏଫ୍‌ଡିସି, ଦୁଃସ୍ଥିତିରେ ଓଡ଼ିଆ ଚଳଚ୍ଚିତ୍ର

ଶର୍ମିଷ୍ଠା ପାଣିଗ୍ରାହୀ
ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଦିନ ଥିଲା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫଡିସି) ଓଡ଼ିଆ ଚଳଚ୍ଚିତ୍ରକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ନେଉଥିଲା। ଭଲ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରଯୋଜକ ଆଗେଇ ଆସୁଥିବାବେଳେ ନିର୍ଦ୍ଦେଶକ, କଳାକାର, କର୍ମଚାରୀଙ୍କ ମନରେ ଉତ୍ସାହ ଭରିଯାଉଥିଲା। ହେଲେ ଏବେ ଓଏଫ୍‌ଡିସି ଶକ୍ତିହୀନ ହୋଇପଡ଼ିଛି। ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ଓଏଫ୍‌ଡିସି ଆଉ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଓଡ଼ିଆ ଚଳଚ୍ଚିତ୍ରର ମାନ କମିବାରେ ଲାଗିଛି। ଏପରିକି ଅନ୍ୟ ଆଞ୍ଚଳିକ ଚଳଚ୍ଚିତ୍ର ତୁଳନାରେ ଏହାର ସ୍ଥିତି ନ ଥିଲା ପରି ମନେ ହେଉଛି। ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ବହୁ ଚଳଚ୍ଚିତ୍ର ଲୁକ୍କାୟିତ ଅବସ୍ଥାରେ ରହିଯାଉଛି। ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ଚଳଚ୍ଚିତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯେତେବେଳେ ଓଡ଼ିଆ ଭାଷାର ବ୍ୟବହାର ବିଶେଷକରି ଯୁବଗୋଷ୍ଠୀଙ୍କ ମଧ୍ୟରେ କମିଯାଉଛି, ସେତେବେଳେ ଓଡ଼ିଆ ସିନେମା ସେମାନଙ୍କୁ ଭାଷା ସୂତ୍ରରେ ବାନ୍ଧି ପାରନ୍ତା। ବାସ୍ତବ କାହାଣୀକୁ ନେଇ ଚଳଚ୍ଚିତ୍ର ହେଲେ ଦର୍ଶକ ତାହାକୁ ଦେଖନ୍ତେ, ଶିଖନ୍ତେ। ପ୍ରଯୋଜକମାନେ ସେଭଳି କିଛି କାହାଣୀ ଦର୍ଶକଙ୍କୁ ଭେଟି ଦିଅନ୍ତେ, ଯଦି ସେମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ ମିଳନ୍ତା। ହେଲେ ଓଏଫ୍‌ଡିସି ପୂର୍ବରୁ କଳିଙ୍ଗ ଷ୍ଟୁଡିଓ ଅଧୀନରେ ଫିଲ୍ମ କରୁଥିବା ପ୍ରଯୋଜକଙ୍କୁ କିଛି ଆର୍ଥିକ ପ୍ରୋତ୍ସାହନ ଦେଉଥିଲେ ମଧ୍ୟ ତାହା ଏବେ ବନ୍ଦ କରିଦେଇଛି। ଓଏଫ୍‌ଡିସି ପକ୍ଷରୁ ଚଳଚ୍ଚିତ୍ର ପତ୍ରିକାଟିଏ ପ୍ରକାଶ ପାଉ ନ ଥିବାବେଳେ ଭଲ ଫିଲ୍ମର ପ୍ରଚାର ପ୍ରସାର କରାଯାଉନାହିଁ। ପ୍ରେକ୍ଷାଳୟ ସଂଖ୍ୟା କମିବା ପାଇଁ ଓଏଫ୍‌ଡିସିକୁ ମଧ୍ୟ ପରୋକ୍ଷରେ ଦାୟୀ କରାଯାଉଛି। ଓଏଫ୍‌ଡିସିରେ ମହଜୁଦ ଥିବା 'ଚିତ୍ରବିଥି' ପୁସ୍ତକର ୭୫ ପୃଷ୍ଠାରେ ବି. କେ. ତ୍ରିପାଠୀଙ୍କ ଦ୍ୱାରା ଏକ ଆଲେଖ୍ୟ ରହିଛି, ଯେଉଁଥିରେ ଓଏଫ୍‌ଡିସି କରିଥିବା କାର୍ଯ୍ୟ ଓ ତାହାର ଭୂମିକାକୁ ସ୍ପଷ୍ଟ ଭାବରେ ଲେଖାଯାଇଛି। କିନ୍ତୁ ଓଏଫ୍‌ଡିସି ନିଜ କାର୍ଯ୍ୟ କରିବାକୁ ଅସହାୟତା ପ୍ରକାଶ କରୁଛି। ସେହିପରି ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍‌ଏଫ୍‌ଡିସି) ଭଳି ଓଏଫ୍‌ଡିସିର ସମାନ ଭୂମିକା ରହିଥିଲେ ମଧ୍ୟ କରୋନା, ବାତ୍ୟା, ଭଲ ଫିଲ୍ମ ନ ଥିବା ଆଦି ଆଳ ଦେଖାଇ କର୍ତ୍ତୃପକ୍ଷ ପୂରା ନିଷ୍କ୍ରିୟ ହୋଇପଡିଥିବା ଦେଖିବାକୁ ମିଳିଛି।



ମହାବାତ୍ୟାଠାରୁ ମହାଦୁର୍ଦ୍ଦଶା

ଓଏଫ୍‌ଡିସି ନାମରେ ଏକ ସଂସ୍ଥା ଅଛି ଓ ଏହା ଓଡ଼ିଆ ଚଳଚ୍ଚିତ୍ର ପାଇଁ କାର୍ଯ୍ୟ କରୁଛି ବୋଲି କିଛି ଜଣାପଡୁ ନାହିଁ। କାର୍ଯ୍ୟାଳୟରେ କର୍ମଚାରୀ ନ ଥିବାବେଳେ ୱେବ୍‌ସାଇଟ୍‌ରେ କୌଣସି ତଥ୍ୟ ଅପ୍‌ଡେଟ୍ ହେଉନାହିଁ। କେବଳ କୋଠା, କେତେଜଣ କର୍ମଚାରୀ ଓ ବାତ୍ୟାରୁ ବର୍ତ୍ତି ଯାଇଥିବା ଅଳ୍ପ କିଛି ରେକର୍ଡ ହେଉଛି ଓଏଫ୍‌ଡିସିର ସମ୍ପତ୍ତି। ୧୯୯୯ ମହାବାତ୍ୟାଠାରୁ ହିଁ ଓଏଫ୍‌ଡିସିର ଏପରି ମହାଦୁର୍ଦ୍ଦଶା ଆରମ୍ଭ ହୋଇଥିବା କୁହାଯାଉଛି। ତେବେ ଏହି ୨୩ ବର୍ଷ ଭିତରେ କାହିଁକି ଓଏଫ୍‌ଡିସିର ପୁନରୁଦ୍ଧାର ହୋଇପାରୁ ନାହିଁ ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରେକ୍ଷାଳୟ, ପ୍ରଯୋଜକଙ୍କୁ ପ୍ରୋତ୍ସାହନ ନାହିଁ

ପୂର୍ବରୁ ଓଡ଼ିଶାରେ ୩୦୦ରୁ ଊର୍ଦ୍ଧ୍ୱ ଫିଲ୍ମ ପ୍ରେକ୍ଷାଳୟ ଥିଲା। ଏହି ସଂଖ୍ୟା ବର୍ତ୍ତମାନ ୮୦ରୁ ତଳକୁ ଖସିଲାଣି। ଅଧିକାଂଶ ପ୍ରେକ୍ଷାଳୟରେ ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ି ଉଠିଥିବାବେଳେ ଆଉ କିଛି ଭୂତକୋଠି ଅବସ୍ଥାରେ ପଡି ରହିଛି। ବର୍ତ୍ତମାନ ପଶ୍ଚିମବଙ୍ଗରେ ୩୨୫, ଆନ୍ଧ୍ରପ୍ରଦେଶରେ ୫୭୨, ଗୁଜୁରାଟ ୨୦୦, ତାମିଲନାଡୁରେ ୭୪୫ ଫିଲ୍ମ ପ୍ରେକ୍ଷାଳୟ ରହିଛି। ହେଲେ ରାଜ୍ୟକୁ ଭଲ ଚଳଚ୍ଚିତ୍ରଟିଏ ଦେବା ସହ ଫିଲ୍ମପ୍ରେମୀଙ୍କୁ ପ୍ରେକ୍ଷାଳୟ ପ୍ରତି କିପରି ଆକୃଷ୍ଟ କରାଯିବ ଓ ପ୍ରେକ୍ଷାଳୟର ସ୍ଥିତିକୁ କିପରି ମଜଭୁତ କରିହେବ ସେନେଇ ଓଏଫ୍‌ଡିସି ଚିନ୍ତା କରୁନାହିଁ। ଅନ୍ୟପକ୍ଷରେ ୧୯୯୯ ପୂର୍ବରୁ ପ୍ରଯୋଜକ ଚଳଚ୍ଚିତ୍ରଟିଏ କଲେ ଓଏଫ୍‌ଡିସି ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିଲା। ଧୀରେ ଧୀରେ ଏହା କମିବାରେ ଲାଗିଲା। ୨୦୦୭ରୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ପ୍ରଯୋଜକଟିଏ କାହିଁକି ଭଲ ସିନେମାଟିଏ ତିଆରି କରିପାରୁ ନାହିଁ, ସମସ୍ୟା କେଉଁଠି ରହିଛି, ବ୍ୟବସାୟ ମାନ୍ଦା ସହ ଆର୍ଥିକ ସମସ୍ୟା ଏହାର ଅନ୍ୟତମ କାରଣ କୁହାଯାଉଥିଲେ ମଧ୍ୟ ଓଏଫ୍‌ଡିସି ଏସବୁରେ ମୁଣ୍ଡ ଖେଳାଇବାକୁ ଚାହୁଁନାହିଁ। ପ୍ରଯୋଜକ ଓ ଅନ୍ୟମାନଙ୍କୁ ନେଇ ୱାର୍କଶପର ମଧ୍ୟ ଆୟୋଜନ କରାଯାଉନାହିଁ।

ହାତ ଟେକିଦେଲେ ଓଏଫ୍‌ଡିସି ଅଧ୍ୟକ୍ଷ

ଗୋଟିଏ ଚଳଚ୍ଚିତ୍ର ଭଲ କି ଖରାପ ଓଏଫ୍‌ଡିସି କିଭଳି ଜାଣିବ? ଏସବୁକୁ ବୁଝିବା ଓ ତର୍ଜମା କରିବା ପାଇଁ ଲୋକବଳ ନାହାନ୍ତି। ତେଣୁ ଓଡ଼ିଆର ସବୁ ଚଳଚ୍ଚିତ୍ର ପ୍ରଚାର ପ୍ରସାର ଓଏଫ୍‌ଡିସି କରିପାରିବ ନାହିଁ ବୋଲି ଅଧ୍ୟକ୍ଷ କୁନା ତ୍ରିପାଠୀ କହିଛନ୍ତି। ଚଳଚ୍ଚିତ୍ର ସଂଗ୍ରହାଳୟକୁ ନେଇ ସେ କହିଛନ୍ତି, ଏହା ଖୁବ୍ ଶୀଘ୍ର କରାଯିବ। ଭଲ ସ୍କ୍ରିପ୍ଟ ରାଇଟର ନ ଥିବାରୁ ବାସ୍ତବଧର୍ମୀ ଚଳଚ୍ଚିତ୍ର ହୋଇ ପାରୁ ନାହିଁ। ତେଣୁ ଭଲ ଲେଖା ପାଇଁ ମଧ୍ୟ ଖୁବ୍ ଶୀଘ୍ର ୱାର୍କଶପ ଆୟୋଜନ କରାଯିବ। ଏନେଇ ଆଲୋଚନା ଚାଲିଛି। ସେହିପରି ପ୍ରୋତ୍ସାହନ ଦେବାକୁ ଶୀଘ୍ର ଚେଷ୍ଟା କରୁଛୁ ଓ ନୂଆ ଆବେଦନ ପାଇଁ ମଧ୍ୟ ତାଲିକା ପ୍ରକାଶ କରିବୁ। ଓଏଫ୍‌ଡିସି ପ୍ରେକ୍ଷାଳୟକୁ କିଛି ଋଣ ଦେଉଥିଲା। କିନ୍ତୁ ଭଲ ଫିଲ୍ମ ନ ହେବାରୁ ଧୀରେ ଧୀରେ ପ୍ରେକ୍ଷାଳୟ ସଂଖ୍ୟା କମିବାରେ ଲାଗିଲା। ପତ୍ରିକା ବାହାର କରି ସବୁ ଚଳଚ୍ଚିତ୍ରକୁ ପ୍ରୋମୋଟ କରିବା ଓଏଫ୍‌ଡିସିର କାମ ନୁହେଁ। ଏଥିସହ ଲୋକ ବଳ କମ୍ ଥିବାରୁ ୱେବସାଇଟ ମଧ୍ୟ ଅପ୍‌ଡେଟ୍ ହୋଇପାରୁ ନାହିଁ ବୋଲି ସେ କହିଛନ୍ତି।

ଫିଲ୍ମ ସଂଗ୍ରହାଳୟ: ନିଜେ କଲେ ନାହିଁ କି କରାଇଦେଲେନି

ଓଏଫ୍‌ଡିସିର ଆଉ ଏକ କାର୍ଯ୍ୟ ହେଉଛି ଓଡ଼ିଆ ଚଳଚ୍ଚିତ୍ରର ରେକର୍ଡ ସଂଗ୍ରହ କରି ରଖିବା। ଚଳଚ୍ଚିତ୍ର ଦୁନିଆକୁ ପ୍ରବେଶ କରୁଥିବା କଳାକାର ଓ ଏହା ଉପରେ ଗବେଷଣା କରୁଥିବା ଗବେଷକଙ୍କ ପାଇଁ ଏପରି ରେକର୍ଡ ବେଶ୍ ସହାୟକ ହୋଇଥାଏ। ହେଲେ ୧୯୭୬ ଏପ୍ରିଲ ୨୨ରୁ ଓଏଫ୍‌ଡିସି ସ୍ଥାପନ ହୋଇଥିଲେ ମଧ୍ୟ ପୁରୁଣା ଚଳଚ୍ଚିତ୍ର ଓ ଏ ସଂକ୍ରାନ୍ତ ରେକର୍ଡ ସଂଗ୍ରହରେ ବହୁ ପଛରେ ପଡିଛି। ଏ ପରିସ୍ଥିତିରେ ରାଜ୍ୟରେ ଏକ ଫିଲ୍ମ ସଂଗ୍ରହାଳୟର ଆବଶ୍ୟକତାକୁ ଅନୁଭବ କରି ଗତବର୍ଷ ରାଜ୍ୟ ଅଭିଲେଖାଗାର ଏଥିପାଇଁ ଅଣ୍ଟା ଭିଡିଥିଲା। ଅଭିଲେଖାଗାର ତା' ପାର୍ଶ୍ୱରେ ଚଳଚ୍ଚିତ୍ର ଅଭିଲେଖାଗାର କରିବାକୁ ଚାହୁଁଥିଲା। କିନ୍ତୁ ଓଏଫ୍‌ଡିସି ବାଟ ଓଗାଳିବା ସହ ଏହାକୁ ନିଜେ କରିବାକୁ କହିଥିଲା। ଫଳରେ ଅଭିଲେଖାଗାରର ଏହି ପ୍ରସ୍ତାବର ସେହିଠାରେ ଯବନିକା ପଡିଥିଲା। ଏବେ ଚଳଚ୍ଚିତ୍ର ସଂଗ୍ରହାଳୟଟିଏ ନ ଥିବାରୁ ପୁରୁଣା ଚଳଚ୍ଚିତ୍ରର ଚିହ୍ନବର୍ଣ୍ଣ ମଧ୍ୟ ଲିଭିବାରେ ଲାଗିଛି। ଯାହା କିଛି ରହିଥିଲା, ସେତକ ବି ସୁରକ୍ଷିତ ରଖିପାରୁନି ଓଏଫ୍‌ଡିସି।

ପତ୍ରିକା ପ୍ରକାଶ ପାଇଁ ମନ ବଳୁନି

ବାର୍ଷିକ କିମ୍ବା ମାସିକ ପତ୍ରିକା ମଧ୍ୟ ଓଏଫ୍‌ଡିସି ପକ୍ଷରୁ ପ୍ରକାଶ ପାଉ ନାହିଁ। ପତ୍ରିକା ପ୍ରକାଶ ପାଇଲେ ଓଡ଼ିଆ ପାଠିକାପାଠକ ନିଜ ଚଳଚ୍ଚିତ୍ର ସଂସ୍କୃତି ସହ ଯୋଡ଼ିହେବା ସହ ଗବେଷଣା କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର ମଧ୍ୟ ଲାଭବାନ୍ ହୁଅନ୍ତେ। ସେହିପରି ଚଳଚ୍ଚିତ୍ର କେତେ ଆୟ କରୁଛି, କେତେ କ୍ଷତି ସହୁଛି, ସ୍ଥିତି କ'ଣ ରହିଛି, ଏସବୁ ଜାଣିବାକୁ ସୁଯୋଗ ମିଳନ୍ତା ଓ ଏହି କ୍ଷେତ୍ରର ବିକାଶ ଉପରେ ତର୍ଜମା ବି ହୋଇପାରନ୍ତା। ବକ୍ସ ଅଫିସ ଆୟବ୍ୟୟ କେହି ଜାଣୁ ନ ଥିବାବେଳେ ସବୁକିଛି ଶୀତଳ ଭଣ୍ଡାରକୁ ଚାଲିଯାଉଥିବା ପରି ମନେ ହେଉଛି।

ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ବଳାତ୍କାର

ଭୁବନେଶ୍ୱର,୩୦।୫(ବ୍ୟୁରୋ)

- ବ୍ଲାକ୍‌ମେଲ୍ କରି ଟଙ୍କା ନେଇଥିବା ଅଭିଯୋଗ
- ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ
- ପୀଡ଼ିତାଙ୍କ ବୟାନ ରେକର୍ଡ ହେବ

ଭୁବନେଶ୍ୱରର ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜର ଆସିଷ୍ଟାଣ୍ଟ୍ ପ୍ରଫେସର ଥିବା ଛତିଶଗଡ଼ର ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଛତିଶଗଡ଼ କବୀରନଗର ଥାନା ପୋଲିସ ଜିରୋ ଏଫ୍‌ଆଇଆର୍‌ରେ ସମ୍ପୃକ୍ତ ଯୁବକଙ୍କ ନାଁରେ ମାମଲା ରୁଜୁ କରି ଭୁବନେଶ୍ୱର କମିଶନରେଟ ପୋଲିସକୁ ହସ୍ତାନ୍ତର କରିଛି। ଫଳରେ ୮ ମାସ ତଳେ ଏଠାରେ ଘଟିଥିବା ଏହି ଘଟଣା ଏବେ ପଦାକୁ ଆସିଛି। ଖଣ୍ଡଗିରି ଥାନା ପୋଲିସ ଶନିବାର ଆଇପିସିର ଦଫା ୩୭୬, ୩୮୪, ୫୦୬ରେ ଏକ ମାମଲା (ନଂ.୨୮୩/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଯୁବକ ହେଲେ ରାୟପୁର ଜିଲାର ଉମେଶ ସୁଧାକର। ଅନ୍ୟପକ୍ଷରେ ପୋଲିସ ବୟାନ ରେକର୍ଡ ପାଇଁ ପୀଡିତାଙ୍କୁ ମଙ୍ଗଳବାର ଓଡ଼ିଶା ଡକାଇଛି। ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ ହୋଇଛି। ଖଣ୍ଡଗିରି ଥାନାର ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିବା ଡିସିପି ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଉମେଶ ପୀଡିତା ଆସିଷ୍ଟାଣ୍ଟ୍ ପ୍ରଫେସରଙ୍କ ସହପାଠୀ ଥିଲେ। ଦୁହେଁ ଛତିଶଗଡ଼ରେ ଗୋଟିଏ କଲେଜରେ ପଢ଼ିଥିଲେ। ଯୁବତୀ ଜଣକ ଗତବର୍ଷ ମାର୍ଚ୍ଚରେ ଜାଗମରାସ୍ଥିତ ଏକ ଘରୋଇ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଯୋଗଦେଇଥିଲେ। ଅଭିଯୁକ୍ତ ଉମେଶ ସେପ୍ଟେମ୍ବରରେ ଭୁବନେଶ୍ୱର ଆସି ଜାଗମରାସ୍ଥିତ ଏକ ହୋଟେଲକୁ ତାଙ୍କୁ ଡକାଇ ଥଣ୍ଡାପାନୀୟରେ ନିଶା ମିଶାଇ ପିଇବାକୁ ଦେଇଥିଲେ। ସେ ବେହୋସ ହୋଇଯିବା ପରେ ଉମେଶ ତାଙ୍କୁ ବଳାତ୍କାର କରିବା ସହ ତାହାର ଭିଡିଓ ପ୍ରସ୍ତୁତ କରିଥିଲେ। ଏହାପରେ ଉକ୍ତ ଭିଡ଼ିଓକୁ ସୋସିଆଲ୍ ମିଡ଼ିଆରେ ଛାଡ଼ିଦେବାକୁ ଧମକ ଦେଇ ଯୁବତୀଙ୍କୁ ୩ରୁ ଅଧିକଥର ବଳାତ୍କାର କରିଥିଲେ। ଏଥିସହ ଉମେଶ ଏପରି ବ୍ଲାକ୍‌ମେଲ୍ କରି ତାଙ୍କଠାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଧ୍ୟ ନେଇଛନ୍ତି। ହେଲେ ବାରମ୍ବାର ବ୍ଲାକମେଲ କରି ଧମକ ଦେବାରୁ ଆସିଷ୍ଟାଣ୍ଟ ପ୍ରଫେସର ଏନେଇ ଛତିଶଗଡ଼ କବୀରନଗର ଥାନାରେ ଅଭିଯୋଗ କରିଥିଲେ। ତେବେ ଅପରାଧର ଘଟଣାସ୍ଥଳ ଭୁବନେଶ୍ୱରରେ ହୋଇଥିବାରୁ ସେଠାକାର ପୋଲିସ କମିଶନରେଟ ପୋଲିସକୁ ଜଣାଇବା ସହ ମାମ

ନର୍ସିଂହୋମରୁ ଶିଶୁପୁତ୍ର ଗାଏବ

■ ଚିକିତ୍ସାର ୧୫ ଦିନ ପରେ ଶିଶୁର ମୃତ୍ୟୁ ଘଟିଛି: ଡାକ୍ତର

■ ଟଙ୍କା ନ ଦେବାରୁ ପୁଅକୁ ଫେରାଉ ନାହାନ୍ତି: ବାପା

ରାୟଗଡ଼ା ଅଫିସ,୩୦।୫

ଟଙ୍କା ଦେଇ ନ ପାରିବାରୁ ରାୟଗଡ଼ାର ଏକ ଘରୋଇ ନର୍ସିଂହୋମ କର୍ତ୍ତୃପକ୍ଷ ଶିଶୁପୁତ୍ରକୁ ବନ୍ଧକ ରଖିଥିବା ବାପା ରାଇସିଂ ମେଲେକା ଅଭିଯୋଗ କରିଛନ୍ତି। ଏହାକୁ କିନ୍ତୁ ନର୍ସିଂହୋମ୍‌ର ଡାକ୍ତର ଏଡ଼ାଇ ଦେଇଛନ୍ତି। ଚିକିତ୍ସାର ୧୫ ଦିନ ପରେ ଶିଶୁଟିର ମୃତ୍ୟୁ ଘଟିଥିବା ସେ କହିଛନ୍ତି। ତେବେ ଶିଶୁଟି ଜୀବିତ କିମ୍ବା ମୃତ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ରାୟଗଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ କାରୁବାଈ ଗ୍ରାମର ମେଲେକାଙ୍କ ସ୍ତ୍ରୀ ପାର୍ବତୀ(୧୯) ମାର୍ଚ୍ଚ ୧୭ ସକାଳେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ପାର୍ବତୀଙ୍କ ଅବସ୍ଥା ଗୁରୁତର ହେବାରୁ ମେଲେକା ସନ୍ଧ୍ୟାରେ ଅଙ୍ଗନୱାଡି କର୍ମୀ ପାର୍ବତୀ ମାଣ୍ଡାଙ୍ଗୀଙ୍କୁ ଜଣାଇଥିଲେ। ହେଲେ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବାରୁ ପ୍ରସୂତିଙ୍କ ମୃତ୍ୟୁ ଘଟିଥିଲା। ନବଜାତକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରଦିନ ସକାଳେ ଅଙ୍ଗନୱାଡି କର୍ମୀ ଆଶାକର୍ମୀ, ଗ୍ରାମର ଦୁଇ ୱାର୍ଡ ସଭ୍ୟଙ୍କ ସହ ଶିଶୁପୁତ୍ରକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ଏଏନ୍‌ଏମ୍ କର୍ମୀ ନବଜାତକକୁ ସରକାରୀ ଡାକ୍ତରଖାନା ବଦଳରେ ରାୟଗଡ଼ାସ୍ଥିତ ଡା. ନବକିଶୋର କୁଣ୍ଡୁଙ୍କ ନର୍ସିଂହୋମକୁ ନେବାକୁ ଆଶାକର୍ମୀଙ୍କୁ କହିଥିଲେ। ଆଶା ଏଏନ୍‌ଏମ୍‌ଙ୍କ କହିବା ମୁତାବକ ସେଠକୁ ନେଇଯାଇଥିଲେ। ୭ ଦିନ ପରେ ଶିଶୁର ବାପା ମେଲେକା ନର୍ସିଂହୋମରେ ପହଞ୍ଚିବା ପରେ ନର୍ସିଂହୋମ୍ କର୍ମଚାରୀ ତାଙ୍କୁ ୩୭ ହଜାର ଟଙ୍କା ମାଗିଥିଲେ। ୩ ଦିନ ମଧ୍ୟରେ ଟଙ୍କା ନ ଦେଲେ ପୁଅ ଆମର ବୋଲି କହି କର୍ମଚାରୀ ଏକ ସାଦା କାଗଜରେ ଶିଶୁର ବାପା, ଆଶାକର୍ମୀ ଏବଂ ୱାର୍ଡସଭ୍ୟଙ୍କ ଦସ୍ତଖତ ନେଇ ଫେରାଇ ଦେଇଥିଲେ। କିଛିଦିନ ତଳେ ସୁପରଭାଇଜର ଶିଶୁ ବିଷୟରେ ଅଙ୍ଗନୱାଡି କର୍ମୀଙ୍କୁ ପଚାରିବାରୁ ସେ ଏଏନ୍‌ଏମ୍‌ଙ୍କୁ ଯୋଗାଯୋଗ କରିଥିଲେ। ଏଏନ୍‌ଏମ୍ କର୍ମୀ ଡାକ୍ତରଙ୍କୁ ପଚାରି କହିବି ବୋଲି କହିଥିଲେ ମଧ୍ୟ କିଛି ଜଣାଇ ନ ଥିଲେ। ତେଣୁ ଏବେ ଶିଶୁ କେଉଁଠି ଅଛି ତାହାର ସୂଚନା ମିଳୁ ନ ଥିବା ନେଇ ଅଙ୍ଗନୱାଡି କର୍ମୀ ମେ ୨୭ ରେ ସିଡିପିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାପରେ ଘଟଣା ସାମ୍ନାକୁ ଆସିଛି। ଏ ନେଇ କ୍ଲିନିକ୍‌ର ଡାକ୍ତର ନବକିଶୋର କୁଣ୍ଡୁଙ୍କୁ ପଚାରିବାରୁ କହିଛନ୍ତି, ମୁଁ ଏତେ ଟଙ୍କା ଦାବି କରିନାହିଁ। ଅନ୍ୟପକ୍ଷରେ ଚିକିତ୍ସାର ୧୫ ଦିନ ପରେ ହିଁ ଶିଶୁଟିର ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ତେବେ ମୃତ୍ୟୁ ସମ୍ପର୍କରେ ବାପା ମେଲେକାଙ୍କୁ ଜଣାଇବା ସହ ମୃତଦେହ କାହିଁକି ହସ୍ତାନ୍ତର କରାଗଲା ନାହିଁ ତାହାର ସନ୍ତୋଷଜନକ ଉତ୍ତର ରଖିପାରିନାହାନ୍ତି। ଘଟଣା ନେଇ ଆଶାକର୍ମୀ ଯମୁନା ମାଣ୍ଡାଙ୍ଗୀଙ୍କୁ ଯୋଗାଯୋଗ କରିବାକୁ ଗଣମାଧ୍ୟମ ପ୍ରତିନିଧି ଗାଁକୁ ଯାଇଥିଲେ ମଧ୍ୟ ସେ ଘରେ ନ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ଏଏନ୍‌ଏମ୍ ପ୍ରଭାତୀ ଜେନାଙ୍କୁ ପଚାରିବାରେ ଘଟଣା ନେଇ ସିଡିପିଓଙ୍କୁ ଲିଖିତଭାବେ ଜଣାଇଥିବା କହିଛନ୍ତି। ଅପରପକ୍ଷେ ସମସ୍ତ ବିଷୟ ନେଇ ରାୟଗଡ଼ା ସିଡିଏମ୍‌ଓ ଲାଲମୋହନ ରାଉତରାୟଙ୍କୁ ଯୋଗାଯୋଗ କରିବାରୁ ଘଟଣା ବିଷୟରେ ଅବଗତ ଥିଲେ ମଧ୍ୟ କୌଣସି ଅଭିଯୋଗ ପହଞ୍ଚି ନ ଥିବା କହିଛନ୍ତି। ପରିବାର ପକ୍ଷରୁ ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ଆଇପିଏଲ୍ ବେଟିଂ: ୧୩.୭୪ ଲକ୍ଷ ଜବତ, ୯ ଗିରଫ

ବରଗଡ଼ ଅଫିସ,୩୦।୫

■ ୫ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

■ ଅଭିଯୁକ୍ତଙ୍କଠାରୁ ମିଳିଲା ୬.୧୪ଲକ୍ଷ

■ ନିର୍ମାଣାଧୀନ ଘରେ ଚାଲିଥିଲା ବେଟିଂ

ବରଗଡ଼ ପୋଲିସ ଆଇପିଏଲ ବେଟିଂର ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ସୋମବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିକି ମିତ୍ତଲ, ପ୍ରକାଶ ଅଗ୍ରୱାଲ, ଅର୍ଜୁନ ସେନାପତି, ବିମଳକାନ୍ତ ନାଗ ଏବଂ ଦିଲୀପ ଦାଶ। ସେମାନେ ବରଗଡ଼ ସହର ଏବଂ ଆଖପାଖ ଅଞ୍ଚଳର ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କ ପାଖରୁ ନଗଦ ୬ଲକ୍ଷ ୧୪ହଜାର ଟଙ୍କା ସମେତ ବହୁ ସାମଗ୍ରୀ ଜବତ ହୋଇଛି। ସେଥିରେ ୩୦ଟି ମୋବାଇଲ, ୨ଟି ଲାପଟପ୍, ୧୪ମୋବାଇଲ ସଂଲଗ୍ନ ଅଟୋ କଲ୍ ରିସିଭର୍ ମେଶିନ, ଟାଟା ସ୍କାଏ ସେଟ୍‌ଅପ୍ ବକ୍ସ, ରିମୋଟ୍, ରାଉଟର୍, ଏଲସିଡି ଟିଭି, ମୋବାଇଲ ଚାର୍ଜର, ଏକ୍ସଟେନ୍ସନ ବୋର୍ଡ଼ ଆଦି ରହିଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୨୮୭।୨୨) ରୁଜୁ ହୋଇଛି। ଏଥିରେ ଆହୁରି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ଅନୁମାନ କରାଯାଉଛି ଏବଂ ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ବରଗଡ଼ ଏସ୍‌ପି ପରମାର୍ ସ୍ମିତ ପୁରୁଷୋତ୍ତମ ଦାଶ କହିଛନ୍ତି। ସେହିପରି ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇ କହିଥିଲେ, ଆଇପିଏଲ କ୍ରିକେଟ୍ ମ୍ୟାଚ୍ ଚାଲିଥିବାବେଳେ ଅଭିଯୁକ୍ତମାନେ ବେଟିଂ ଚଳାଇଥିବା ନେଇ ପୋଲିସକୁ ସୁରାକ୍ ମିଳିଥିଲା। ଫଳରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେ ନେଇ ଅନୁସନ୍ଧାନ ଜାରି ରଖିଥିଲେ। ଅନୁସନ୍ଧାନ ବେଳେ ବରଗଡ଼ ସହର ଉପକଣ୍ଠ ଅମ୍ବାପାଲି ସ୍ଥିତ ଏକ ନିର୍ମାଣାଧୀନ ଘର ଭିତରେ ଅଭିଯୁକ୍ତମାନେ ବେଟିଂ ଚଳାଇଥିବା ଜଣାପଡ଼ିଥିଲା। ଗତ ୨୭ତାରିଖରେ ରାଜସ୍ଥାନ-ବାଙ୍ଗାଲୋର ମଧ୍ୟରେ ମ୍ୟାଚ୍ ଚାଲିଥିବାବେଳେ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା ଏବଂ ଚଢ଼ାଉରେ ଉପରୋକ୍ତ ସାମଗ୍ରୀ ଜବତ ସହିତ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଗିରଫ ବିକି ମିତ୍ତଲ ଏହି ଘଟଣାର କିଙ୍ଗପିନ୍ ଏବଂ ସେ ବମ୍ବେରୁ ବ୍ୟବହୃତ ମେଶିନ, ସାମଗ୍ରୀ ଆଣିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି କହିଛନ୍ତି। ଏହି ବେଟିଂରେ ଆନ୍ତଃରାଜ୍ୟ ନେଟ୍‌ୱାର୍କ ସମ୍ପୃକ୍ତି ଥିବାରୁ ପଡ଼ୋଶୀ ଛତିଶଗଡ଼ର କିଛି ଅଭିଯୁକ୍ତ ଏଥିରେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ଅଧିକ ତଦନ୍ତ ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଗିରଫ ୫ ଅଭିଯୁକ୍ତ ଓ ଜବତ ଟଙ୍କା ଏବଂ ବ୍ୟବହୃତ ସାମଗ୍ରୀ।

ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଇଛି।

ଆସିକା,୩୦।୫(ଡି.ଏନ୍.ଏ.)

ଆଇପିଏଲ୍ ଫାଇନାଲ ମ୍ୟାଚ ଲାଗି ରବିବାର ବେଟିଂ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଏନ୍‌ଏସି ସୁନାମ୍ୟ ସାହିର ସାହିଲ ଗୌଡ, ଶୁଭମ ଆଚାରୀ, ଶମ୍ଭୁ ପାଢୀ ଏବଂ ଗୁଣ୍ଡପଡା ଗ୍ରାମର ରତ୍ନାକର ସ୍ୱାଇଁ। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ୭ ଲକ୍ଷ ୬୦ ହଜାର ଟଙ୍କା ଓ ୬ଟି ମୋବାଇଲ ଫୋନ ଜବତ କରାଯାଇଥିବା ସୋମବାର ଆସିକା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରେବେଶନ ଆଇପିଏସ୍ ନଚିକେତ ସେଲକେ ସୂଚନା ଦେଇଛନ୍ତି। ତେବେ ଏହି ର୍ୟାକେଟରେ ସଂପୃକ୍ତ ଅନ୍ୟ ୬ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ଲାଗି ଚଢ଼ାଉ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ଆଇପିଏଲ ଫାଇନାଲ ମ୍ୟାଚ ଲାଗି ସ୍ଥାନୀୟ ସୁବର୍ଣ୍ଣେଶ୍ୱର ମନ୍ଦିର ପରିସରରେ ବେଟିଂ ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ଅନଲାଇନରେ ଆଇଡି ଖୋଲି ବେଟିଂ ଚଳାଇଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ଏ ନେଇ ଆସିକା ଥାନାରେ ନଂ.୨୬୬/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ମହାପ୍ରଭୁଙ୍କୁ ଦର୍ଶନ କଲେ ରେଲ୍‌ୱେ ବୋର୍ଡ ଅଧ୍ୟକ୍ଷ

ପୁରୀ ଅଫିସ, ୩୦।୫

ରେଲ୍‌ୱେ ବୋର୍ଡର୍ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି.କେ. ତ୍ରିପାଠୀ ସସ୍ତ୍ରୀକ ପୁରୀ ଆସି ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେହିପରି ପୂର୍ବତଟ ରେଲ୍‌ୱେର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ପ୍ରବନ୍ଧକ ରିଙ୍କେଶ ରୟଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହି ଅଧିକାରୀମାନଙ୍କୁ ସିଂହଦ୍ୱାର ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅଧିକାରୀମାନେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମେତ ଭିତରବେଢାରେ ଥିବା ମା' ବିମଳା, ମା' ମହାଲକ୍ଷ୍ମୀ ଏବଂ ଅନ୍ୟାନ୍ୟ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପରିସରରେ କିଛି ସମୟ ଅତିବାହିତ କରିବା ପରେ ସେମାନେ ବାଇଶିପାହାଚ ଦେଇ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସେମାନଙ୍କୁ ମହାପ୍ରଭୁଙ୍କଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା।

ରେଲ୍‌ୱେ ଅଧିକାରୀଙ୍କୁ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର ମହାନ୍ତି ଖଣ୍ଡୁଆ ପ୍ରଦାନ କରୁଛନ୍ତି।

ଫୁରସତ୍

ବଙ୍ଗଳା ମନୋରଞ୍ଜନ ଜଗତରେ ବଢ଼ିଚାଲିଛି ଆତ୍ମହତ୍ୟା

ମାସକରେ ଜୀବନ ହାରିଲେଣି ୪ ଜଣ

କୋଲକାତା

ମନୋରଞ୍ଜନ ଜଗତରେ ଆତ୍ମହତ୍ୟା ଏକ ସାଧାରଣ ବ୍ୟାପାର କହିଲେ ଚଳେ। କାରଣ ଯେଉଁମାନେ ଏହି ଇଣ୍ଡଷ୍ଟ୍ରିରେ କ୍ୟାରିୟର କିମ୍ବା ସଫଳତା ହାସଲ କରିବାକୁ ଚାହାନ୍ତି ସେମାନଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଥାଏ ନଚେତ୍ ସେମାନଙ୍କୁ ବିଶେଷ ପ୍ରକାର ବୁଝାମଣା କରିବାକୁ ପଡ଼ିଥାଏ। କିଛି କଳାକାରଙ୍କ ପାଖରେ କଳାର ଭରପୂର ପ୍ରତିଭା ଥିଲେ ମଧ୍ୟ ତାଙ୍କୁ ଆଶାନୁରୂପ ସଫଳତା ପ୍ରାପ୍ତି ହୋଇ ନ ଥାଏ। ସକ୍‌ସେଶ୍ ନ ମିଳିବା କାରଣରୁ କେତେଜଣ ନୂଆ ରୋଜଗାର ପନ୍ଥା ଆପଣାଇ ନିଜର ସୁନ୍ଦର ଭବିଷ୍ୟତ ଗଢନ୍ତି ତ ଆଉ କେତେଜଣ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଇଥାନ୍ତି। ବଙ୍ଗଳା ମନୋରଞ୍ଜନ ଜଗତ ଏବେ ଆତ୍ମହତ୍ୟା କବଳରେ। ମାତ୍ର ୧୫ ଦିନରେ ୪ ଜଣ ଅଭିନେତ୍ରୀ ଆତ୍ମହତ୍ୟା କରିସାରିଲେଣି। ତେବେ ଏମାନଙ୍କ ମୃତ୍ୟୁ ପଛର କାରଣ ଜଣାପଡ଼ି ନ ଥିବାବେଳେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇପାରି ନାହିଁ।

ପଲ୍ଲବୀ ଦେ: ମଡେଲିଂରେ ସଫଳତା ମିଳିବା ପରେ ପଲ୍ଲବୀ ଦେ' ଅଭିନୟ ଦୁନିଆରେ ପ୍ରବେଶ କରିଥିଲେ। ଯଦିଓ ଆଶାନୁରୂପ ସଫଳତା ମିଳି ନ ଥିଲେ ମଧ୍ୟ ସିରିଏଲ୍‌ରେ କାମ ମିଳିଯାଉଥିଲା। ମେ ୧୫ ତାରିଖ ଥିଲା ପଲ୍ଲବୀଙ୍କ ପରିବାର ପାଇଁ ଏକ ଅଭିଶାପ। ସକାଳ ୯ଟା ବାଜି ୩୦ ମିନିଟରେ ପଲ୍ଲବୀଙ୍କ ମୃତଦେହ ସେ ରହୁଥିବା ଭଡ଼ା ଘରେ ଏକ ରୁମ୍‌ର ସିଲିଂ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପଲ୍ଲବୀ ଆତ୍ମହତ୍ୟା କରିନାହାନ୍ତି ବରଂ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାର ରଖିଛି। ଆତ୍ମହତ୍ୟା ନେଇ ପଲ୍ଲବୀଙ୍କ ଲିଭ୍ ଇନ୍ ପାର୍ଟନର ସର୍‌ନିକ୍ ଚକ୍ରବର୍ତ୍ତୀଙ୍କୁ ଗିରଫ କରିଛି। ଲୋକପ୍ରିୟ ସିରିଏଲ୍ 'ମୋନ୍ ମାନେ ନା'ରେ ପଲ୍ଲବୀ ମୁଖ୍ୟ ଭୂମିକାରେ ଅଭିନୟ କରୁଥିଲେ।

ବିଦିଶା ଦେ' ମଜୁମଦାର: ପଲ୍ଲବୀଙ୍କ ଆତ୍ମହତ୍ୟାର ୧୦ ଦିନ ପରେ କୋଲକାତାର ଡୁମ୍ ଡୁମ୍ ଅଞ୍ଚଳରେ ଥିବା ବିଦିଶାଙ୍କ ଫ୍ଲାଟରୁ ତାଙ୍କ ମୃତଦେହ ମିଳିଥିଲା। ସୂଚନାଯୋଗ୍ୟ ବିଦିଶା ସମଲିଙ୍ଗି ସମ୍ପର୍କରେ ଥିଲେ। ନିକଟରେ ସେ କରିଥିବା ଏକ ବ୍ରାଇଡାଲ୍ ଫଟୋଶୁଟ୍‌ରେ ବିଦିଶା ରୁଶା ମୁଖାର୍ଜୀଙ୍କ ମଥାରେ ସିନ୍ଦୂର ପିନ୍ଧାଉ ଥିବାର ଫଟୋ ଦେଖିବାକୁ ମିଳିଥିଲା। ବିଦିଶାଙ୍କ ସମଲିଙ୍ଗି ସମ୍ପର୍କକୁ ନେଇ ତାଙ୍କ ବାନ୍ଧବୀ ଦିବ୍ୟା ଦାସ ଗଣମାଧ୍ୟମ ନିକଟରେ ପ୍ରତିକ୍ରିୟା ଦେଇଛନ୍ତି। ମୃହଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇଛି। କ୍ୟାରିୟର୍‌ରେ ସଫଳତା ନ ମିଳିବା କାରଣରୁ ସେ ଏ ପ୍ରକାର ନିଷ୍ପତ୍ତି ନେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

ମଞ୍ଜୁଷା ନିୟୋଗି: ବିଦିଶାଙ୍କ ପ୍ରିୟ ସାଙ୍ଗ କୁହାଯାଉଥିବା ମଞ୍ଜୁଷା ନିୟୋଗି ମେ ୨୭ରେ ଆତ୍ମହତ୍ୟା କରିଥିଲେ। ପଲ୍ଲବୀ ଓ ବିଦିଶାଙ୍କ ଆତ୍ମହତ୍ୟା ଖବର ପାଇବା ପରେ ମଞ୍ଜୁଶା ମାନସିକ ଚାପରେ ଥିବା ତାଙ୍କ ମା' କହିଛନ୍ତି। ପଲ୍ଲବୀ ଓ ବିଦିଶାଙ୍କ ଆତ୍ମହତ୍ୟା ନିଷ୍ପତ୍ତି ଠିକ୍ ଥିବା ମଞ୍ଜୁଷା ସବୁବେଳେ କହୁଥିଲେ।

ସରସ୍ୱତୀ ଦାସ: ମଡେଲ୍ ତଥା ମେକ୍‌ଅପ୍ ଆର୍ଟିଷ୍ଟ ସରସ୍ୱତୀ ଦାସ ଆତ୍ମହତ୍ୟା କରିଛନ୍ତି। ଶନିବାର ରାତିରେ କୋଲକାତା କସବାର ବେଦିଆବଙ୍ଗାସ୍ଥିତ ତାଙ୍କ ଘରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଛୋଟବଡ଼ ମଡେଲିଂ କାର୍ଯ୍ୟକ୍ରମରେ ସରସ୍ୱତୀ କୌଣସି ମାନସିକ ଚାପରେ ନ ଥିବା ପରିବାର ଲୋକେ କହିଛନ୍ତି। ଆତ୍ମହତ୍ୟା ନେଇ ପୋଲିସ ପକ୍ଷରୁ ତଦନ୍ତ ଚାଲୁ ରହିଛି। ପୂର୍ବରୁ ଆତ୍ମହତ୍ୟା କରିଥିବା ପଲ୍ଲବୀ, ବିଦିଶା ଓ ମଞ୍ଜୁଷାଙ୍କ ସହ ସରସ୍ୱତୀଙ୍କ କିଛି ସମ୍ପର୍କ ରହିଛି କି ନାହିଁ ସେ ଦିଗରେ ଯାଞ୍ଚ ଆରମ୍ଭ କରାଯାଇଛି।

ବିଦିଶା ଦେ' ମଜୁମଦାର

ପଲ୍ଲବୀ ଦେ

ମଞ୍ଜୁଷା ନିୟୋଗି

ୱାର୍ଲ୍ଡ ରେକର୍ଡ କଲେ ନୁଶରତ

ମୁମ୍ବାଇ: ଆଗାମୀ ଫିଲ୍ମ 'ଜନହିତ ମେ ଜାରି'ର ପ୍ରମୋଶନ୍‌ରେ ଏବେ ବ୍ୟସ୍ତ ଅଛନ୍ତି ନୁଶରତ ଭାରୁଚା। ଫିଲ୍ମର ପ୍ରମୋଶନ କରି ନୁଶରତ କୋଷ୍ଟାର ଅନୁଦ ସିଂଙ୍କ ସହ ପହଞ୍ଚିଛନ୍ତି ଜୟପୁରରେ। ତେବେ ସେଠାରେ ଫିଲ୍ମର ପ୍ରମୋଶନ ବେଳେ ନୁଶରତ ୬୦୦୦ ଜଣ ମହିଳାଙ୍କ ସହ ଘୁମର ସଙ୍ଗରେ ନାଚି ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି। ଜନହିତ ମେ ଜାରି ଫିଲ୍ମରେ ନୁଶରତ ଜଣେ ମଧ୍ୟ ପ୍ରଦେଶର ଝିଅ ଭୂମିକାରେ ଅଭିନୟ କରିଛନ୍ତି। ସମାଜର ଲୋକଙ୍କ ନିନ୍ଦାକୁ ଖାତିର ନ କରି ନୁଶରତ କଣ୍ଡୋମ ବିକ୍ରି କରୁଛନ୍ତି। ଏଥିସହ ଏହା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଥିବା ଫିଲ୍ମରେ ଦେଖିପାରିବେ ଦର୍ଶକ। ଫିଲ୍ମରେ ପାଭେଲ ଗୁଲାଟି, ଅନୁ କପୁର, ପାରିତୋଶ ତ୍ରିପାଠୀ ଆଦି ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମଟି ଜୁନ୍ ୧୦ରେ ମୁକ୍ତିଲାଭ କରିବ। ଫିଲ୍ମ ରିଲିଜ୍ ନ ହେବା ପୂର୍ବରୁ ନୁଶରତ 'ଜନହିତ ମେ ଜାରି' ଚଳଚ୍ଚିତ୍ରରେ ତାଙ୍କ ଚରିତ୍ର ପାଇଁ ସମାଲୋଚନାର ଶିକାର ହୋଇସାରିଛନ୍ତି। ଆଗକୁ ନୁଶରତଙ୍କ ଦୁଇଟି ଫିଲ୍ମ ରାମ ସେତୁ ଏବଂ ସେଲ୍‌ଫି ରିଲିଜ୍ ଅପେକ୍ଷାରେ ରହିଛି।

ମ୍ୟାଗି ପାଇଁ ଛାଡ଼ପତ୍ର

ବେଙ୍ଗାଲୁରୁ

ମ୍ୟାଗି ପାଇଁ ମୈସୁରର ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବା ଲାଗି ଆବେଦନ କରିଛନ୍ତି। ସକାଳ ଜଳଖିଆଠାରୁ ଆରମ୍ଭ କରି ରାତ୍ରୀ ଭୋଜନ ପର୍ଯ୍ୟନ୍ତ ସ୍ତ୍ରୀ ଜଣକ ତାଙ୍କୁ ମ୍ୟାଗି ଖାଇବାକୁ ଦେଇଥିବା କାରଣରୁ ସ୍ୱାମୀ ଏ ପ୍ରକାର ନିଷ୍ପତ୍ତି ନେଇଥିବା କୁହାଯାଉଛି। ମ୍ୟାଗି ଛଡ଼ା ସ୍ତ୍ରୀଙ୍କୁ ଆଉ କୌଣସି ଖାଦ୍ୟ ରୋଷେଇ ଜଣା ନ ଥିବାବେଳେ ପାଖ ଗ୍ରୋସରି ଦୋକାନରୁ ସେ ସବୁବେଳେ ମ୍ୟାଗି କିଣି ଆଣୁଥିବା ବ୍ୟକ୍ତି ଜଣକ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅତି ଛୋଟ କଥା ପାଇଁ ଦମ୍ପତି ଛାଡ଼ପତ୍ର ପାଇଁ ଆବେଦନ କରିଚାଲିଥିବା ସେସନ୍ସ କୋର୍ଟ ବିଚାରପତି ଏମ

ଚିଦାମ୍ବରମ୍, ଜୟରାମ, ସୁର୍ଜେୱାଲା ରାଜ୍ୟ ସଭା ପ୍ରାର୍ଥୀ

ଗୁଲାମ ନବୀ ଆଜାଦଙ୍କୁ ଟିକେଟ ଦେଲାନି କଂଗ୍ରେସ

ନୂଆଦିଲ୍ଲୀ,୩୦।୫

ଜୁନ୍ ୧୦ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ୧୦ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପି. ଚିଦାମ୍ବରମ୍, ଜୟରାମ ରମେଶ, ଅଜୟ ମାକେନ ଏବଂ ଦଳର ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲାଙ୍କୁ ଟିକେଟ ମିଳିଛି। ଏହା ବ୍ୟତୀତ ଜି୨୩ ଅସନ୍ତୁଷ୍ଟ ନେତାଙ୍କ ମଧ୍ୟରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁକୁଲ ୱାସନିକଙ୍କୁ ରାଜସ୍ଥାନରୁ ଏବଂ ବିବେକ ଟଙ୍କାଙ୍କୁ ମଧ୍ୟପ୍ରଦେଶରୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ସଂଗଠନରେ ବଡ଼ ଧରଣର ପରିବର୍ତ୍ତନ ଲାଗି ୨୦୨୦ରେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖିଥିବା ୨୩ ନେତାଙ୍କ ମଧ୍ୟରେ ଏମାନେ ଥିଲେ। ଜି-୨୩ ନେତା ଗୁଲାମ ନବୀ ଆଜାଦ ଏବଂ ଆନନ୍ଦ ଶର୍ମାଙ୍କୁ ରାଜ୍ୟ ସଭା ଟିକେଟ ମିଳିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳ ତାଲିକାରେ ସେମାନଙ୍କ ନାଁ ନାହିଁ।

ପି. ଚିଦାମ୍ବରମ୍


ଜୟରାମ ରମେଶ

ରଣଦୀପ୍ ସୁର୍ଜେୱାଲା

ଚିଦାମ୍ବରମ ତାମିଲନାଡୁରୁ ରାଜ୍ୟ ସଭା ପାଇ ପ୍ରାର୍ଥୀ ହୋଇଥିବାବେଳେ ରମେଶ କର୍ନାଟକରୁ, ମାକେନ ହରିୟାଣାରୁ ଏବଂ ସୁର୍ଜେୱାଲା ରାଜସ୍ଥାନରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ତିୱାରୀଙ୍କୁ ରାଜସ୍ଥାନରୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ଶୁକ୍ଳା ଓ ରଞ୍ଜିତ ରଞ୍ଜନଙ୍କୁ ଛତିଶଗଡ଼ରୁ ଏବଂ ଇମ୍ରାନ୍ ପ୍ରତାପଗର୍ହିଙ୍କୁ ମହାରାଷ୍ଟ୍ରରୁ ପ୍ରାର୍ଥୀ କରାଯାଇଛି। ୧୦ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣ ପୂର୍ବତନ କେନ୍ଦ୍ରମନ୍ତ୍ରୀ। ନିର୍ବାଚନରେ କଂଗ୍ରେସର ସମସ୍ତ ୧୦ ପ୍ରାର୍ଥୀ ଜିତିବା ସମ୍ଭାବନା ଥିବା କୁହାଯାଉଛି। ରାଜସ୍ଥାନରୁ ୩ ଆସନକୁ ଯଦି ଦଳ ଜିତିନିଏ, ତେବେ ଏହା ଉଚ୍ଚ ସଦନରେ ଅଧିକ ୩ ଆସନ ପାଇବାକୁ ସକ୍ଷମ ହୋଇପାରିବ। କଂଗ୍ରେସ ୨ଟି ଆସନ ଜିତିବାକୁ ଥିବାବେଳେ ତାମିଲନାଡୁ ଓ ମହାରାଷ୍ଟ୍ରରୁ ଗୋଟିଏ ଲେଖାଏ ଆସନ ପାଇବ ବୋଲି କୁହାଯାଉଛି। ସେହିପରି ହରିୟାଣା, ମଧ୍ୟପ୍ରଦେଶ, କର୍ନାଟକରେ ଦଳୀୟ ବିଧାୟକଙ୍କ ସଂଖ୍ୟାକୁ ନେଇ କଂଗ୍ରେସ ଗୋଟିଏ ଲେଖାଏ ଆସନ ପାଇପାରେ।

ତେଲୁଗୁ ରାଜନୀତିରେ ଜୟା ପ୍ରଦାଙ୍କ ମନ

ହାଇଦ୍ରାବାଦ, ୩୦।୫

ତିନି ଦଶନ୍ଧି ଧରି ସିନେପ୍ରେମୀଙ୍କ ହୃଦୟରେ ରାଜ କରିଥିବା ଅଭିନେତ୍ରୀ ଜୟା ପ୍ରଦା ତେଲୁଗୁ ରାଜନୀତି ପ୍ରତି ମନ ବଳାଇଛନ୍ତି। ହାଇଦ୍ରାବାଦରେ ଏକ ଘରୋଇ କ୍ଲିନିକ୍ ଉଦ୍‌ଘାଟନ ଅବସରରେ ପୂର୍ବତନ ଏମ୍‌ପି ତଥା ଭାଜପା ନେତ୍ରୀ ଜୟା ପ୍ରଦା ସୋମବାର କହିଛନ୍ତି, ସେ ତେଲୁଗୁ ଭାଷୀ ରାଜ୍ୟ ଆନ୍ଧ୍ରପ୍ରଦେଶ କିମ୍ବା ତେଲଙ୍ଗାନାରେ ସକ୍ରିୟ ରାଜନୀତି ପାଇଁ ଆଗ୍ରହୀ। ଏଥିପାଇଁ ବର୍ତ୍ତମାନ ହେଉଛି ପ୍ରକୃଷ୍ଟ ସମୟ। ଅତୀତରେ ସେ ଜାତୀୟ ରାଜନୀତିରେ ସକ୍ରିୟ ହେବା ବିଷୟକୁ ମନେପକାଇବା ସହ ଆଗକୁ ତେଲୁଗୁ ରାଜ୍ୟରେ ଲୋକଙ୍କ ସେବା କରିବା ପାଇଁ ଚାହାଁନ୍ତି। ଏ ନେଇ ଦଳର ଶୀର୍ଷ ନେତୃତ୍ୱଙ୍କୁ ସେ ଅନୁମତି ମାଗିବେ ବୋଲି କହିଛନ୍ତି।

ଆନ୍ଧ୍ରର ରାଜମୁନ୍ଦ୍ରିରେ ଜନ୍ମିତ ଜୟା ପ୍ରଦା ୨୮ ବର୍ଷର ପଲିଟିକାଲ କ୍ୟାରିୟର ମଧ୍ୟରେ ଅନେକ ଥର ଦଳବଦଳ କରିଛନ୍ତି। ଏହି ଅଭିନେତ୍ରୀ ୧୯୯୪ରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ପ୍ରତିଷ୍ଠାତା ଏନ୍. ଟି. ରାମାରାଓଙ୍କ ନିମନ୍ତ୍ରଣ କ୍ରମେ ରାଜନୀତିରେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୯ରେ ସେ ଭାଜପାରେ ମିଶିଥିଲେ। ଏହାପୂର୍ବରୁ ସମାଜବାଦୀ ପାର୍ଟି(ଏସ୍‌ପି)ରେ ଥିବାବେଳେ ଜୟା ପ୍ରଦା ଓ ଅମର ସିଂ ଅଧ୍ୟକ୍ଷ ମୁଲାୟମ ସିଂ ଯାଦବଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଏସ୍‌ପିରୁ ବିତାଡ଼ିତ ହେବାପରେ ସ୍ୱର୍ଗତଃ ଅମରଙ୍କ ଦ୍ୱାରା ଗଠିତ ରାଷ୍ଟ୍ରୀୟ ଲୋକମଞ୍ଚରେ ଜୟା ପ୍ରଦା ଯୋଗ ଦେଇଥିଲେ।

ସବୁ ଦଳ କହୁଛନ୍ତି ଜିତିବେ

ବ୍ରଜରାଜନଗର ଉପନିର୍ବାଚନ

- କଂଗ୍ରେସ ଜୋରଦାର ନିର୍ବାଚନ ଲଢ଼ିଛି: ପ୍ରଦୀପ
- ଯେଉଁମାନେ ନିର୍ବାଚନ ଲଢ଼ନ୍ତି, ଜିତିବାକୁ ଆଶାବାଦୀ ଥାଆନ୍ତି: ପ୍ରସନ୍ନ
- ଆର୍‌ଏସ୍‌ଏସ୍ ମଧ୍ୟ ଭାଜପା ପ୍ରାର୍ଥୀ ସପକ୍ଷରେ ନ ଥିଲା: ସାଲୁଜା

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ବ୍ରଜରାଜନଗର ଉପନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୧ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ନିର୍ବାଚନମଣ୍ଡଳୀର ମୋଟ ୨,୧୪, ୮୭୮ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି। ତେବେ ଏହି ଉପନିର୍ବାଚନରେ ବିଜୟୀ ହେବେ ବୋଲି ସବୁ ଦଳ ନିଜ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଅନ୍ୟପଟେ କଂଗ୍ରେସ ମଧ୍ୟ ଏହି ଉପନିର୍ବାଚନରେ ନିର୍ବାଚନ ଭଲଭାବେ ଲଢ଼ିଥିବା ଜଣାପଡ଼ିଛି।

ଭାଜପା ନେତା ପ୍ରଦୀପ ପୁରୋହିତ କହିଛନ୍ତି, ଭାଜପା ଏହି ଉପନିର୍ବାଚନରେ ବିଜୟୀ ହେବାର ଆଶା ରଖୁଛି। କଂଗ୍ରେସ, ବିଜେଡି ଏବଂ ଭାଜପା ମଧ୍ୟରେ ଜୋର୍‌ଦାର ଲଢ଼େଇ ହେଉଥିବାରୁ ଏହି ୩ ଦଳ ମଧ୍ୟରେ ତୁଳନା କରାଯିବା ଦରକାର। ବିଜେଡି ପ୍ରାର୍ଥୀ ଅଳକା ମହାନ୍ତିଙ୍କ ତୁଳନାରେ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କ ପ୍ରତି ଅଧିକ ଜନସମର୍ଥନ ରହିଛି। କାହିଁକି ନା ବିଗତ ଦିନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ରାଧାରାଣୀ ବିଧାନସଭାରେ ଉଠାଇଛନ୍ତି। ବିଜେଡି ଯାହାସବୁ ପ୍ରତିଶ୍ରୁତି ଦେଇ ଗତ ନିର୍ବାଚନରେ ଭୋଟ ହାତେଇଥିଲା ସେସବୁ କିଛି ପୂରଣ କରିନାହିଁ। ଭାଜପା ଏଥର ଜିତିବ ବୋଲି ଶତପ୍ରତିଶତ ଆଶାବାଦୀ। ଏଥର କିଶୋର ପଟେଲ ପ୍ରାର୍ଥୀ ହେବା ପରେ କଂଗ୍ରେସ ଜୋରଦାର ଭାବେ ନିର୍ବାଚନ ଲଢ଼ିଛି। କଂଗ୍ରେସ ଯଦି ତା'ର ପାରମ୍ପରିକ ଭୋଟ ନିଜ ସପକ୍ଷରେ ରଖିବାରେ ସକ୍ଷମ ହୁଏ ଭାଜପା ନିଶ୍ଚୟ ଜିତିବ ବୋଲି ସେ କହିଛନ୍ତି।

ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଯେଉଁମାନେ ନିର୍ବାଚନ ଲଢ଼ନ୍ତି ଜିତିବା ପାଇଁ ଆଶାବାଦୀ ଥାଆନ୍ତି। ତେଣୁ ତାକୁ ଚିନ୍ତା କରି ଭାଜପା ବିଜୟୀ ହେବାର ଆଶା ବାନ୍ଧିଛି। ହେଲେ ବିଜେଡିର ବିଜୟ ହେବ। ଲୋକମାନେ ବିକାଶକୁ ଦେଖିବେ। ତୃଣମୂଳସ୍ତରରେ ଲୋକମାନେ ବିଜେଡି ସହିତ ଏବଂ ବିକାଶ ସପକ୍ଷରେ ଅଛନ୍ତି। ତେଣୁ କେହି କହିବାରେ କିଛି ହୁଏ ନାହିଁ, ଫଳାଫଳ ଆସିଲେ ସବୁକିଛି ସ୍ୱଚ୍ଛ ହୋଇଯିବ।

କଂଗ୍ରେସ ନେତା ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବ୍ରଜରାଜନଗର ବାସିନ୍ଦା ଜାଣନ୍ତି ନୂଆ ଲୋକକୁ ଜିତାଇଲେ ତାଙ୍କୁ କାମ ଶିଖିବାରେ ୨ ବର୍ଷ ଚାଲିଯିବ। ତେଣୁ ପୂର୍ବତନ ବିଧାୟକ ତଥା ବାଚସ୍ପତି କିଶୋର ପଟେଲଙ୍କୁ ଲୋକମାନେ ଭୋଟ୍ ଦେବାକୁ ସେମାନେ ସ୍ଥିର କରିଛନ୍ତି। କିଶୋର ପଟେଲ ଏବେ ଓଡ଼ିଶା ମଜଦୁର ୟୁନିୟନର ସଭାପତି ଅଛନ୍ତି। ୨୦୧୯ ନିର୍ବାଚନ ସମୟରେ ବିଜେଡି ଯାହାସବୁ ପ୍ରତିଶ୍ରୁତି ଦେଇଥିଲା ସେସବୁ କିଛି ପାଳନ କରିନାହିଁ। ତେଣୁ ବିଜେଡି ସପକ୍ଷରେ ଭୋଟର ନାହାନ୍ତି। ଭାଜପା ଭୋଟ୍ ମଧ୍ୟ ଏଥର କଂଗ୍ରେସକୁ ଆସିବ। ଭାଜପା ପ୍ରାର୍ଥୀଙ୍କୁ ଆର୍‌ଏସଏସ ମଧ୍ୟ ସମର୍ଥନ କରୁ ନ ଥିଲା ବୋଲି ସେ କହିଛନ୍ତି।

ଆଜି ୪ ରାଜ୍ୟ ସଭା ପ୍ରାର୍ଥୀ କରିବେ ନାମାଙ୍କନ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ରାଜ୍ୟ ସଭା ନିର୍ବାଚନ ପାଇଁ ବିଜେଡି ତା'ର ୪ ପ୍ରାର୍ଥୀଙ୍କ ନାଁକୁ ରବିବାର ଘୋଷଣା କରିସାରିଛି। ସମସ୍ତ ଆସନ ପାଇଁ ବିଜେଡି ଯୁବ ଚେହେରା ଉପରେ ପ୍ରାଧାନ୍ୟ ଦେଇଛି। ମାନସ ମଙ୍ଗରାଜ, ସସ୍ମିତ ପାତ୍ର, ସୁଲତା ଦେଓଙ୍କୁ ଦଳ ୬ ବର୍ଷ ପାଇଁ ରାଜ୍ୟ ସଭା ପଠାଇବାକୁ ଯୋଜନା କରିଛି। ସେହିପରି ସୁବାସ ସିଂଙ୍କ ସ୍ଥାନରେ ୪ ବର୍ଷ ପାଇଁ ପଶ୍ଚିମ ଓଡ଼ିଶାର ଚେହେରା ନିରଞ୍ଜନ ବିଶିଙ୍କୁ ଦଳ ରାଜ୍ୟ ସଭା ପଠାଇବାକୁ ସ୍ଥିର କରିସାରିଛି। ତେବେ ମଙ୍ଗଳବାର ୩ ଆସନ ଲାଗି ନାମାଙ୍କନ ଦାଖଲର ଶେଷଦିନ ହୋଇଥିବା ବେଳେ ନିରଞ୍ଜନ କିନ୍ତୁ ୨ ତାରିଖ ଭିତରେ ନାମାଙ୍କନ ଦାଖଲ କରିପାରିବେ। ହେଲେ ବିଜେଡିର ୪ ଜଣ ଯାକ ପ୍ରାର୍ଥୀ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଧାନସଭାରେ ନାମାଙ୍କନ ଦାଖଲ କରିବେ ବୋଲି ଜଣାପଡ଼ିଛି। ତେବେ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସମସ୍ତ ୪ଟି ଯାକ ଆସନ ବିଜେଡି ଖାତାକୁ ଚାଲିଯିବ। ୩ ଆସନ ଲାଗି ଜୁନ୍ ୧୦ରେ ଏବଂ ଗୋଟିଏ ଆସନ ଲାଗି ୧୩ ତାରିଖରେ ଭୋଟିଂ ହେବ। ହେଲେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିବେ। ତେଣୁ ଭୋଟିଂ ହେବାର ଆବଶ୍ୟକତା ପଡ଼ିବ ନାହିଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି। ଅନ୍ୟପଟେ ବର୍ତ୍ତମାନ ରାଜ୍ୟ ସଭାରେ ଓଡ଼ିଶାର ୧୦ଟି ଆସନ ମଧ୍ୟରୁ ୯ଟି ବିଜେଡି ହାତରେ ରହିବାକୁ ଥିବା ବେଳେ ଗୋଟିଏ ଆସନ ଭାଜପା ପାଖରେ ରହିଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଜେଡି ସମର୍ଥନରେ ଭାଜପାରୁ ପ୍ରାର୍ଥୀ ହୋଇ ରାଜ୍ୟ ସଭା ଯାଇଛନ୍ତି।

ତେବେ ରାଜ୍ୟ ସଭା ପ୍ରାର୍ଥୀ ହେବା ପରେ ମାନସ ମଙ୍ଗରାଜ ଏବଂ ସୁଲତା ଦେଓଙ୍କୁ ମିଳିଥିବା ସରକାରୀ ପଦବୀରୁ ଉଭୟ ଇସ୍ତଫା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ପଦରୁ ମାନସ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିସାରିଛନ୍ତି। ମୁଖ୍ୟମନ୍ତ୍ରୀ ତାହା ଗ୍ରହଣ କରିବା ସହ ରାଜ୍ୟପାଳଙ୍କ ନିକଟକୁ ପଠାଇଦେଇଛନ୍ତି। ରାଜ୍ୟପାଳଙ୍କ ଅନୁମୋଦନ ପରେ ମାନସଙ୍କୁ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ପଦରୁ ଦାୟିତ୍ୱମୁକ୍ତ କରାଯାଇଛି। ସେହିପରି ମିଳିଥିବା ସୂଚନା ମୁତାବକ, ସୁଲତା ଦେଓ ଡବ୍ଲ୍ୟୁଓସିଡି(ମହିଳା ଓ ଶିଶୁ ବିକାଶ) ବିଭାଗର ପରାମର୍ଶଦାତା ଭାବେ ଯେଉଁ ଦାୟିତ୍ୱରେ ଥିଲେ ୨ ଦିନ ତଳୁ ସେଥିରୁ ଇସ୍ତଫା ଦେଇସାରିଥିବା ଜଣାପଡ଼ିଛି। ରାଜ୍ୟ ସଭା ଯିବା ନେଇ ତାଙ୍କୁ ଖବର ଦିଆଯିବା ସଙ୍ଗେ ସଙ୍ଗେ ସୁଲତା ତାଙ୍କ ପଦରୁ ଇସ୍ତଫା ଦେଇଥିଲେ, ଯାହା କି ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇସାରିଛି। ତେବେ ସୂଚନାଯୋଗ୍ୟ ଯେ, ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଏନ୍ ଭାସ୍କର ରାଓ ଏବଂ ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ଏହି ୩ ଆସନ ଲାଗି ରାଜ୍ୟ ସଭା ନିର୍ବାଚନ ହେବାକୁ ଯାଉଛି। ଅନ୍ୟପଟେ କଟକ ମେୟର ଭାବେ ସୁବାସ ସିଂଙ୍କୁ ବିଜେଡି ବାଛିବା ପରେ ସେ ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଖାଲିଥିବା ଏହି ଆସନରୁ ନିରଞ୍ଜନ ବିଶିଙ୍କୁ ଦଳ ସୁଯୋଗ ଦେଇଛି।

ଆଜି ମାହାଙ୍ଗାରେ 'ଗରିବ କଲ୍ୟାଣ ସମ୍ମିଳନୀ'

ଭାଜପା ପାଳିବ କେନ୍ଦ୍ର ସରକାର ଶାସନର ୮ବର୍ଷ ପୂର୍ତ୍ତି

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ମଙ୍ଗଳବାର ସମଗ୍ର ଦେଶରେ ସେବା, ସୁଶାସନ ଓ ଗରିବ କଲ୍ୟାଣର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ଲାଭାର୍ଥୀ ଚାଷୀଙ୍କ ପାଇଁ ୧୧ତମ କିସ୍ତି ପ୍ରଦାନ କରିବେ। ଏହି ଅବସରରେ କଟକ ଜିଲା ମାହାଙ୍ଗା ପୋଡ଼ାମରାଇଠାରେ ଦଳ ପକ୍ଷରୁ 'ବିଶାଳ ଗରିବ କଲ୍ୟାଣ ସମ୍ମିଳନୀ' ଆୟୋଜନ ସହ ରାଜ୍ୟର ବିଭିନ୍ନ ଜିଲାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ଦେଖିବାର ଆୟୋଜନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୟୂରଭଞ୍ଜରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ଦେଖିବାର କାର୍ଯ୍ୟକ୍ରମ ରହିଥିବା ବେଳେ ରାଜ୍ୟ ସଭାପତି ସମୀର ମହାନ୍ତି ନୟାଗଡରେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ଗୋଲକ କହିଛନ୍ତି ଯେ, ଓଡ଼ିଶା ସମେତ ଦେଶର ୧୦ କୋଟିରୁ ଅଧିକ ଚାଷୀଙ୍କୁ ୨୧ ହଜାର କୋଟି ଟଙ୍କାରୁ ଅଧିକ ପିଏମ୍ କିଷାନ ସମ୍ମାନ ନିଧିର ୧୧ତମ କିସ୍ତି ମଧ୍ୟ ପ୍ରଦାନ କରିବେ।

ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ଲକ୍ଷ୍ନୌସ୍ଥିତ ୟୁପି ବିଧାନସଭା ପରିସରରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।

ପ୍ରଶାସନର ଶେଷ ପ୍ରୟାସ ବିଫଳ

ସ୍କୁଲ ଖୋଲିବା ଦାବିରେ ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

ଝାରସୁଗୁଡ଼ା ଅଫିସ,୩୦।୫

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ ପଣ୍ଡରି ଗ୍ରାମ ପଞ୍ଚାୟତର ବେଙ୍କମୁରା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଗତବର୍ଷ ପ୍ରଶାସନ ବନ୍ଦ କରି ନିକଟସ୍ଥ ବଲଣ୍ଡା ପ୍ରାଥମିକ ବିଦ୍ୟାଳୟ ସହ ମିଶାଇ ଦେଇଛି। ଏହାକୁ ଗ୍ରାମବାସୀ ବିରୋଧ କରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ଏପରି କି ଦାବି ପୂରଣ ନ ହେଲେ ଉପନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ। ପୂର୍ବରୁ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଗ୍ରାମକୁ ଯାଇ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ମତଦାନ ଅବ୍ୟବହିତ ପୂର୍ବରୁ ସୋମବାର ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ପଟେଲ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ପ୍ରଧାନ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏପରି କି ସେମାନଙ୍କ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରିବେ ବୋଲି ଅଧିକାରୀମାନେ କହିଥିଲେ। ହେଲେ ଏହାକୁ ଗ୍ରାମବାସୀ ଗ୍ରହଣ ନ କରି ଲିଖିତ ପ୍ରତିଶ୍ରୁତି ମିଳି ନ ଥିବାରୁ ଭୋଟ ଦାନରୁ ବିରତ ରହିବେ ବୋଲି ସୂଚନା ଦେଇଛନ୍ତି।

ଗ୍ରାମବାସୀଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା।

୧ରୁ କଂଗ୍ରେସର ନବସଂକଳ୍ପ ଶିବିର

ପିସିସି ସଭାପତି ହେବା ପରେ ଶରତ ପଟ୍ଟନାୟକଙ୍କ ପ୍ରଥମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଉଦୟପୁରଠାରେ ଅନୁଷ୍ଠିତ ହୋଇଥିବା ନବସଂକଳ୍ପ ଶିବିର ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ୨ ଦିନିଆ ନବସଂକଳ୍ପ ଶିବିର ଅନୁଷ୍ଠିତ ହେବ। ଆସନ୍ତା ୧ ଏବଂ ୨ ତାରିଖରେ ସ୍ଥାନୀୟ ୟୁନିଟ୍-୪ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ ସଭା ଗୃହରେ ପୂର୍ବାହ୍ନ ୯ଟା ୩୦ ମିନିଟ୍‌ରେ ନବନିଯୁକ୍ତ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଡ. ଏ. ଚେଲ୍ଲା କୁମାର, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଜି.ରୁଦ୍ର ରାଜୁ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେବେ। ୧ରେ କଂଗ୍ରେସ ଏମ୍‌ପି, ସବୁ ବିଧାୟକ, ପୂର୍ବତନ ଏମ୍‌ପି ଓ ବିଧାୟକ, ପୂର୍ବତନ ପିସିସି ସଭାପତି, ୨୦୧୯ ସାଧାରଣ ନିର୍ବାଚନର ସାଂସଦ ଓ ବିଧାୟକ ପ୍ରାର୍ଥୀ, ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଏଆଇସିସି କର୍ମକର୍ତ୍ତା ଓ ପୂର୍ବତନ କର୍ମକର୍ତ୍ତା, ପିସିସି କର୍ମକର୍ତ୍ତା, ଜିଲା ସଭାପତି ଓ ବିଭାଗର ମୁଖ୍ୟମାନେ ଯୋଗଦେବେ। ସେହିଭଳି ୨ରେ ପୂର୍ବତନ ପିସିସି ସଭାପତି, ଏଆଇସିସି ସମ୍ପାଦକ (ଓଡ଼ିଶା), ଜିଲା ସଭାପତି, ବ୍ଲକ ଓ ନଗର ସଭାପତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ସମସ୍ତ ନେତୃବୃନ୍ଦଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। କୌଣସି କାରଣବଶତଃ ଯେଉଁ ନେତୃବୃନ୍ଦ ଏ ସମ୍ପର୍କରେ ଅବଗତ ହୋଇପାରି ନ ଥିବେ ସେମାନେ ଗଣମାଧ୍ୟମ ଖବରକୁ ନିମନ୍ତ୍ରଣ ମନେକରି ଆସିବା ପାଇଁ ଦଳ ତରଫରୁ ଅନୁରୋଧ କରାଯାଇଛି। ତେବେ ବ୍ରଜରାଜନଗର ଉପନିର୍ବାଚନ ପାଇଁ କଂଗ୍

ସ୍ପାଇସ୍ ଜେଟ୍ ଉପରେ ଲାଗିଲା ଜରିମାନା

ମୁମ୍ବାଇ: ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିଭିଲ୍ ଆଭିଏସନ୍ (ଡିଜିସିଏ) ପକ୍ଷରୁ ୭୩୭ ମ୍ୟାକ୍ସ ବିମାନ ପାଇଲଟଙ୍କୁ ତ୍ରୁଟିପୂର୍ଣ୍ଣ ସିମ୍ୟୁଲେଟର ଉପରେ ପ୍ରଶିକ୍ଷଣ ଦେବା ବିରୋଧରେ ୧୦ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି। ଏହାପୂର୍ବରୁ ଗତ ମାସରେ ସ୍ପାଇସ୍ ଜେଟ୍‌ର ୯୦ଜଣ ପାଇଲଟ୍‌ଙ୍କୁ ଠିକ୍ ଭାବେ ପ୍ରଶିକ୍ଷଣ ଦେଇନଥିବା କାରଣ ଦର୍ଶାଇ ମ୍ୟାକ୍ସ ବିମାନ ସଂଚାଳନକୁ ବନ୍ଦ କରିଦେଇଥିଲା। ଗଣମାଧ୍ୟମ ସୂଚନା ଅନୁସାରେ ପାଇଲଟ୍‌ମାନଙ୍କ ଉପରେ କଟକଣା ଲଗାଯିବା ପରେ ଏୟାରଲାଇନ୍‌କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ତେବେ ଏୟାରଲାଇନ୍ ପକ୍ଷରୁ ଦିଆଯାଇଥିବା ଜବାବ ସନ୍ତୋଷଜନକ ନଥିଲା। ସ୍ପାଇସ୍ ଜେଟ୍ ଦ୍ୱାରା ପାଇଲଟ୍‌ଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ଦ୍ୱାରା ଉଡ଼ାଣ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପଡିପାରେ।

ବିଦେଶକୁ ଗହମ ରପ୍ତାନି କରିପାରେ ଭାରତ

ନୂଆଦିଲ୍ଲୀ,୩୦।୫



୬ ରୁ ଊର୍ଦ୍ଧ୍ୱ ଦେଶଠାରୁ ୧.୫ ମିଲିୟନ୍ ଟନ୍‌ର ଗହମ ରପ୍ତାନି ପାଇଁ ରହିଛି ଅପିଲ୍

ରୁଷିଆ ଓ ୟୁକ୍ରେନ୍ ଯୁଦ୍ଧ କାରଣରୁ ବିଭିନ୍ନ ଦେଶର ଗହମ ଆମଦାନୀ ହ୍ରାସ ଘଟିଛି। ତେଣୁ ଗହମ ଯୋଗାଣ ବୃଦ୍ଧି ପାଇଁ ବିଭିନ୍ନ ଦେଶରୁ ଭାରତକୁ ଅପିଲ୍ କରାଯାଉଥିବା ବ୍ୟବସାୟିକ ଏବଂ ସରକାରୀ ସୂତ୍ରରୁ ସୂଚନା ମିଳିଛି। ସୂଚନା ଅନୁସାରେ ସୋମବାର ସୁଦ୍ଧା ୬ରୁ ଊର୍ଦ୍ଧ୍ୱ ଦେଶ ଭାରତଠାରୁ ୧.୫ ମିଲିୟନ୍ ଟନ୍‌ରୁ ଅଧିକ ଗହମ କ୍ରୟ କରିବାକୁ ଅନୁରୋଧ କରିସାରିଛନ୍ତି। ବର୍ତ୍ତମାନ ଏହି ଅନୁରୋଧକୁ ଭାରତ କିପରି ପୂରା କରିବ ସେ ନେଇ ମଧ୍ୟ ସରକାରୀ ସ୍ତରରେ ଅଲୋଚନା ଜାରି ରହିଛି। ଏପରିକି ଆବଶ୍ୟକ କରୁଥିବା ଦେଶକୁ ଗହମ ଯୋଗାଣ ପାଇଁ ଭାରତ ସହାୟତାର ହାତ ବଢ଼ାଇବାକୁ ଚାହୁଁଥିବା ସରକାରୀ ସ୍ତରରୁ ସୂଚନା ଦିଆଯାଇଛି। ତେବେ ଗହମ ଆମଦାନୀ ପାଇଁ ଅଧିକତମ ଅନୁରୋଧ ପଡ଼ୋଶୀ ଦେଶ ବାଂଲାଦେଶଠାରୁ ଭାରତକୁ ମିଳିଛି। ବାଂଲାଦେଶ ନିୟମିତ ଭାବେ ଭାରତଠାରୁ ଗହମ କ୍ରୟ କରିଥାଏ। ବାଂଲାଦେଶ ଅନ୍ୟ ଦେଶଗୁଡ଼ିକଠାରୁ କିଣୁଥିବା ଗହମ ଦର ଅପେକ୍ଷା ଭାରତଠାରୁ ୩୦% କମ୍ ମୂଲ୍ୟରେ କ୍ରୟ କରିଥାଏ। ଏହାଛଡ଼ା ମାତ୍ର ଏକ ସପ୍ତାହ ମଧ୍ୟରେ ଭାରତୀୟ କାର୍ଗୋ ଦ୍ୱାରା ଗହମ ବାଂଲାଦେଶରେ ପହଞ୍ଚିଥାଏ। ଫଳରେ ବାଂଲାଦେଶ କମ୍ ସମୟ ଏବଂ ସ୍ୱଳ୍ପ ମୂଲ୍ୟରେ ଭାରତଠାରୁ ଗହମ ପ୍ରାପ୍ତ କରିପାରିଥାଏ।

ସୂଚନାଯୋଗ୍ୟ, ବାଂଲାଦେଶ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତଠାରୁ ୧.୨ ମିଲିୟନ୍ ଟନ୍ ଗହମ କ୍ରୟ କରିଥିବା ବେଳେ ୨୦୨୧-୨୨ରେ ୪ ମିଲିୟନ୍ ଟନ୍ ଗହମ କ୍ରୟ କରିଥିଲା। ତେବେ ବର୍ତ୍ତମାନ ବାଂଲାଦେଶକୁ ଅଧିକ ଗହମର ଆବଶ୍ୟକତା ରହିଛି। ତେଣୁ ଭାରତ ବାଂଲାଦେଶର ଆବଶ୍ୟକତା ଅନୁସାରେ ଗହମ ଯୋଗାଇ ପାରିବ ନାହିଁ ବୋଲି ବୈଶ୍ୱିକ ବ୍ୟାପାରିକ ଫାର୍ମର ଜଣେ ଡିଲର କହିଛନ୍ତି। ସେହିଭଳି ବାଂଲାଦେଶ ଛଡ଼ା ବିଶ୍ୱର ସର୍ବବୃହତ୍ ଗହମ ଆମଦାନୀକାରୀ ଇଜିପ୍ଟ ମଧ୍ୟ ରାଜନୈତିକ ଚ୍ୟାନେଲ୍ ମାଧ୍ୟମରେ ୫,୦୦,୦୦୦ ଟନ୍ ଗହମ ଯୋଗାଣ ପାଇଁ ଭାରତ ନିକଟରେ ଅପିଲ୍ କରିଛି। ସେହିପରି ଜାମାଇକା ସମେତ ଅନ୍ୟ କିଛି ଏସୀୟ ଦେଶ ମଧ୍ୟ ଭାରତଠାରୁ ଗହମ କ୍ରୟ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ୟୁଗାଣ୍ଡା ଏବଂ ଇଥିଓପିଆ ଭଳି ଦେଶଗୁଡ଼ିକୁ ଗହମ ଯୋଗାଣ ପାଇଁ ୟୁନାଇଟେଡ୍ ନେସନ୍ସ ୱାର୍ଲଡ୍ ଫୁଡ୍ ପ୍ରୋଗ୍ରାମ୍ ପକ୍ଷରୁ ଭାରତକୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ଭାରତ ଘରୋଇ ଗହମ ରପ୍ତାନି ଉପରେ କଟକଣା ଲଗାଇଛି। ତେବେ ଆବଶ୍ୟକ କରୁଥିବା ଦେଶକୁ ଭାରତ ପକ୍ଷରୁ ଗହମ ଯୋଗାଣ କରାଯିବା ନେଇ ଭାରତ ସରକାର ଆଗ୍ରହୀ ରହିଛନ୍ତି।

ନିବେଶକଙ୍କ ୧୦.୧୯ ଲକ୍ଷ କୋଟି ଟଙ୍କା ଲାଭ

ନୂଆଦିଲ୍ଲୀ,୩୦।୫

ଗତ ସପ୍ତାହର ଶେଷ ଦୁଇ କାରବାର ଦିବସ ଏବଂ ଚଳିତ ସପ୍ତାହର ପ୍ରଥମ ଦିନରେ ଭାରତୀୟ ପୁଞ୍ଜିବଜାର ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ ଏହି ୩ ଦିନର ବୃଦ୍ଧି ଦ୍ୱାରା ନିବେଶକଙ୍କ ସମ୍ପତ୍ତି ୧୦.୧୯ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଗତ ତିନି ଦିନରେ ବିଏସ୍‌ଇ ବେଞ୍ଚ୍‌ମାର୍କ ୪% ବୃଦ୍ଧି ଘଟିଛି। ଇକ୍ୱିଟିରେ ବୃଦ୍ଧି କାରଣରୁ ବିଏସ୍‌ଇ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ତିନି ଦିନରେ ୧୦,୧୯,୯୩୬.୮୪ କୋଟି ବୃଦ୍ଧି ଘଟି ୨,୫୮,୪୭,୦୯୨.୪୦ କୋଟି ହୋଇଯାଇଛି। ଏହାଦ୍ୱାରା ମୁଦ୍ରାସ୍ଫୀତିରେ ହ୍ରାସ ଦେଖା ଦେବା ନେଇ ମଧ୍ୟ ଆଶା ଦେଖାଦେଇଛି। ଗତ ଶୁକ୍ରବାର ଆମେରୀକୀୟ ପୁଞ୍ଜି ବଜାରରେ ଆଖିଦୃଶିଆ ବୃଦ୍ଧି ଦେଖାଦେବା ପରେ ବିଶ୍ୱ ସ୍ତରରେ ଏସିଆ ଏବଂ ୟୁରୋପୀୟ ପୁଞ୍ଜିବଜାରରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଥିଲା।

ମୀନକେତନଙ୍କୁ ଟାଇମ୍ସ ବିଜନେସ୍ ଆୱାର୍ଡ

ଭୁବନେଶ୍ୱର,୩୦।୫

ଦେଶର ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ଟାଇମ୍ସ ଗ୍ରୁପ୍ ପକ୍ଷରୁ ନିକଟରେ 'ଟାଇମ୍ସ ବିଜନେସ୍ ଆୱାର୍ଡ ଓଡ଼ିଶା-୨୨' ମହୋତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟ ତଥା ଭାରତର ଶତାଧିକ ଉଚ୍ଚ ଅଧିକାରୀ, ବୁଦ୍ଧିଜୀବୀ କର୍ପୋରେଟ୍ ଲିଡର୍ ଏବଂ ଶିଳ୍ପପତିଙ୍କ ଗହଣରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌କୁ ଓଡ଼ିଶାର ୧ନଂ ବିଦ୍ୟାଳୟ ଭାବେ ଟାଇମ୍ସ ପକ୍ଷରୁ ଘୋଷଣା କରାଯାଇଥିଲା। ଏହିପରିପ୍ରେକ୍ଷୀରେ ଓଡିଏମ୍ ଏଜୁକେଶନଲ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟବ୍ରତ ମୀନକେତନଙ୍କୁ ସମ୍ମାନଜନକ ଟାଇମସ୍ ବିଜନେସ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବଲିଉଡ ଅଭିନେତା ସୋନୁ ସୁଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ସୋନୁଙ୍କଠାରୁ ପୁରସ୍କାର ପାଇବା ବେଳେ ଡ. ମୀନକେତନ କହିଛନ୍ତି ଶିକ୍ଷାର ବିକାଶ ଓ ସମ୍ପ୍ରସାରଣ ହିଁ ବର୍ତ୍ତମାନ ସମାଜକୁ ଏକ ବିକାଶଶୀଳ ଓ ସକାରାତ୍ମକ ଭାବେ ପରିବର୍ତ୍ତନଶୀଳ କରାଇପାରିବ।

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ 'ପ୍ରେରଣା'

ଭୁବନେଶ୍ୱର,୩୦।୫

ସମାନ୍ତରାଳ ଭାବେ ଶିକ୍ଷା ସହ ସାମାଜିକ ଚିନ୍ତନ ଓ ମୂଲ୍ୟବୋଧର ସମନ୍ୱୟ ଘଟିଲେ ବିଦ୍ୟାର୍ଥୀର ପୂର୍ଣ୍ଣାଙ୍ଗ ବିକାଶ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ନାନାଦି ବିଷୟବସ୍ତୁ ଉପରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥାଏ। ଚଳିତ ବର୍ଷ କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱୀକୃତି ଦେବା ସହ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ବିଶ୍ୱବିଦ୍ୟାଳୟ ପରିସରରେ ବିକାଶର ମଞ୍ଚ ହେଉଛି ପ୍ରେରଣା। ବରିଷ୍ଠ ପ୍ରଶାସକ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱୀକୃତି ପତ୍ର ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ପ୍ରଫେସର ଡା. ବିଶ୍ୱଜିତ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ କୁଳପତି ପ୍ରଫେସର ଡା. କଲ୍ୟାଣ ଶଙ୍କର ରାୟ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପ୍ରଫେସର ଡା. ସ୍ମାରକୀ ପଟ୍ଟନାୟକ ଏବଂ ସହକାରୀ ଡିନ୍ ପ୍ରଫେସର ଡା. ଭକ୍ତବନ୍ଧୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଏମ୍‌ଇଏମ୍‌ସି ସପ୍ତାହରେ ଟାଟା ଷ୍ଟିଲ୍‌କୁ ୬ ପୁରସ୍କାର

ଭୁବନେଶ୍ୱର,୩୦।୫

ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଆୟୋଜିତ ୨୩ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମ୍‌ଇଏମ୍‌ସି) ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୨୦୨୦-୨୧ବର୍ଷ ପାଇଁ ଓଡ଼ିଶା ଟାଟା ଷ୍ଟିଲର ଲୁହାପଥର ଓ ମାଙ୍ଗାନିଜ ଖଣି ୬ଟି ପୁରସ୍କାର ହାସଲ କରିଛି। ଏପରିକି ଟାଟା ଷ୍ଟିଲ୍ ଯୋଡ଼ା ଇଷ୍ଟ ଲୁହାପଥର ଖଣି ସିଷ୍ଟମେଟିକ୍ ଆଣ୍ଡ୍ ସାଇଣ୍ଟିଫିକ୍ ଡେଭେଲପ୍‌ମେଣ୍ଟରେ ୧ମ ପୁରସ୍କାର ପାଇଥିବା ବେଳେ ମିନେରାଲ ବେନିଫିକେସନରେ ମଧ୍ୟ କମ୍ପାନୀ ପ୍ରଥମ ପୁରସ୍କାର ହାସଲ କରିଛି। ସେହିଭଳି ସଷ୍ଟେନେବଲ୍ ଡେଭେଲପ୍‌ମେଣ୍ଟରେ କମ୍ପାନୀ ୨ୟ ପୁରସ୍କାର ଓ ସାମଗ୍ରିକ ପ୍ରଦର୍ଶନରେ ମଧ୍ୟ ଦ୍ୱିତୀୟ ପୁରସ୍କାର ପ୍ରାପ୍ତ ହୋଇଛି। ସେହିପରି କଟାମାଟି ଲୁହାପଥର ଖଣି ଡମ୍ପ୍ ପରିଚାଳନାରେ ଦ୍ୱିତୀୟ ପୁରସ୍କାର ହାସଲ କରିଥିବା ବେଳେ ଖନ୍ଦବନ୍ଦ ଲୁହା ଓ ମାଙ୍ଗାନିଜ ଖଣି ବନୀକରଣରେ କମ୍ପାନୀ ଦ୍ୱିତୀୟ ପୁରସ୍କାର ଲାଭ କରିଛି। ବିଶେଷ କରି ବିଭିନ୍ନ ଖଣିର ନିରୀକ୍ଷଣ ଦଳ (ଅଂଶଗ୍ରହଣକାରୀ) କମ୍ପାନୀ ପରିସର ପରିଦର୍ଶନ କରିଥିଲେ ଏବଂ ବନୀକରଣ, ବର୍ଜ୍ୟ ପରିଚାଳନା, ବ୍ୟବସ୍ଥିତ ଓ ବୈଜ୍ଞାନିକ ବିକାଶ, ଖଣିଜ ସଂରକ୍ଷଣ, ପୁନରୁଦ୍ଧାର ଓ ଥଇଥାନ, ଖଣିଜ ବେନିଫିକେଶନ, ପରିବେଶ ନିରୀକ୍ଷଣ, ନିରନ୍ତର ବିକାଶ, ଜନସମ୍ପର୍କ ଓ ପ୍ରଚାର ଏବଂ ସିଏସ୍‌ଆର ଭଳି କାର୍ଯ୍ୟକଳାପ ଆଦି ସର୍ତ୍ତ ଅନୁସାରେ ସେମାନେ ଅନୁଶୀଳନ କରି ଫଳାଫଳ ପ୍ରଦାନ କରିଛନ୍ତି।

ଅପରପକ୍ଷରେ ନାଲ୍‌କୋର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଓ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ୍)ର ଚିଫ୍ କଣ୍ଟ୍ରୋଲର ଅଫ ମାଇନ୍ସ (ଇନଚାର୍ଜ) ପି.ଏନ୍. ଶର୍ମା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ୍ୟ ବିବେଚିତ କମ୍ପାନୀଗୁଡିକୁ ପୁରସ୍କୃତ କରିଥିଲେ।

ଜାତୀୟ ସ୍ତରରେ ପାଦ ଥାପିବ ଆଇଡବ୍ଲ୍ୟୁଇସି

ଭୁବନେଶ୍ୱର,୩୦।୫

ଇଣ୍ଡିଆନ ଚାମ୍ବର ଅଫ୍ କର୍ମସ (ଆଇସିସି)ର ମହିଳା ଉଦ୍ୟୋଗୀ ପରିଷଦ (ଆଇଡବ୍ଲ୍ୟୁଇସି) ପକ୍ଷରୁ ନିକଟରେ ଆୟୋଜିତ ଭାରତର ପ୍ରଥମ ମହିଳା ବାଣିଜ୍ୟ ମେଳା ସଫଳତା ହାସଲ କରି ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି। ଏହି ମେଳା ଯେ କେବଳ ସଫଳତା ହାସଲ କରିଛି ତାହା ନୁହେଁ ଓଡ଼ିଶାର ମହିଳା ଉଦ୍ୟୋଗୀଙ୍କ ଏହି ନିଆରା କାର୍ଯ୍ୟକ୍ରମ ଦେଶ ବିଦେଶରେ ମଧ୍ୟ ଆଦୃତ ହୋଇପାରିଛି। ଓଡ଼ିଶାରେ ଏହାର ସଫଳତା ପରେ ଜାତୀୟ ସ୍ତରରେ ପାଦ ଥାପିବାକୁ ଯାଉଛି ମହିଳା ଉଦ୍ୟୋଗୀ ପରିଷଦ। ଏହି ସଂଗଠନ ଓଡ଼ିଶା ମଡ଼େଲ୍ ଉପରେ ଆଧାର କରି ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଜାତୀୟ ଇକୋସିଷ୍ଟମ ବିକାଶ କରିବ। ଏପରିକି ଆସନ୍ତା କିଛି ମାସ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, କୋଲକାତା, ପୁଣେ ଏବଂ ବେଙ୍ଗାଲୁରୁରେ ବିଭିନ୍ନ ଜାତୀୟ ଅଧ୍ୟାୟର ଶୁଭାରମ୍ଭ କରିବା ନେଇ ମହିଳା ଉଦ୍ୟୋଗୀ ପରିଷଦର ଆବାହକ ସୁକୀର୍ତ୍ତି ପଟ୍ଟନାୟକ କହିଛନ୍ତି। ଏହି ମେଳା ଶେଷ ହେବା ପୂର୍ବରୁ ଅନ୍ୟ ରାଜ୍ୟରେ ମେଳା ଆୟୋଜନ ପାଇଁ ପ୍ରସ୍ତାବ ଆସିଛି। ଆସନ୍ତା ଜୁନ୍‌ରେ ମହିଳା ଉଦ୍ୟୋଗୀ ପରିଷଦରେ ଆଉ ୧୦୦ ମହିଳା ଉଦ୍ୟୋଗୀ ଯୋଗ ଦେବେ, ଯାହା ଆମର ଶକ୍ତି ଅଧିକ ବଢାଇ ଦେବ ବୋଲି ସୀକୃତି ମତବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧକ୍ଷ ଜେ.ବିପାଣି, ସହ ଅଧକ୍ଷ ଏମ୍.କେ ଗୁପ୍ତା ଓ ସହ ଆବାହକ ତନୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍ତମ ସେବା ଦେବ ଶୁଭମ୍ କ୍ୟାପିଟାଲ୍

ଭୁବନେଶ୍ୱର,୩୦।୫

ଦୀର୍ଘ ୨୫ ବର୍ଷ ଧରି ଭୁବନେଶ୍ୱର ଓ ଜଟଣୀରେ ଆର୍ଥିକ ପରାମର୍ଶ ସେବା ପ୍ରଦାନ କରିଆସୁଥିବା 'ଶୁଭମ୍ କ୍ୟାପିଟାଲ୍' ନିକଟରେ ସ୍ଥାନୀୟ ଲୁଇସ୍‌ରୋଡ୍‌ସ୍ଥିତ ରତ୍ନା ପ୍ଲାଜାଠାରେ ଏହାର ନିଜସ୍ୱ ଗୃହ (ନୂତନ କାର୍ଯ୍ୟାଳୟ)ର ଶୁଭାରମ୍ଭ କରିଛି। ଓଡ଼ିଶା ପାଲା ଗାୟକ ସଂଘର ପୂର୍ବତନ ସମ୍ପାଦକ ସୁଦର୍ଶନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରି ସଂସ୍ଥାର ଭବିଷ୍ୟତ ଉଜ୍ଜ୍ୱଳମୟ ନେଇ ଶୁଭକାମନା ଜଣାଇବା ସହ ନିବେଶକଙ୍କୁ ଉତ୍ତମ ସେବା ପ୍ରଦାନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଉପଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶୁଭମ୍ କ୍ୟାପିଟାଲ୍‌ର ମୁଖ୍ୟ ତଥା ବରିଷ୍ଠ ସାର୍ଟିଫାଏଡ୍ ଫାଇନାନ୍ସିଆଲ୍ ପ୍ଲାନର ସୁଧାଂଶୁ ମହାପାତ୍ର କହିଥିଲେ, ଭବିଷ୍ୟତରେ ସମସ୍ତ ନିବେଶକାରୀଙ୍କୁ ଉତ୍ତମ ସେବା ପ୍ରଦାନ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ସେହିଭଳି ରାଜ୍ୟର ବିଭିନ୍ନ ସହରରେ ଏହାର ଶାଖା ଖୋଲିବା ନେଇ ମଧ୍ୟ ପ୍ରୟାସ ଜାରି ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ମ୍ୟୁଚୁଆଲ୍ ଫଣ୍ଡ୍ କମ୍ପାନୀର କର୍ମକର୍ତ୍ତା, ବରିଷ୍ଠ ନିବେଶକ ଓ ବନ୍ଧୁପରିଜନ ଯୋଗଦାନ କରି 'ଶୁଭମ୍ କ୍ୟାପିଟାଲ୍'ର ଭବିଷ୍ୟତ କାମନା କରିଥିଲେ। ସଂସ୍ଥା ପକ୍ଷରୁ ଆଗାମୀ ଦିନରେ ଓଡ଼ିଶାର ସମସ୍ତ ନିବେଶକାରୀଙ୍କୁ ଉତ୍ତମ ଆର୍ଥିକ ସେବା ପ୍ରଦାନ କରିବା ପାଇଁ ଅନ୍ୟ ସହରରେ ମଧ୍ୟ ଶାଖା ଖୋଲିବା ସହ 'ଆର୍ଥିକ ସାକ୍ଷରତା' ସଭାମାନ ଆୟୋଜନ କରିବା ନେଇ ଲକ୍ଷ୍ୟ ରଖିଛି।

ଋଣ ପ୍ରଦାନରେ ବିଓଏମ୍‌ର ଶୀର୍ଷ ସ୍ଥାନ ହାସଲ

ଭୁବନେଶ୍ୱର,୩୦।୫

ଋଣ ଏବଂ ଜମା ଅଭିବୃଦ୍ଧି କ୍ଷେତ୍ରରେ ଗତ ଆର୍ଥିକ ବର୍ଷରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ଶ୍ରେଷ୍ଠ ଋଣ ପ୍ରଦାନକାରୀ ବ୍ୟାଙ୍କ ଭାବେ ପରିଗଣିତ ହୋଇପାରିଛି। ବ୍ୟାଙ୍କର ପୁନେ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ମାର୍ଚ୍ଚ ଶେଷ ସୁଦ୍ଧା ୨୬% ଅଭିବୃଦ୍ଧି ହାରରେ ୧,୩୫,୨୪୦ କୋଟି ଟଙ୍କାରେ ପହଞ୍ଚିଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଯଥାକ୍ରମେ ୧୦.୨୭% ଏବଂ ୯.୬୬ % ଅଭିବୃଦ୍ଧି ହାର ହାସଲ କରିଛନ୍ତି।

୪ର୍ଥ ତ୍ରୈମାସିକ ଶେଷରେ ବିଓଏମ ତୁଳନାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୧୮ ଗୁଣା ଅଧିକରେ ସମୁଦାୟ ଋଣ ୨୪,୦୬,୭୬୧ କୋଟି ଟଙ୍କା ଥିବାବେଳେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୫ଗୁଣା ଅଧିକରେ ୬,୯୯,୨୬୯ କୋଟି ଟଙ୍କା ରହିଛି। ଜମା ଅଭିବୃଦ୍ଧି କ୍ଷେତ୍ରରେ ବିଓଏମ ମାର୍ଚ୍ଚ ୨୦୨୨ ଶେଷ ସୁଦ୍ଧା ୧୬.୨୬% ଅଭିବୃଦ୍ଧି ହାରରେ ୨,୦୨,୨୯୪ କୋଟି ଟଙ୍କାରେ ପହଞ୍ଚିଛି। ୧୧.୯୯% ଅଭିବୃଦ୍ଧି ହାରରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୨ୟ ସ୍ଥାନରେ ରହିଛି। ଯେତେବେଳେ ଇଣ୍ଡିଆନ୍ ବ୍ୟାଙ୍କ ୧୦% ବୃଦ୍ଧି ହାରରେ ୫,୮୪,୬୬୧ କୋଟି ଟଙ୍କାରେ ପହଞ୍ଚିଛି, ବିଓଏମର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧି ୨୦% ଅଭିବୃଦ୍ଧି ହାର ହାସଲ କରି ୩,୩୭,୫୩୪ କୋଟି ଟଙ୍କାରେ ପହଞ୍ଚି ପାରିଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୧.୦୪ ଅଭିବୃଦ୍ଧି ହାରରେ ୧୭,୩୧,୩୭୧ କୋଟି ଟଙ୍କାରେ ରହିଛି। ରାମ କ୍ଷେତ୍ରରେ ବିଓଏମ ୧୮.୬୫% ଅଭିବୃଦ୍ଧି ହାର ହାସଲ କରି ୮୦,୬୬୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ଶତକଡା ୭.୨୩%ରୁ ହ୍ରାସ ପାଇ ୩.୯୪%ରେ ପହଞ୍ଚିଥିବା ବେଳେ ନେଟ୍ ଏନ୍‌ପିଏ ୨.୪୮%ରୁ ହ୍ରାସ ପାଇ ୦.୯୭%ରେ ରହିଛି।

ଉତ୍କଳ ବିଲ୍ଡର୍ସକୁ 'ମୋଷ୍ଟ ଟ୍ରଷ୍ଟେଡ୍ ଡେଭଲପର' ସମ୍ମାନ

ଭୁବନେଶ୍ୱର,୩୦।୫

ପ୍ରମୁଖ ଗଣମାଧ୍ୟମ ସଂସ୍ଥା ଟାଇମ୍ସ ଗ୍ରୁପ୍ ପକ୍ଷରୁ ଆୟୋଜିତ 'ଟାଇମ୍ସ ବିଜନେସ୍ ଆୱାର୍ଡ ଓଡିଶା-୨୨' ମହୋତ୍ସବ ନିକଟରେ ଶେଷ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ବିଲଡର୍ସକୁ ସମ୍ମାନିତ କରାଯାଇଛି। ବିଶେଷ କରି ୨୦୨୨ ବର୍ଷ ପାଇଁ ଟାଇମ୍ସ ବିଜନେସର ମୋଷ୍ଟ ଟ୍ରଷ୍ଟେଡ୍ ଡେଭଲପର ସମ୍ମାନରେ ସମ୍ମାନିତ ହେବା ପାଇଁ ଉତ୍କଳ ବିଲଡର୍ସକୁ ସଂସ୍ଥା ପକ୍ଷରୁ ମନୋନୀତ କରାଯାଇଥିଲା। ରିଅଲ ଇଷ୍ଟେଟ ବ୍ୟବସାୟ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଉତ୍କଳ ବିଲଡର୍ସ ୯୦ଦଶକରୁ

ତ୍ୱଚା ପାଇଁ ବରଦାନ ଅଣ୍ଡା

ସୌନ୍ଦର୍ଯ୍ୟ

ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ମହିଳାମାନେ ବିଭିନ୍ନ ଉପାଦାନ ବ୍ୟବହାର କରିଥାନ୍ତି। ତେବେ ଆପଣ ଜାଣନ୍ତି କି, ଅଣ୍ଡାରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଣ। ଏହାକୁ ବ୍ୟବହାରକରି ଆପଣ ପ୍ରାକୃତିକ ଉପାୟରେ ନିଜ ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...

➔ବେଦାଗ ସୁନ୍ଦର ତ୍ୱଚା କାହାକୁ ବା ଭଲ ନ ଲାଗେ। ହେଲେ ଖରା, ପ୍ରଦୂଷଣ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ଅନେକଙ୍କଠାରେ ତ୍ୱଚାରେ ଦାଗ ସମସ୍ୟା ଦେଖା ଦେଉଛି। ଏହାକୁ ଦୂରକରିବା ଲାଗି ମୁହଁରେ ଅଣ୍ଡାର ଧଳା ଅଂଶ, ମହୁ ଏବଂ ଅଲିଭ ଅଏଲ ପ୍ୟାକ୍ ଟ୍ରାଏ କରନ୍ତୁ। ଏହା ତ୍ୱଚାରୁ ଦାଗ ସମସ୍ୟା ଦୂରକରି ସୌନ୍ଦର୍ଯ୍ୟ ବୃଦ୍ଧି କରିବ।

➔ଅଣ୍ଡାର କେଶର ବାହାରକରି କେବଳ ଧଳା ଅଂଶରେ ଅଳ୍ପ ମହୁ ମିଶାନ୍ତୁ। ଉକ୍ତ ପ୍ୟାକ୍‌କୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାରେ ଥିବା ରିଙ୍କଲ୍ ମାର୍କ ଦୂରହୋଇ ତ୍ୱଚା ଟାଇଟ୍ ହେବ ଏବଂ ଆକର୍ଷଣୀୟ ୟଙ୍ଗର ଲୁକ୍ ଦେବ।

➔ଗୋଟିଏ ଅଣ୍ଡାର କେଶର ସହ ଏକ ଚାମଚ ଲେଖାଏଁ ଆଲମଣ୍ଡ ଅଏଲ, ମହୁ ଏବଂ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ଏହାକୁ ଲଗାଇ ୩୦ ମିନିଟ୍ ରଖିବା ପରେ କେଶ ଧୋଇ ଦିଅନ୍ତୁ। ଏହା କେଶକୁ ମଜଭୁତ କରିବା ସହ ସାଇନିଂ ମଧ୍ୟ କରିଥାଏ।

➔ଯଦି ଆପଣଙ୍କ ସ୍କିନ୍ ଟୋନ୍ କମ୍ ତେବେ ଅଳ୍ପ କଖାରୁକୁ ଗ୍ରାଇଣ୍ଡିଂ କରି ସେଥିରେ ଅଣ୍ଡା, କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଏହାକୁ ଲଗାନ୍ତୁ ଖୁବ୍ କମ୍ ଦିନ ମଧ୍ୟରେ ତ୍ୱଚାର ରଙ୍ଗରେ ପରିବର୍ତ୍ତନ ନିଜେ ଜାଣିପାରିବେ।

➔ଗୋଟିଏ ଅଣ୍ଡା, ପାଚିଲା କଦଳୀ , ୫ ଚାମଚ ରୋଜ୍ ଅଏଲ ଏବଂ ଏକ ଚାମଚ ସୂର୍ଯ୍ୟମୁଖୀ ତେଲକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇବା ଦ୍ୱାରା ରୁକ୍ଷ ହେବା, ଫାଟିବା, ଝଡ଼ିବା ଭଳି କେଶର ବିଭିନ୍ନ ସମସ୍ୟା ଦୂର ହୋଇଥାଏ।

➔କେଶକୁ ପ୍ରାକୃତିକ ଉପାୟରେ କଣ୍ଡିଶନିଂ କରିବାକୁ ଚାହୁଁଥିଲେ ଅଣ୍ଡା କେଶର ସହିତ ଲେମ୍ବୁରସ ମିଶାଇ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୩୦ ମିନିଟ ରଖିବା ପରେ ଧୋଇଦିଅନ୍ତୁ।

ସଫଳତାର ମାର୍ଗ

ଜୀବନରେ ସଫଳତା ହାସଲ କରିବା ଏତେ ସହଜ ନୁହେଁ। ତେବେ ଏହାକୁ ହାସଲ କରିବା ଲାଗି ଦରକାର ଦୃଢ଼ ମାନସିକତା, ଆତ୍ମବିଶ୍ୱାସ ଏବଂ ସକାରାତ୍ମକ ଚିନ୍ତା...

➔ସର୍ବଦା ସକାରାତ୍ମକ ଭାବନା ଓ ଆତ୍ମ ବିଶ୍ୱାସ ରହିବା ଆବଶ୍ୟକ। କାରଣ ଏହାର ଶକ୍ତି ଏତେ ଅଧିକ, ଯାହାକି ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ। ଯାହାକି ସଫଳତାର ମାର୍ଗ ସୁଗମ କରିଥାଏ।

➔ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦିକୁ ଦୂର କରି ଆଗେଇଯିବାର ସାହସ ଯୋଗାଇଥାଏ। ଯାହାକି ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଅର୍ଥାତ୍ ଆପଣଙ୍କ ବ୍ୟବହାର ଏବଂ ଚିନ୍ତାଧାରାରେ ଅନ୍ୟମାନେ ମଧ୍ୟ ଉପକୃତ ହେଉଥିବାରୁ ଆପଣଙ୍କୁ ସେମାନେ ନିଜର ଆଦର୍ଶ ବା ରୋଲ୍‌ମଡେଲ୍ ଭାବେ ମଧ୍ୟ ଗ୍ରହଣ କରିଥା'ନ୍ତି।

➔ଯଦି କୌଣସି ପ୍ରକାରର ଭାବନା ବା ଚିନ୍ତା ଆପଣଙ୍କୁ ଆଗକୁ ବଢ଼ିବାକୁ ମାନସିକ ସ୍ତରରେ ପ୍ରତିରୋଧ କରୁଛି, ତେବେ ସର୍ବପ୍ରଥମେ ତାହାକୁ ଦୂର କରନ୍ତୁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ମନରେ ସକାରାତ୍ମକ ଭାବନା ଆଣିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆପଣ ଯୋଗ, ପ୍ରାଣାୟାମ ଆଦି କରିପାରିବେ। ବିଫଳତାରୁ ସଫଳ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବନୀ ପଢ଼ିପାରିବେ। ଏହା ମଧ୍ୟ ଆପଣଙ୍କ ମନୋବଳ ବଢ଼ାଇବ ଏବଂ ସଫଳ ହେବା ଲାଗି ଉତ୍ସାହ ଓ ସକାରାତ୍ମକ ଭାବନା ସଞ୍ଚାର କରିବ।

ଖାଦ୍ୟରୁଚି

ଇଡ଼ଲି ୬୫

ଆବଶ୍ୟକ ସାମଗ୍ରୀ: ୧୦ଟି ଇଡ଼ଲି, ଲାଲ୍ ଲଙ୍କା ପାଉଡର ୧ ଚାମଚ, ଜିରା ପାଉଡର ଅଧ ଚାମଚ, ଚାଉଳ ଗୁଣ୍ଡ ୨ ଚାମଚ, ଦହି ୩ ଚାମଚ, ଛାଣିବା ପାଇଁ ତେଲ, ସୋରିଷ ୨ ଚାମଚ, ପାନମଧୁରୀ ୧ ଚାମଚ, ଅଦା ଛୋଟ କଟା ହୋଇଥିବା, ୮ କୋଳା ରସୁଣ ଛୋଟ କଟା ହୋଇଥିବା, ଭୁର୍ସଙ୍ଗ ପତ୍ର ୮-୧୦ଟି, ଶୁଖିଲା ଲଙ୍କା ୩ଟି, ଧନିଆ ପାଉଡର ୧ ଚାମଚ, ହଳଦୀଗୁଣ୍ଡ ଅଧଚାମଚ, ଗୋଲମରିଚ ପାଉଡର ଅଧ ଚାମଚ, କଟା ଧନିଆପତ୍ର ଏବଂ ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ଇଡ଼ଲିଗୁଡ଼ିକୁ ୪-୫ ଖଣ୍ଡ କରି କାଟି ଦିଅନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଦହି ଚାଉଳ ଅଟା, ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ତେଲ ଗରମକରି ସେଥିରେ ଏହାକୁ ଅଳ୍ପ ବ୍ରାଉନ କଲର ହେବା ଯାଏ ଛାଣନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ପାନମଧୁରୀ, କଟା ଅଦା, କଟା ରସୁଣ, ଭୁର୍ସଙ୍ଗ ପତ୍ର, ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ସେଥିରେ ଦହି ପକାଇ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ ଧନିଆ ପାଉଡର, ଜିରା ପାଉଡର, ପୂର୍ବରୁ ଛଣା ହୋଇଥିବା ଇଡ଼ଲି ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ଇଡ଼ଲି ୬୫ ଏବେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇସାରିଛି। ସେଥିରେ ଗୋଲମରିଚ ଗୁଣ୍ଡ ଏବଂ କଟା ଧନିଆ ପତ୍ର ପକାଇ ଗରମ ଗରମ ଖାଇବାର ମଜା ନିଅନ୍ତୁ।

ଧୂମପାନ ଓ ନାରୀ

ଡା. ରାମଚନ୍ଦ୍ର ରାଉତ

ମେ ମାସ ୩୧ ତାରିଖକୁ ପ୍ରତିବର୍ଷ ତମାଖୁ ବର୍ଜନ ଦିବସ ରୂପେ ପାଳନ କରାଯାଉଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ତମାଖୁ ସେବନ କିପରି ନିଜ ସହ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ପ୍ରତି ହାନିକାରକ, ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସର ପରିକଳ୍ପନା। ଜାଣିବା ଏହାଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା ଏହାର ନକାରାତ୍ମକ ପ୍ରଭାବ ସମ୍ପର୍କରେ...

ତମାଖୁ ସାଧାରଣତଃ ଦୁଇ ପ୍ରକାର। ଯଥା:

୧ମ ପ୍ରକାର- ଯେଉଁଥିରେ ଅଗ୍ନି ସଂଯୋଗ ଦ୍ୱାରା ବାହାରୁଥିବା ଧୂଆଁକୁ ଟାଣି ଫୁସ୍‌ଫୁସ୍ ମଧ୍ୟକୁ, ଏପରିକି ପାକସ୍ଥଳୀ ମଧ୍ୟକୁ ଯାଇଥାଏ। ଏହାକୁ ଧୂମଯୁକ୍ତ ତମାଖୁ କୁହାଯାଏ। ସିଗାରେଟ୍, ବିଡ଼ି, ଚୁରୁଟ୍, ହୁକା, ପିକା ଇତ୍ୟାଦିରେ ଟଣା ହେଉଥିବା ଧୂଆଁରେ ୭ ହଜାର ପ୍ରକାରର କ୍ଷତିକାରକ କେମିକାଲ୍ ଥାଏ। ଏଥିରୁ ୭୦ରୁ ୧୦୦ କେମିକାଲ୍ କ୍ୟାନ୍‌ସରର ମୁଖ୍ୟ କାରଣ।

୨ୟ ପ୍ରକାର- ଏଥିରେ କେବଳ ଚୋବେଇ ଓ ପାଟି ଭିତରେ ରଖି ଏପରିକି ଶୋଇବା ବେଳେ, ଗାଡ଼ିରେ ଯାତ୍ରା ବେଳେ, କାମ କରିବା ବେଳେ ତମାଖୁ ଧୂଆଁପତ୍ର, ଗୁଟ୍‌ଖା ଇତ୍ୟାଦି ବ୍ୟବହାର କରାଯାଏ। ଏଥିରେ ଧୂଆଁ ସୃଷ୍ଟି ହୁଏ ନାହିଁ। ମାତ୍ର ଏଥିରୁ ବାହାରୁଥିବା ବିଷାକ୍ତ କେମିକାଲ୍ ପାଟି, ଜିଭ, ଗାଲ, ତଣ୍ଟି, ଫୁସ୍‌ଫୁସ୍, ପାକସ୍ଥଳୀ, ଖାଦ୍ୟନଳୀ, ଗଳା, ସ୍ୱରଯନ୍ତ୍ର, ଆଖି ଓ ନାକ ଇତ୍ୟାଦିରେ କ୍ଷତି ପହଞ୍ଚାଇଥାଏ। ନାସ ଓ ଗୁଣ୍ଡ ହୋଇଥିବା ତମାଖୁ ମଧ୍ୟ ନାକରେ ଗ୍ରହଣ କରାଯାଇଥାଏ। ଏହା ଅଧିକ କ୍ଷତିକାରକ।

ସାଧାରଣତଃ ମହିଳାମାନେ ଏହି ଧୂମହୀନ ତମାଖୁ ବ୍ୟବହାର କରିଥାନ୍ତି। ଓଡ଼ିଶାର କେତେକ ନିର୍ଦ୍ଦିଷ୍ଟ ଜିଲାରେ ଏହା ବହୁଳ ଭାବରେ ପରିଲକ୍ଷିତ। ଏହା ଅଭ୍ୟାସରେ ପଡ଼ିଗଲେ ଆଉ ସେଥିରୁ ବାହାରି ହୁଏ ନାହିଁ। ବିଶେଷତଃ ଏଥିରୁ ବାହାରୁଥିବା ନିକୋଟିନ୍ ମନରେ ସ୍ଫୂର୍ତ୍ତି ଆଣିଥାଏ ବୋଲି ବିଚାର କରାଯାଏ। ମାତ୍ର ଏହା ଠିକ୍ ନୁହେଁ।

ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ। ଏହି ପରିପ୍ରେକ୍ଷୀରେ ଏହା ନାରୀମାନଙ୍କ ପାଇଁ ମଧ୍ୟ ଗୁରୁତ୍ୱ ବହନ କରେ। କାରଣ କେବଳ ଯିଏ ଧୂମପାନ କରିଥାଏ ସେ ଯେ, ଅସୁସ୍ଥ ହୁଏ ଓ ରୋଗରେ ପଡ଼ିଥାଏ ତାହା ନୁହେଁ, ତାଙ୍କ ଧୂଆଁ ସଂସ୍ପର୍ଶରେ ଆସୁଥିବା ମୁଖ୍ୟତଃ ନାରୀ ଓ ଶିଶୁମାନେ ଅଧିକ ପ୍ରଭାବିତ ହୋଇଥାଆନ୍ତି...

ସେହିପରି ଧୂମକୁ ମଧ୍ୟ ୩ ପ୍ରକାର ବିଭକ୍ତ କରାଯାଇଛି। ଯଥା:

୧ମ ପ୍ରକାର ଧୂମ: ନିଜେ ଧୂମପାନ କରିବାକୁ ପ୍ରଥମ ପ୍ରକାରର ଧୂମ ବା ପ୍ରତ୍ୟକ୍ଷ ଧୂମପାନ କୁହାଯାଇଥାଏ କୁହାଯାଏ।

୨ୟ ପ୍ରକାର ଧୂମ: ଧୂମପାୟୀ ବ୍ୟକ୍ତି ତ୍ୟାଗ କରୁଥିବା ଧୂମ ଓ ତା'ର ସିଗାରେଟ୍ ଓ ବିଡ଼ିର ଅବଶିଷ୍ଟ ଅଂଶରୁ ବାହାରୁଥିବା ଧୂମକୁ ଦ୍ୱିତୀୟ ପ୍ରକାର ଧୂମ କୁହାଯାଏ। ଯାହା ପାଖ ଲୋକ ନିଃଶ୍ୱାସରେ ତା' ଦେହକୁ ଯାଇଥାଏ ଓ ଏହା ଅଧିକ କ୍ଷତିକାରକ, ଯାହାକୁ ପରୋକ୍ଷ ଧୂମପାନ କୁହାଯାଇଥାଏ। କାରଣ ଏଥିରେ ଧୂମପାୟୀ ଛାଡ଼ିଥିବା ଅଙ୍ଗାରକାମ୍ଳ, ଜୀବାଣୁ ଓ ଭୂତାଣୁ ଅଧିକ ଥାଏ।

୩ୟ ପ୍ରକାର ଧୂମ: ସେହିପରି ଗର୍ଭବତୀ ମା'ର ଦେହକୁ ଯାଉଥିବା ତମାଖୁର ଧୂଆଁ ତା'ର ଗର୍ଭରେ ବୃଦ୍ଧି ପାଉଥିବା ଶିଶୁ ଦେହକୁ ଯାଇ ତା'ର କ୍ଷତି କରିଥାଏ। ଯାହାକୁ ତୃତୀୟ ପ୍ରକାର ତମାଖୁ ଧୂମ କୁହାଯାଏ।

ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ

ତମାଖୁ ନାରୀମାନଙ୍କୁ ଦେଉଥିବା ଭଲଗୁଣ ଠାରୁ ଖରାପ ଗୁଣ ଶହସ୍ର ଗୁଣ ଅଧିକ। ତମାଖୁ ବ୍ୟବହାର ଦ୍ୱାରା ପ୍ରଜନନ ଶକ୍ତି ହ୍ରାସ ପାଇଥାଏ। ଇଷ୍ଟ୍ରୋଜେନ୍ ହରମୋନ୍ କମ୍ ବାହାରିଥାଏ, ଫଳରେ ଡିମ୍ବାଣୁ ପ୍ରସ୍ଫୁଟିତ ହୁଏ ନାହିଁ। ଏହା ଜରାୟୁକୁ ରକ୍ତ ସଞ୍ଚାଳନ କମ୍ କରିଥାଏ। ଶିଶୁ ଜନ୍ମ ପରେ ଅସ୍ଥିଜନିତ ରୋଗ କ୍ୟାଲସିୟମ୍ ଅଭାବରୁ ହୁଏ, ଯାହାକି ଧୂମପାନ ଯୋଗୁ ଘଟିଥାଏ। ଅତ୍ୟଧିକ ଧୂମପାନ ଦ୍ୱାରା ସମୟ ପୂର୍ବରୁ ପିଲାଜନ୍ମ, କମ୍ ଓଜନର ଶିଶୁ, ବନ୍ଧ୍ୟାତ୍ୱ ମଧ୍ୟ ହୋଇଥାଏ। ବେଳେବେଳେ କୌଣସି କାରଣ ନ ଥାଇ ଶିଶୁମାନେ ମୃତ୍ୟୁମୁଖରେ ପଡ଼ିଥାନ୍ତି।

ମୋଟାମୋଟି କହିବାକୁ ଗଲେ ନାରୀମାନେ ତମାଖୁ ଓ ତମାଖୁ ଧୂଆଁ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ତଥା ଅଜଣା ଭାବେ ପ୍ରଭାବିତ ହୁଅନ୍ତି ଓ ଗର୍ଭସ୍ଥ ଶିଶୁ ମଧ୍ୟ ପ୍ରଭାବିତ ହୁଏ। ତମାଖୁ କ୍ୟାନ୍‌ସର ସହ ଆହୁରି ଅନେକ ରୋଗର କାରଣ- ଶ୍ୱାସ, ଯକ୍ଷ୍ମା ଓ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଏଥିରେ ପ୍ରମୁଖ।

ମହିଳାମାନେ ଚାହିଁଲେ ସେମାନଙ୍କ ସ୍ୱାମୀ, ପୁଅ ଓ ପରିଜନମାନଙ୍କୁ ଧୂମପାନ ନ କରିବା ପାଇଁ ପ୍ରବର୍ତ୍ତାଇବାରେ ସଫଳ ହୋଇପାରିବେ। ନିଜେ ମଧ୍ୟ ଧୂମପାନ ତ୍ୟାଗ କରିପାରିବେ ଓ ଦ୍ୱିତୀୟ, ତୃତୀୟ ପ୍ରକାର ତମାଖୁ ଧୂଆଁରୁ ନିଜକୁ ସୁରକ୍ଷା ପ୍ରଦାନ କରିପାରିବେ।

- ନିର୍ଦ୍ଦେଶକ
ସ୍ୱାସ୍ଥ୍ୟ ସତର୍କତା ଓ ପରିସଂଖ୍ୟାନ, ତଥା ମୁଖ୍ୟ ରେଜିଷ୍ଟ୍ରାର(ଜନ୍ମ ଓ ମୃତ୍ୟୁ), ଓଡ଼ିଶା

ଘରେ କରନ୍ତୁ ଏକ୍ସରସାଇଜ୍

➔ପ୍ରଥମେ ପ୍ରଥମେ ମନ ଇଚ୍ଛା କୌଣସି ଏକ୍ସରସାଇଜ୍ ନ କରି ଏକ୍ସପର୍ଟଙ୍କ ପରାମର୍ଶ ନେଇ କରିବା ଭଲ। ତେବେ ବର୍ତ୍ତମାନ ୟୁଟ୍ୟୁବ୍‌ରେ ଅନେକ ଫିଟ୍‌ନେସ୍ ଏକ୍ସପର୍ଟଙ୍କ ଭିଡିଓ ଆସୁଛି, ଯାହାକୁ ଦେଖି ଏକ୍ସରସାଇଜ କରିପାରିବେ।

➔ପ୍ରତିଦିନ ଅତି କମ୍‌ରେ ୨୦-୪୫ ମିନିଟ୍ ଏକ୍ସରସାଇଜ କରନ୍ତୁ। ଅଧିକ ସମୟ ଚାଲିବାରେ ଦିଅନ୍ତୁ। ଘରେ ସମସ୍ତଙ୍କର ଟ୍ରେଡ୍‌ମିଲ୍ ନ ଥାଏ। ତେଣୁ ଛାତ ଉପରେ କିମ୍ବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲିପାରିବେ। ଆପାର୍ଟମେଣ୍ଟରେ ରହୁଥିଲେ ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରନ୍ତୁ, ଶରୀର ଫିଟ୍ ରହିବ।

➔ଏଥିରେ କିଛି ସମୟ ଯୋଗ ଏବଂ ପ୍ରାଣାୟମ ଆଦିକୁ ସାମିଲକଲେ ଅଧିକ ଉପକୃତ ହୋଇପାରିବେ।

➔ଆପଣ ଚାହିଁଲେ ୟୁଟ୍ୟୁବ୍ ଦେଖି ଏରୋବିକ୍ସ କିମ୍ବା ଜୁମ୍ବା ଭଳି ଡ୍ୟାନ୍ସ ଏକ୍ସରସାଇଜ୍ ବି କରିପାରିବେ।

➔ମନେରଖନ୍ତୁ, ପ୍ରଥମେ ପ୍ରଥମେ ଏକ୍ସରସାଇଜ୍ କରୁଥିଲେ ପତଳା ହେବା ନିଶାରେ ଏକାସଙ୍ଗେ ବହୁତ ଏକ୍ସରସାଇଜ୍ କରନ୍ତୁ ନାହିଁ। ଏହାଦ୍ୱାରା ଦେହ ଦରଜ ଭଳି ସମସ୍ୟା ଦେଖାଦେଇପାରେ। ତେଣୁ ପ୍ରଥମେ ଅଳ୍ପ ସମୟ ଏକ୍ସରସାଇଜ୍ କରିବା ପରେ ଧୀରେ ଧୀରେ ଅଧିକ କରନ୍ତୁ। ଏହି ସମୟରେ ହାଲୁକା ଏବଂ ଆରାମଦାୟକ ପୋଷାକ ପିନ୍ଧନ୍ତୁ।

ମେଦବହୁଳତା ଅନେକ ମହିଳାଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇବାର କାରଣ ସାଜୁଛି। ଏହା ଦୂର କରିବା ଲାଗି କେହି କେହି ଜିମ୍ ଉପରେ ନିର୍ଭର କରୁଛନ୍ତି। ହେଲେ ଯଦି ଆପଣଙ୍କୁ ଜିମ୍ ଯିବାର ସୁବିଧା ନାହିଁ ତେବେ ଘରେ ମଧ୍ୟ ଏକ୍ସରସାଇଜ୍ ଆରମ୍ଭ କରିପାରିବେ...

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୩୧/୨୦୨୨ Bhubaneswar, Tuesday, May 31/ 2022

ସଂକ୍ଷେପରେ

ସ୍ୱର୍ଣ୍ଣ ଜିତିଲେ ଶ୍ରୀଶଙ୍କର

ନୂଆଦିଲ୍ଲୀ, ୩୦।୫ (ପି.ଟି.): ଗ୍ରୀସ୍‌ର ଚାନିଆଠାରେ ଚାଲିଥିବା ଭେନିଜେଲିଆ-ଚାନିଆ ୨୦୨୨ ଆଥଲେଟିକ୍ସ ମିଟ୍ ୭.୯୫ ମିଟର ଜମ୍ପ କରି ଟୋକିଓ ଅଲିମ୍ପିଆନ ମୁରଲା ଶ୍ରୀଶଙ୍କର ସିଜନରେ ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ମାସରେ ୮.୩୬ ମିଟରରେ ଜାତୀୟ ରେକର୍ଡ କରିଥିବା କେରଳର ୨୩ ବର୍ଷୀୟ ଲଙ୍ଗ ଜମ୍ପର ଫ୍ରାନ୍ସର ଦୁଇ ପ୍ରତିଯୋଗୀ ଜୁଲ୍ସ ପୋମେରୀ ଓ ଏରୱାନ କୋନେଟଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୋମେରୀ (୭.୬୩ ମିଟର) ଓ କୋନେଟ (୭.୬୧ ମିଟର) ଯଥାକ୍ରମେ ରୌପ୍ୟ ଓ ସ୍ୱର୍ଣ୍ଣ ଜିତିଥିଲେ।

ବିସିସିଆଇ ଦେବ ୧.୨୫ କୋଟି

ମୁମ୍ବାଇ,୩୦।୫(ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣ ଲାଗି ପିଚ୍ ଓ ଗ୍ରାଉଣ୍ଡ ପ୍ରସ୍ତୁତ କରିଥିବା କ୍ୟୁରେଟର ଓ ଗ୍ରାଉଣ୍ଡମ୍ୟାନ୍‌ଙ୍କୁ 'ପ୍ରଚ୍ଛଦପଟର ନାୟକ' ଭାବେ ଅବିହିତ କରି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୧.୨୫ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି। ରବିବାର ରାତିରେ ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସକୁ ୭ ଉଇକେଟରେ ହରାଇ ଗୁଜରାଟ ଟାଇଟନ୍ସ ତା'ର ପଦାର୍ପଣ ସିଜନରେ ଆଇପିଏଲ୍ ଟ୍ରଫି ହାତେଇଥିଲା। ପ୍ରଥମଥର ପାଇଁ ବିସିସିଆଇ ଗ୍ରାଉଣ୍ଡମ୍ୟାନଙ୍କ ଲାଗି ଅର୍ଥରାଶି ଘୋଷଣା କରିଛି। ବିଉଶାଳୀ ଲିଗ୍‌ର ୭୦ ଲିଗ୍ ମ୍ୟାଚ୍ ମହାରାଷ୍ଟ୍ରର ୪ ଭେନ୍ୟୁ- ମୁମ୍ବାଇର ୱାଙ୍ଖେଡେ, ବ୍ରାବୋର୍ନ ଷ୍ଟାଡିୟମ, ନବି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମ ଓ ପୁଣେର ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଖେଳାଯାଇଥିଲା।

ହକି ର୍ୟାଙ୍କିଙ୍ଗ: ମହିଳା ୬ଷ୍ଠକୁ ଉଠିଲା, ପୁରୁଷ ୪ର୍ଥକୁ ଖସିଲା

ନୂଆଦିଲ୍ଲୀ, ୩୦।୫ (ପି.ଟି.): ସୋମବାର ପ୍ରକାଶିତ ବିଶ୍ୱ ହକି ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ଦଳ ୪ର୍ଥ ସ୍ଥାନକୁ ଖସିଆସିଥିବା ବେଳେ ମହିଳା ଦଳ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ପୁରୁଷ ଓ ମହିଳା ର୍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ସେମାନଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ପୁରୁଷ ବିଭାଗରେ ନେଦରଲାଣ୍ଡ୍ସ ଭାରତକୁ ପଛରେ ପକାଇ ତୃତୀୟ ସ୍ଥାନ ଦଖଲ କରିନେଇଛି। ବେଲଜିୟମ ୨ୟ ଓ ଜର୍ମାନୀ ୫ମ ସ୍ଥାନ ବଜାୟ ରଖିଛି। କିନ୍ତୁ ନିକଟରେ ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଜୟ ପାଇଁ ଆର୍ଜେଣ୍ଟିନାକୁ ପଛରେ ପକାଇ ଇଂଲଣ୍ଡ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ର୍ୟାଙ୍କିଙ୍ଗ୍ ତାଲିକାରେ ନ୍ୟୁଜିଲାଣ୍ଡ ୮ମ ଓ ସ୍ପେନ୍ ୯ମ ସ୍ଥାନରେ ରହିଛନ୍ତି। ମହିଳା ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଜର୍ମାନୀ ଯଥାକ୍ରମେ ୨ୟରୁ ୫ମ ସ୍ଥାନରେ ଅଛନ୍ତି। ସ୍ପେନ୍‌କୁ ହଟାଇ ଭାରତ ୬ଷ୍ଠ ସ୍ଥାନ ଅଧିକାର କରିନେଇଛି।

ରାଇଜିଂ ଷ୍ଟୁଡେଣ୍ଟ୍ସ ବିଜୟୀ

ଭୁବାନେଶ୍ୱର, ୩୦।୫ (କ୍ରୀଡ଼ା ପ୍ରତିନିଧି): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଅରବିନ୍ଦ ମେମୋରିଆଲ କ୍ରିକେଟ ପ୍ରିମିୟର ଲିଗ୍‌ର ସୋମବାର ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୩୮ ରନରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରିଛି। ରାଇଜିଂ ଷ୍ଟୁଡେଣ୍ଟ୍ସ ୪୦ ଓଭରରେ ୭ ଉଇକେଟ ହରାଇ ୧୯୫ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ସେନାପତି ସର୍ବାଧିକ ୬୯ ଓ ବିଶ୍ୱନାଥ ଧଡ଼ା ୫୯ ରନ ସ୍କୋର କରିଥିଲେ। ଓସ୍କାର ବୋଲର ସୌମ୍ୟ ପାଢ଼ା ଓ ସ୍ୱସ୍ତିକ ମହାପାତ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୯୬ ରନ ବିଜୟ ଲକ୍ଷ୍ୟରେ ଓସ୍କାର ୪୦ ଓଭରରେ ୯ ଉଇକେଟ ହରାଇ ୧୫୭ ରନ କରିବାକୁ ସକ୍ଷମ ହୋଇଥିଲା। ହିମାଂଶୁ ସାହୁ ସର୍ବାଧିକ ୨୪ ଓ ସ୍ୱସ୍ତିକ ମହାପାତ୍ର ୨୧* ରନ କରିଥିଲେ। ବିଜୟୀ ଦଳର ଅର୍ପିତ ମହାନ୍ତି ଓ ରାକେଶ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ରାଇଜିଂ ଷ୍ଟୁଡେଣ୍ଟ୍ସର ଅଭିଷେକ ସେନାପତି ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ଓସ୍କାରର କ୍ଷୀରୋଦ କୁମାର ଭଞ୍ଜ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ।

ଜୁନ୍ ୧ରୁ ଅନ୍‌ଲାଇନ୍, ୯ରୁ କାଉଣ୍ଟରରେ ଟିକେଟ

କଟକ ଅଫିସ, ୩୧।୫

ଜୁନ ୧୨ରେ ବାରବାଟୀ ଷ୍ଟାଡିୟମରେ ହେବ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ଏ ନେଇ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ) ପକ୍ଷରୁ ପ୍ରସ୍ତୁତି ଚାଲିଛି। ଶତପ୍ରତିଶତ ଦର୍ଶକ ସହ ଏଥର ମ୍ୟାଚ୍ ଅନୁଷ୍ଠିତ ହେବ। ବାରବାଟୀରେ ଦର୍ଶକ କ୍ଷମତା ୪୪ ହଜାରରୁ ଅଧିକ ରହିଛି। ଆଗାମୀ ମ୍ୟାଚ୍ ପାଇଁ ଜୁନ୍ ୧ରେ ଅନ୍‌ଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହେବ। ଜୁନ୍ ୯ରୁ କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ ହୋଇ ୧୦ ଯାଏ ଚାଲିବ। ଦର୍ଶକମାନେ ପେଟିଏମ୍ ଇନ୍‌ସାଇଡର ଆପ୍, ପେଟିଏମ୍ ଆପ୍ ଏବଂ WWW.INSIDER.IN ୱେବ୍‌ସାଇଟରେ ଅନ୍‌ଲାଇନ୍ ଟିକେଟ ବୁକ୍ କରିପାରିବେ। ଜୁନ୍ ୧ ପୂର୍ବାହ୍ନ ୧୧ଟାରୁ ଟିକେଟ ଉପଲବ୍ଧ ହେବ। ସୁଚାରୁରୂପେ କପର ଟକେଟ ବୁକ୍ କରିହେବ ସେ ସମ୍ପର୍କରେ ସୂଚନା ଦେବା ପାଇଁ ଓସିଏ ସମ୍ମିଳନୀ କକ୍ଷରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପେଟିଏମ୍ ପ୍ରତନଧି ହର ଗୁଣ୍ଡାଲପଲି ଏବଂ ଓସିଏ ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। ଜୁନ୍ ୧ ପୂର୍ବାହ୍ନ ୧୧ଟାରୁ ୫ ହଜାର ଟିକେଟ୍ ବିକ୍ରି କରାଯିବ। କେବଳ ଗ୍ୟାଲେରି ନଂ.୨, ୪, ୭, ସ୍ପେଶାଲ ଏନ୍‌କ୍ଲୋଜର, ଏସି ବକ୍ସ ପାଇଁ ଟିକେଟ୍ ଉପଲବ୍ଧ ରହିବ। ଜଣେ ବ୍ୟକ୍ତି ୨ଟି ଟିକେଟ୍ ବୁକିଂ କରିପାରିବେ ଏବଂ ଏନେଇ ପରିଚୟପତ୍ର ଦେବାକୁ ପଡ଼ିବ। ଅନ୍‌ଲାଇନ ବୁକ୍ କରିଥିବା ଦର୍ଶକମାନେ ୮ରୁ ୧୧ ତାରିଖ ମଧ୍ୟରେ ନିଜ ଟିକେଟ ରିଡମ୍ପଶନ କରିପାରିବେ। ତେବେ କେଉଁ ଗ୍ୟାଲେରିରେ କେତେ ଟକେଟ ଉପଲବ୍ଧ ରହିବ ସେନେଇ ମଙ୍ଗଳବାର ଓସିଏ ପକ୍ଷରୁ ସୂଚନା ଦିଆଯିବ।

ପ୍ରାୟ ଅଢ଼େଇ ବର୍ଷ ପରେ ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଉଥିବାରୁ ଓଡ଼ିଶା କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି। ମ୍ୟାଚ୍ ଆୟୋଜନ ନେଇ ଉନ୍ନତମାନର ବ୍ୟବସ୍ଥା କରାଯାଉଛି। ଏହି ମ୍ୟାଚ୍ ପାଇଁ ଓସିଏ ପକ୍ଷରୁ ୫୦୦୦ ଟିକେଟ ଅନ୍‌ଲାଇନରେ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଛି। ଗ୍ୟାଲେରି ନଂ.୧, ୩ ଓ ୫ ଟିକେଟର ମୂଲ୍ୟ ୯୦୦, ଗ୍ୟାଲେରି ନଂ.୨ ଓ ୪ର ମୂଲ୍ୟ ୭୦୦, ଗ୍ୟାଲେରି ନଂ.୭ର ମୂଲ୍ୟ ୬୦୦, ଗ୍ୟାଲେରି ନଂ.୬ର ମୂଲ୍ୟ ୩୦୦ ଟଙ୍କା ରହିଛି। ସ୍ୱତନ୍ତ୍ର ଏନ୍‌କ୍ଲୋଜର ମୂଲ୍ୟ ୫୦୦୦ ହଜାର ଟଙ୍କା, ଏସ ବକ୍ସର ମୂଲ୍ୟ ୭ ହଜାର ଟଙ୍କା, ନୂତନ ପାଭିଲିୟନର ମୂଲ୍ୟ ୮ ହଜାର ଏବଂ କର୍ପୋରେଟ୍ ବକ୍ସ ଟିକେଟ୍‌ର ମୂଲ୍ୟ ୧୨ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି।

ଖବରଦାତା ସମ୍ମିଳନୀରେ ସୁବ୍ରତ ବେହେରା ଓ ହରି ଗୁଣ୍ଡାଲପଲି।

ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି୨୦

କୁଦରମେଟୋଭା କ୍ୱାର୍ଟର ଫାଇନାଲରେ

ପ୍ୟାରିସ୍, ୩୦।୫: ରୁଷିଆର ତଥା ୨୯ତମ ସିଡ୍ ଭେରୋନିକା କୁଦରମେଟୋଭା ଫ୍ରେଞ୍ଚ ଓପନ୍ ଟେନିସ୍ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ପ୍ରି-କ୍ୱାର୍ଟରରେ ୨୨ତମ ସିଡ୍ ଆମେରିକାର ମାଡିସନ କିଜ୍‌ଙ୍କୁ ୧-୬, ୬-୩, ୬-୧ରେ ହରାଇ ଦେଇଛନ୍ତି। ଏହା ଦ୍ୱାରା ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ସେ ପ୍ରଥମଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ନିଜ ଦେଶର ଦାରିଆ କାସାଟକିନାଙ୍କୁ ଭେଟିବେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଡେନମାର୍କର ସ୍ୱଳ୍ପ ବୟସ୍କ ଖେଳାଳି ହୋଲ୍‌ଗର ରୁନ୍ ରୋଲାଣ୍ଡ ଗାରୋସ ପଦାର୍ପଣରେ ୨୦୨୧ ଫ୍ରେଞ୍ଚ ଓପନ୍ ରନର୍ସଅପ୍ ଷ୍ଟିଫାନସ ସିତ୍‌ସିପାସ୍‌ଙ୍କୁ ପରାସ୍ତ କରି ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଫିଲିପ୍ ଚାଟ୍ରିୟର କୋର୍ଟରେ ୪୦ତମ ସିଡ୍ ରୁନ୍ ୭-୫, ୩-୬, ୬-୩, ୬-୪ ସେଟ୍‌ରେ ୪ର୍ଥ ସିଡ୍ ସିତ୍‌ସିପାସ୍‌ଙ୍କୁ ହରାଇ ଦେଇଛନ୍ତି। ଫଳରେ ପ୍ରତିଯୋଗିତାର ଟପ୍ ୮ ସିଡ୍ ଖେଳାଳିଙ୍କ ମଧ୍ୟରୁ ପ୍ରଥମ ଖେଳାଳି ଭାବେ ସେ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ରୁନ୍ ଗତ ସପ୍ତାହ ପର୍ଯ୍ୟନ୍ତ ଗୋଟିଏ ହେଲେ ଗ୍ରାଣ୍ଡସ୍ଲାମ ମ୍ୟାଚ ଜିତି ନ ଥିଲେ।

ଭେରୋନିକା କୁଦରମେଟୋଭା

ଅଦିତି, ଲଳିତ, ସାଇ ସ୍ୱସ୍ତିକ ଚାମ୍ପିୟନ

କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୩୦।୫ (କ୍ରୀଡ଼ା ପ୍ରତିନିଧି): ଓଡିଶା ଟେନିସ୍ ଆସୋସିଏଶନ୍ (ଓଟିଏ) ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କେଟି ଗ୍ଲୋବାଲ୍ ସ୍କୁଲ୍ ପରିସରରେ ଜୁନିୟର୍ ଓପନ୍ ଟେନିସ୍ ଚାମ୍ପିଅନଶିପ୍ ଅନୁଷ୍ଠିତ ହୋଇଯାଇଛି। ୧୨ ବର୍ଷରୁ କମ୍ ବର୍ଗ ଫାଇନାଲରେ ଜଗତ ଜ୍ୟୋତି ପତିଙ୍କୁ ହରାଇ ସାଇ ସ୍ୱସ୍ତିକ ମହାନ୍ତି ଚାମ୍ପିୟନ ହୋଇଛନ୍ତି। ସାଇ ସ୍ୱସ୍ତିକଙ୍କୁ ଟ୍ରଫିସହ ୪,୦୦୦ ଓ ଜଗତ ଜ୍ୟୋତିଙ୍କୁ ୨୫୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଦୁଇ ସେମିଫାଇନାଲିଷ୍ଟ ଆହାନ ମିଶ୍ର ଓ ଦର୍ଶ ମୋଦିଙ୍କୁ ମଧ୍ୟ ୧୫୦୦ ଟଙ୍କା ଲେଖାଏ ଦିଆଯାଇ ପୁରସ୍କୃତ କରାଯାଇଛି। ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ପୁରଭିକା ଚୌଧାରୀଙ୍କୁ ହରାଇ ଅଦିତି ରୟ ଚାମ୍ପିୟନ ହୋଇଛନ୍ତି। ଦୁହିଁଙ୍କୁ ଯଥାକ୍ରମେ ୬୦୦୦ ଓ ୪୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଦୁଇ ସେମିଫାଇନାଲିଷ୍ଟ ତୁହିନା ରୟ ଓ ଆୟୁଷୀ ଦାଶ ୨୫୦୦ ଟଙ୍କା ଲେଖାଏ ପାଇଛନ୍ତି। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଶୁଭ୍ରନିଲ ବର୍ମନଙ୍କୁ ହରାଇ ଲଳିତ ଟୁଡୁ ଟାଇଟଲ ବିଜୟୀ ହୋଇଛନ୍ତି। ଲଳିତ ୬୦୦୦, ଶୁଭ୍ରନିଲ ୪୦୦୦ ଓ ଦୁଇ ସେମିଫାଇନାଲିଷ୍ଟ ସପ୍ତପୂର୍ଣ୍ଣ ଜେନା ଓ ଅଙ୍କିତ ସାହୁ ୨୫୦୦ ଟଙ୍କା ଲେଖାଏ ପୁରସ୍କାର ଆକାରରେ ହାସଲ କରିଛନ୍ତି। ଓଟିଏ ସମ୍ପାଦକ ସତ୍ୟଜିତ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ପ୍ରଶାସନିକ ଅଧିକାରୀ ସମିତ ପଟ୍ଟନାୟକ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ନତା, ଅନମୋଲ ଶ୍ରେଷ୍ଠ ସନ୍ତରଣକାରୀ

ଭୁବନେଶ୍ୱର, ୩୦।୫ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ୬୨ତମ ଅଲ୍ ଓଡ଼ିଶା ରାଜ୍ୟ ଜୁନିୟର ସନ୍ତରଣ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଜୁନିୟର ଓ ସବ୍‌ଜୁନିୟର ଉଭୟ ବାଳିକା ଓ ବାଳକ ବର୍ଗରେ ଏହି ପ୍ରତିଯୋଗିତା ଗତ ୨୭ ତାରିଖରୁ ଆରମ୍ଭ ହୋଇଥିଲା। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୩ ଦିନିଆ ପ୍ରତିଯୋଗିତାର ଗ୍ରୁପ-୧ ବର୍ଗରେ ଭୁବନେଶ୍ୱରର ମନ୍ନତା ମିଶ୍ର (୨୧୩୪ ପଏଣ୍ଟ) ଶ୍ରେଷ୍ଠ ବାଳିକା ଓ କଟକର ଅନମୋଲ ମହାନ୍ତି (୨୦୭୮) ଶ୍ରେଷ୍ଠ ବାଳକ ସୁଇମର ବିବେଚିତ ହୋଇଛନ୍ତି। ସେହିପରି ଗ୍ରୁପ୍-୨ରେ ସମ୍ବଲପୁରର ହିତେଶ ମହାରଣା (୧୭୪୨) ଓ ଭୁବନେଶ୍ୱରର ଆଂଶିକା ଆରାଧନା ସାହୁ (୨୦୧୫) ଯଥାକ୍ରମେ ଶ୍ରେଷ୍ଠ ବାଳକ ଓ ବାଳକ ପ୍ରତିଯୋଗୀ ହୋଇଛନ୍ତି। ଗ୍ରୁପ୍-୩ରେ କିଟ୍ ଓ କିସ୍‌ର କାହ୍ନୁ ସୋରେନ (୧୦୧୬) ଶ୍ରେଷ୍ଠ ବାଳକ ଓ ସମ୍ବଲପୁରର ଅର୍ପିତା ସେଠ୍ (୯୨୭) ଶ୍ରେଷ୍ଠ ବାଳିକା ସନ୍ତରଣକାରୀ ପୁରସ୍କାର ପାଇଛନ୍ତି। ସୁଇମିଂ ଚାମ୍ପିୟନଶିପ୍‌ରେ ରାଜ୍ୟର ୨୦ ଜିଲାରୁ ମୋଟ ୨୫୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ୭୧ ବାଳିକା ଓ ୧୮୧ ବାଳକ ସାମିଲଥିଲେ। ପ୍ରତି କାଟେଗୋରିରେ ଶ୍ରେଷ୍ଠ ସନ୍ତରଣକାରୀମାନେ ଆସନ୍ତା ଜୁନ୍‌ରେ ରାଜକୋଟରେ ହେବାକୁଥିବା ସବ୍‌ଜୁନିୟର ଏବଂ ଜୁଲାଇ ୧୬ରୁ ୨୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁଥିବା ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ତିମ ଦିବସରେ ସୋମା ମିଶ୍ର, ଗୋଲାପମଣି ମହନ୍ତ, ବିଜୟ କୁମାର ଦିକ୍ଷିତ, ସୁରେନ୍ଦ୍ର କୁମାର ନାୟକ, ଅମର ରଞ୍ଜନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ପୁରସ୍କାର ସହ ଅନମୋଲ ମହାନ୍ତି ଓ ମନ୍ନତା ମିଶ୍ର।

ବିରଳ କ୍ଲବରେ ହାର୍ଦ୍ଦିକ ପାଣ୍ଡ୍ୟା

ଆଇପିଏଲ୍‌ର ୧୫ତମ ସଂସ୍କରଣ ରବିବାର ଶେଷ ହୋଇଛି। ପଦାର୍ପଣକାରୀ ଗୁଜରାଟ ଟାଇଟନ୍ସ ଫାଇନାଲରେ ପ୍ରଥମ ସଂସ୍କରଣର ଚାମ୍ପିୟନ ରାଜସ୍ଥାନ ରୟାଲ୍ସକୁ ୭ ଉଇକେଟରେ ହରାଇ ଆଇପିଏଲ୍ ଟ୍ରଫି ହାସଲ କରିଛି। ବିଶ୍ୱର ସବୁଠୁ ଲୋକପ୍ରିୟ ଓ ବିଉଶାଳୀ କ୍ରିକେଟ ଲିଗ୍‌ର ଟ୍ରଫି ହାତେଇବାରେ ଗୁଜରାଟ ୭ମ ଦଳ। ଏହି ସଂସ୍କରଣରେ ସର୍ବାଧିକ ସଂଖ୍ୟକ ଛକାଠାରୁ ଆରମ୍ଭ କରି ଅନେକ ରେକର୍ଡ ଭାଙ୍ଗିବା ସହ କିଛି ନୂଆ କୀର୍ତ୍ତି ପ୍ରତିଷ୍ଠା ହୋଇଛି।

ଆଇପିଏଲ୍ ଟ୍ରଫି ସହ ଗୁଜରାଟ ଟାଇଟାନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।

୫ ଆଇପିଏଲ ଫାଇନାଲରେ ୫ ବିଜୟ: ହାର୍ଦ୍ଦିକ ପାଣ୍ଡ୍ୟା ୫ ଥର ଆଇପିଏଲ ଫାଇନାଲ ଖେଳିଥିବା ବେଳେ ପ୍ରତ୍ୟେକଥର ବିଜୟୀ ହୋଇଛନ୍ତି। ଏଥିସହ ସେ ଆଇପିଏଲ୍ ସଫଳତାରେ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ସର୍ବାଧିକ ସଂଖ୍ୟକ ଆଇପିଏଲ୍ ଫାଇନାଲରେ ଅଂଶଗ୍ରହଣ କରିବା ସତ୍ତ୍ୱେ ପରାଜୟର ସମ୍ମୁଖୀନ ହୋଇ ନ ଥିବା ଖେଳାଳିଙ୍କ ତାଲିକାରେ ରୋହିତ ଶର୍ମା(୬) ଶୀର୍ଷରେ ଅଛନ୍ତି।

ସର୍ବାଧିକ ସଂଖ୍ୟକ ଛକା: ଆଇପିଏଲ ୨୦୨୨ ସଂସ୍କରଣରେ ମୋଟ୍ ୧୦୬୨ ଛକା ହୋଇଥିଲା। ହାରାହାରି ପ୍ରତି ୧୬.୨୧ ବଲରେ ଗୋଟିଏ ଛକା ମରାଯାଇଛି। ବଲ ପିଛା ଛକା ହାରରେ ଏହା ଦ୍ୱିତୀୟ ସର୍ବାଧିକ। ୨୦୧୮ରେ ବଲ ପିଛା ଛକା ହାର ୧୫.୮୮ ଥିଲା, ଯାହା ସର୍ବାଧିକ।

୪ ଶତକ: ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି ଜୋସ୍ ବଟଲର। ୨୦୧୬ ସଂସ୍କରଣରେ କୋହଲି ୪ ଶତକ ହାସଲ କରି ଟି୨୦ ପ୍ରତିଯୋଗିତାର ଗୋଟିଏ ସିଜନରେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ନିଜ ନାମରେ କରିଥିଲେ। ୭୪ ମ୍ୟାଚ୍‌ବିଶିଷ୍ଟ ସଂସ୍କରଣରେ ସର୍ବାଧିକ ୮ ଶତକ ସ୍କୋର ହୋଇଥିଲା। ଏଥିପୂର୍ବରୁ ୨୦୧୬ ସିଜନ(୬୦ ମ୍ୟାଚ୍)ରେ ୭ ଶତକ ହୋଇଥିଲା।

ସର୍ବାଧିକ ଛକା ବରଣ କରିଥିବା ଦଳ: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଚଳିତ ସିଜନରେ ସର୍ବାଧିକ ୧୪୭ ଛକା ବରଣ କରିଛି। ଆର୍‌ସିବିର ବୋଲରମାନେ ପ୍ରତି ୧୨.୪୦ ବଲରେ ଗୋଟିଏ ଛକା ଖାଇଥିଲେ, ଯାହା ଚଳିତ ସିଜନରେ ସର୍ବାଧିକ। ମହମ୍ମଦ ସିରାଜ ୩୧ ଛକା ଖାଇଥିବା ବେଳେ ତାଙ୍କ ପଛକୁ ରହିଛନ୍ତି ଓ୍ୱାନିନ୍ଦୁ ହସରଙ୍ଗା (୩୦ ଛକା)।

୧୭ରୁ ୨୦ ଓଭରରେ ରନ୍‌ହାର ୧୦.୮୩:

ସଂକ୍ଷେପରେ

ସଡ଼କ ଦୁର୍ଘଟଣା : ଭାଜପା ନେତାଙ୍କ ଭାଇ ମୃତ

ଆଠଗଡ଼, ୩୦।୫ (ସ୍ୱ.ପ୍ର.): ଆଠଗଡ ଉପଖଣ୍ଡ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କଜଳକଣା ଛକରେ ରବିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡର ଭାଜପା ନେତା ବଜେନ୍ଦ୍ର ରାଏଙ୍କ ସାନ ଭାଇ ରବୀନ୍ଦ୍ର କୁମାର (୫୭)। ତାଙ୍କ ଘର ରାଧାଦର୍ଶନପୁରରେ। ସେ ରାତିରେ କଟକରୁ ରାଧାଦର୍ଶନପୁରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଖବରପାଇ ଗୁରୁଡିଝାଟିଆ ପୋଲିସ ତାଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ସକାଳେ ରବୀନ୍ଦ୍ର ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଦୁର୍ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ରାମ ଶ୍ମଶାନରେ ରବୀନ୍ଦ୍ରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ବାଇକ୍-ସ୍କୁଟି ଧକ୍କା, ଜଣେ ମୃତ

ସାଲେପୁର, ୩୦।୫(ସ୍ୱ.ପ୍ର.): ସାଲେପୁର ବ୍ଲକର ଶିଶୁଆ ଛକ ନିକଟରେ ବାଇକ୍-ସ୍କୁଟି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡମପଡ଼ା ବ୍ଲକ ବିଲିପଡାସ୍ଥିତ ବରଗାଁର ବିଷ୍ଣୁ ଚରଣ ରାଉତଙ୍କ ପୁଅ ଦିବାକର (୨୭)। ସେ ଏକ ହୋଣ୍ଡା ଆକ୍ଟିଭାରେ ସାଙ୍ଗ ବାପି ପ୍ରଧାନ ସହ ଶିମିଲପୁରରୁ ବାଙ୍କୀ ଆସୁଥିଲେ। ଶିଶୁଆ ନିକଟରେ ତାଙ୍କ ଆକ୍ଟିଭା ସହ ବାଇକ୍‌ରେ ଆସୁଥିବା ବାଙ୍କୀର ସନ୍ତୋଷ କୁମାର ମହାପାତ୍ରଙ୍କ ଧକ୍କା ହୋଇଥିଲା। ଫଳରେ ଦିବାକର ଓ ବାପିଙ୍କ ସମେତ ସନ୍ତୋଷ ତଳେ ପଡ଼ିଯାଇଥିଲେ। ଦିବାକର ଓ ସନ୍ତୋଷ ଗୁରୁତର ହୋଇଥିବାବେଳେ ବାପି ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଦିବାକରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାପିଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ସନ୍ତୋଷଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଦିବାକରଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି।

ମଧୁପୁରରେ ସରିଲା ରାମଲୀଳା

ବାରଙ୍ଗ,୩୦।୫(ଡି.ଏନ୍.ଏ.): ସୀତାକାନ୍ତ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ମଧୁପୁର ଗାଁରେ ଚାଲିଥିବା ରାମଲୀଳା ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ରାମଲୀଳାର ପ୍ରଥମ ଦିବସରେ ସୀତା ବିବାହ, ଦ୍ୱିତୀୟ ଦିବସରେ ରାମ ବନବାସ ଏବଂ ଶେଷ ଦିନରେ ସୀତା ଚୋରି ଶୀର୍ଷକ ନାଟକ ପରିବେଷଣ ହୋଇଥିଲା। ଗ୍ରାମର ଯୁବକ ଏଥିରେ ସହଯୋଗ କରିବା ସହ ଏହା ଗାଁର ଏକ ପ୍ରମୁଖ ପର୍ବ ହୋଇଥିବାରୁ ଗାଁରେ ଆମିଷ ପ୍ରବେଶକୁ ବାରଣ ସହ ସମସ୍ତେ ନୀତିନିୟମରେ ରହିଥିଲେ। ଏହାକୁ ଦେଖିବା ପାଇଁ ଆଖପାଖ ଗାଁରୁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ପୁଣି ରଜଠାରୁ ୪ ରାତି ରାମଲୀଳା କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

'ଆଦିବାସୀଙ୍କ ବିନା ଓଡ଼ିଶା ମାନଚିତ୍ର ଅସମ୍ପୂର୍ଣ୍ଣ'

କଟକ ଅଫିସ,୩୦।୫

ବାଲିଯାତ୍ରା ଉପର ପଡ଼ିଆରେ ୧୧ଦିନ ଧରି ଚାଲିଥିବା ଜାତୀୟ ଆଦିବାସୀ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ମେଳାର ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଆଦିବାସୀ ସଂଖ୍ୟାଲଘୁ ମନ୍ତ୍ରୀ ଜଗନ୍ନାଥ ସାର୍କା ଯୋଗଦେଇ କହିଥିଲେ, ରାଜ୍ୟରେ ଆଦିବାସୀ ଲୋକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ସେମାନଙ୍କୁ ବାଦ ଦେଲ ଓଡ଼ିଶାରେ ମାନଚିତ୍ର ସମ୍ପୂର୍ଣ୍ଣ ହେବ ନାହିଁ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଉନ୍ନତମାନର। ତେଣୁ ଲୋକମାନେ ଏହାକୁ ବ୍ୟବହାର କରିବା ଆବଶ୍ୟକ। ଏଭଳି ମେଳା ଆୟୋଜନ ହେବା ଦ୍ୱାରା ଜନଜାତିଙ୍କ ଅର୍ଥନୀତି ସୁଦୃଢ ହୋଇପାରିବ ବୋଲି ସେ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବାରବାଟୀ-କଟକ ବିଧାୟକ ଇଞ୍ଜିନିୟର ମହମ୍ମଦ ମୋକିମ ଯୋଗଦେଇ ପ୍ରତିବର୍ଷ କଟକରେ ବୈଶାଖ ବାଣିଜ୍ୟ ମେଳା ପରି ଆଦିବାସୀ ମେଳା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ।

ପ୍ରଥମଥର ଲାଗି କଟକରେ ଅନୁଷ୍ଠିତ ଏହି ମେଳାରେ ୨ କୋଟି ୮୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି। ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକମାନେ ଆସି ଆଦିବାସୀ ବା ଜନଜାତି ସମ୍ପ୍ରଦାୟର ସଂସ୍କୃତି ଓ ଐତିହ୍ୟକୁ ଜାଣିବାକୁ ପାଇଥିଲେ। ସେମାନଙ୍କ ଖାଦ୍ୟପେୟ, ଅଳଙ୍କାର ଓ ତାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ କିଣିବା ସହ ଲୋକନୃତ୍ୟର ମଜା ମଧ୍ୟ ନେଇଥିଲେ। 'ସା-ପରିଚୟ' ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ମେଳାରେ ଆସାମ, ସିକ୍କିମ, ନାଗାଲାଣ୍ଡ, ଉତ୍ତରପ୍ରଦେଶ, କେରଳ, ଗୁଜରାଟ, ମହାରାଷ୍ଟ୍ର ଆଦି ପ୍ରାୟ ୧୭ଟି ରାଜ୍ୟର ଆଦିବାସୀ ସମ୍ପ୍ରଦାୟର ବ୍ୟବସାୟୀମାନେ ଏହି ମେଳାରେ ଭାଗ ନେଇଥିଲେ। ସେହିପରି ଓଡ଼ିଶାରେ ଜନଜାତି ସମ୍ପ୍ରଦାୟର ୧୧ଟି ଜିଲାରୁ ବ୍ୟବସାୟୀ ଆସିଥିଲେ। ସେମାନଙ୍କ ଲାଗି ପ୍ରାୟ ୧୩୦ଟି ଷ୍ଟଲର ବ୍ୟବସ୍ଥା କରାଯାଇଥିଲା। ଶେଷଦିନରେ ଲକ୍ଷାଧିକ ଲୋକ ସମାଗମ ହୋଇ ଥିବାବେଳେ ଖାଦ୍ୟ ଷ୍ଟଲଗୁଡ଼ିକରେ ଆସର ଜମିଯାଇଥିଲା। ଏଥିସହ ଉତ୍ସବରେ ବିଭିନ୍ନ ଶୈଳୀର ଆଦିବାସୀ ଲୋକନୃତ୍ୟ ଲୋକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଆଶୀର୍ବାଦ ବେହେରା, ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ ପ୍ରଶାନ୍ତ ନାୟକ, ଡେପୁଟି ମେୟର ଦମୟନ୍ତୀ ମାଝୀ, ମଧୁସୂଦନ ସାହୁ, ଧର୍ମେଶ ନାୟକ, ସକିଲ ଖାନ, ଜଗନ୍ନାଥ ସାହୁ, ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସା-ପରିଚୟ ଫାଉଣ୍ଡେଶନ ସମ୍ପାଦକ ରାଜୀବ ମହାନ୍ତି ଧନ୍ୟବାଦ ଦେଇଥିଲେ।

ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାର ଉଦ୍‌ଯାପନୀ ଦିବସରେ ପରିବେଷିତ ଆଦିବାସୀ ନୃତ୍ୟ।

- ଜାତୀୟ ଆଦିବାସୀ ମେଳା ଉଦ୍‌ଯାପିତ
- ୧୧ ଦିନରେ ୨.୮୦ କୋଟି ଟଙ୍କାର ବ୍ୟବସାୟ

ଜାତୀୟ ଆଦିବାସୀ ମେଳାର ଉଦ୍‌ଯାପନ ଦିବସରେ ଯୋଗଦେଇଥିବା ମନ୍ତ୍ରୀ ଜଗନ୍ନାଥ ସାର୍କା, ବିଧାୟକ ମହମ୍ମଦ ମୋକିମ ଓ ଅନ୍ୟ ଅତିଥି।

ପଦ୍ମିନୀ କେୟାରରେ ସେଣ୍ଟ୍ରାଲ ଆଇସିୟୁ ଉଦ୍‌ଘାଟିତ

କଟକ ଅଫିସ,୩୦।୫

ପଦ୍ମିନୀ କେୟାର ହସ୍ପିଟାଲରେ ସେଣ୍ଟ୍ରାଲ ଆଇସିୟୁ ସୋମବାର ଲୋକାର୍ପିତ ହୋଇଛି। ୮ ଶଯ୍ୟା ବିଶିଷ୍ଟ ଏହି ଆଇସିୟୁକୁ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ଏଥିସହ ରଥ କହିଥିଲେ, ଜଟିଳ ପରିସ୍ଥିତିରେ ରୋଗୀ ଚିକିତ୍ସା ଲାଗି ଏହା ସହାୟକ ହେବ। କାର୍ଯ୍ୟକ୍ରମରେ ସହ ଅଧ୍ୟକ୍ଷ ଇଞ୍ଜିନିୟର ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ଚିତ୍ତରଞ୍ଜନ ଦାସ, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ଡା. ବିଶ୍ୱମୋହନ ମହାପାତ୍ର, ଡା. ବିପ୍ଳବୀ ଏସ୍. ଦାସ, ଡା. ହିମାଂଶୁ ମିଶ୍ର, ଡା. ସ୍ୱାତୀ ସମୀକ୍ଷା, ଡା. ଦୀପକ ସ୍ୱାଇଁ, ଡା. ବରୁଣ ଚନ୍ଦ୍ର ଗୁଚ୍ଛୀ, ଡା. ରାଜେଶ ମହାନ୍ତି, ଡା. ଦୁର୍ଗାପ୍ରସାଦ ମିଶ୍ର, ଡା. ବିଶ୍ୱଜିତ୍ କାନୁନଗୋ, ଡା. ମେହେବୁବ୍ ଅଲ୍ଲୀ, ପ୍ରଦ୍ୟୁତ୍ ଷଡଙ୍ଗୀ, କୌସ୍ତୁଭ ମୁଖାର୍ଜୀ, ସଞ୍ଜୀବ ପ୍ରହରାଜ, ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମିନୀ କେୟାର ହସ୍ପିଟାଲରେ ଆଇସିୟୁ ଶଯ୍ୟା ସଂଖ୍ୟା ଏବେ ୧୪କୁ ବୃଦ୍ଧି ପାଇଛି ।

ଓଡ଼ିଆ ସଂସ୍କୃତି ପ୍ରତି ବାବୁଲାଲଙ୍କ ଅବଦାନ ଅତୁଳନୀୟ

କଟକ ଅଫିସ,୩୦।୫

ଓଡ଼ିଆ ସାଂସ୍କୃତିକ ବୈଭବର ପୁନରୁତ୍ଥାନ ଓ ପୁନଃ ଜାଗରଣ ପାଇଁ ବାବୁଲାଲ ଦୋଷୀଙ୍କର ଅବଦାନ ଅତୁଳନୀୟ। ଏଥିସହ ଓଡ଼ିଆ ସଂସ୍କୃତିର ଜାଗରଣ ପାଇଁ ବାବୁଲାଲଙ୍କ ତ୍ୟାଗ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଓଡ଼ିଶା ସଂସ୍କୃତି ନାଟକ ଏକାଡେମୀର ସମ୍ପାଦକ ଡ. ଶୈଳେଶ୍ୱର ନନ୍ଦ କହିଛନ୍ତି। କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ବାବୁଲାଲଙ୍କ ଜୟନ୍ତୀର ତୃତୀୟ ଦିବସରେ 'ବାବୁଲାଲ ଦୋଷୀଙ୍କ ସଂସ୍କୃତି ଜଗତକୁ ଅବଦାନ' ଶୀର୍ଷକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନନ୍ଦ ଅତିଥି ଭାବେ ଯୋଗଦେଇ ଉପରୋକ୍ତ କଥା କହିଥିଲେ। କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପ୍ରସନ୍ନ ନନ୍ଦଙ୍କ ପୌରୋହିତ୍ୟରେ ସୋଆର ପୂର୍ବତନ କୁଳପତି ଆର୍. ପି. ମହାନ୍ତି, ସାହିତ୍ୟିକ ପ୍ରଭାତ ନନ୍ଦ ଯୋଗଦେଇ ଗୁରୁ କେଳୁଚରଣ ମହାପାତ୍ର, ଗୀତା ପଟ୍ଟନାୟକ, ରଘୁନାଥ ଦତ୍ତ ପ୍ରମୁଖ ଶିଳ୍ପୀଙ୍କର ବାବୁଲାଲଙ୍କ ଦ୍ୱାରା ପ୍ରତିଷ୍ଠିତ କଳା ବିକାଶ କେନ୍ଦ୍ର ଥିଲା ଅନୁଡଶାଳ। ବାବୁଲାଲଙ୍କ ଉତ୍ସର୍ଗୀକୃତ ଅବଦାନ ଉପରେ ଗବେଷଣା କରିବା ଆବଶ୍ୟକ ବୋଲି ସେମାନେ କହିଥିଲେ। ଏଥିରେ କେନ୍ଦ୍ରର ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ଚ୍ରଷ୍ଟି ରାଜକିଶୋର କ୍ୟାଲ୍, ରାଧାମୋହନ ସାହୁ, ଏ. ମହେଶ୍ୱର ରାୟ, ସୁଦୀପ୍ତା ଦାସ ପ୍ରମୁଖ ସାମିଲ ଥିଲେ।

ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଜୀବନରେ ସଙ୍ଗୀତର ଆବଶ୍ୟକତା ରହିଛି

କଟକ ଅଫିସ, ୩୦।୫

'ବର୍ଷା ପ୍ରତିଶ୍ରୁତି' ପକ୍ଷରୁ ସାହିତ୍ୟ ଓ ସଙ୍ଗୀତ ଆସର ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଷ୍ଟିସ୍ ଅରୁଣ କୁମାର ପରିଚ୍ଛା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଡିଓ ଓ ଭିଡିଓ ସଂସ୍କରଣ ହୃଦୟ ସ୍ପନ୍ଦନ ପ୍ରେମର ବଂଶୀସ୍ୱନକୁ ଉନ୍ମୋଚନ କରିଥିଲେ। ଜଷ୍ଟିସ ପରିଚ୍ଛା କହିଥିଲେ, ସାଧାରଣ ଜୀବନରେ ସଙ୍ଗୀତର ଆବଶ୍ୟକତା ରହିଛି। ଗୀତିକବି ଏବଂ କଣ୍ଠଶିଳ୍ପୀମାନଙ୍କର ନିରବଚ୍ଛିନ୍ନ ସାଧନା ଓ ପରିଶ୍ରମ ବଳରେ ଅଧିକରୁ ଅଧିକ ସଙ୍ଗୀତ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ବର୍ଷା ପ୍ରତିଶ୍ରୁତିର ମୁଖ୍ୟ ସମ୍ପାଦିକା ବର୍ଷା ପଟ୍ଟନାୟକ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ 'ହୃଦୟ ସ୍ପନ୍ଦନ ପ୍ରେମର ବଂଶୀସ୍ୱନ'ର ଆଲବମ୍ ପ୍ରଦର୍ଶନ କରାଯାଇଥିଲା। କମଳ କୁମାର ପଟ୍ଟନାୟକଙ୍କ ଲିଖିତ 'ଦେହଠୁ ହୃଦୟ ଯାଏ', 'ଋତୁର ନାମ ବାସ୍ନା' ଓ 'ପ୍ରେମର ବିନା ପ୍ରାପ୍ତି କାହିଁ' ଗୀତି ପୁସ୍ତକର ଉମାକାନ୍ତ ମିଶ୍ର, ନଳୁଳ ଚନ୍ଦ୍ର ସାହୁ, ଅଭୟ କୁମାର ଦାସ, ସୁଶ୍ରୀ ପ୍ରୀତିଲତା ପଣ୍ଡା, ସୁଜାତା ଗିରି, କୁଳମଣି ମେହେର, ବସ୍ତୁ ସାହୁ ପ୍ରମୁଖ ସମୀକ୍ଷା କରିଥିଲେ। ଉତ୍ସବକୁ ଦୀପ୍ତି ଦାସ ସଂଯୋଜନା ଓ ଶ୍ୟାମା ଦାସ ପରିଚାଳନା କରିଥିଲେ।

ଓଡ଼ିଶା ପ୍ରତିଭା ପୂଜା ସଂସଦର ସାରସ୍ୱତ ସମାରୋହ

'ନିଃଶବ୍ଦ ନିନାଦ' ଲୋକାର୍ପିତ

କଟକ ଅଫିସ, ୩୦।୫

ଓଡ଼ିଶା ପ୍ରତିଭା ପୂଜା ସଂସଦର ୨୨ତମ ବାର୍ଷିକ ସାରସ୍ୱତ ସମାରୋହ ରବିବାର ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ କବି ଅଖିଳ କୁମାର ମିଶ୍ର ମୁଖ୍ୟ ଅତିଥି ଏବଂ କବି ମୀନକେତନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ନିରାକାର ଦାସ, ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ, ଅଧ୍ୟାପକ ଉମାଶଙ୍କର ମିଶ୍ର, କବି ମୁରଲୀଧର ସାମଲ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଗଳ୍ପ ସଙ୍କଳନ 'କଥା ଓ କଥାକାର'ର ୧୫ଶ ଭାଗ ଓ କବି ବେଣୁଧର ସୂତାରଙ୍କ କବିତା ସଙ୍କଳନ 'ନିଃଶବ୍ଦ ନିନାଦ' ଲୋକାର୍ପିତ ହୋଇଥିଲା। ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ବାର୍ଷିକ ବିବରଣୀ ଓ ସଙ୍ଗଠନ ସମ୍ପାଦକ କମଳାକାନ୍ତ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବାହ୍ନରେ କବି ବାହାଦୂର ପାଟସାହାଣୀଙ୍କ ଅଧ୍ୟକ୍ଷତାରେ ଗଳ୍ପ ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉପସଭାପତି ସୁରେଶ ଦାଶ ଧନ୍ୟବାଦ ଦେଇଥିଲେ।

ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବ୍ୟାନର ପ୍ରଦର୍ଶନୀ

ତିଗିରିଆ,୩୦।୫(ଡି.ଏନ୍.ଏ.)

ତିଗିରିଆ ବ୍ଲକ ନିଜିଗଡ଼ ଗୋହିରମୁଣ୍ଡ ଛକ, ନୂଆପାଟଶାର ବସ୍‌ଷ୍ଟାଣ୍ଡ ଓ ଚଣ୍ଡୀ ଛକଠାରେ ସୋମବାର ଜମାତ ଅହମଦିୟା ସମ୍ପ୍ରଦାୟର ପକ୍ଷରୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବ୍ୟାନର ପ୍ରଦର୍ଶନୀ କରାଯାଇଛି। ଜମାତ ଅହମଦିୟା ମୁଖ୍ୟ ହଜରତ ମିର୍ଜା ମସରୁର ଅହମ୍ମଦ ସାହେବଙ୍କ ନିର୍ଦ୍ଦେଶ ଅନୁଯାୟୀ ରୁଷ ଓ ୟୁକ୍ରେନ ଲାଗି ରହିଥିବା ଯୁଦ୍ଧ ବନ୍ଦ ହୋଇ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ବ୍ୟାନର ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଜମାତ୍ ମୁଖ୍ୟଙ୍କ ୧୦ଟି ନୀତିବାଣୀ ପ୍ରଦର୍ଶିତ କରାଯାଇଛି। କାର୍ଯ୍ୟକ୍ରମରେ ଯୁବ ଅହମଦିୟା ଭାରତର ଉପ-ସଭାପତି ମହମ୍ମଦ ସଫାରତ, ଜମାତ ଅହମଦିୟା ପଙ୍କାଳର ସଭାପତି ଅବଦୁଲ ଇସ୍‌ମାଇଲ ଖାଁ, ଯୁବ ଅହମଦିୟା ପଙ୍କାଳ ସଭାପତି ଅଞ୍ଜୁମ ଖାଁ, କରଡ଼ାପଲ୍ଲୀ ଯୁବ ସଭାପତି ସେରାଫତ୍ ଅଲ୍ଲୀ ଖାଁ, ସଉକତ ଖାଁ, ଇସିହାକ ଖାଁ, ମୌଲାନା କରାମତ ଅହମ୍ମଦ, ନାସିରୁଦ୍ଦିନ ଖାଁ ପ୍ରମୁଖ ସାମିଲ ଥିଲେ।

ଜମାତ ଅହମଦିୟା ସମ୍ପ୍ରଦାୟର ପକ୍ଷରୁ ତିଗିରିଆରେ ବ୍ୟାନର ପ୍ରଦର୍ଶନୀ କରାଯାଉଛି।

ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ଫାଷ୍ଟ-ଏଡ୍ କିଟ୍ ବଣ୍ଟନ

କଟକ ଅଫିସ,୩୦।୫

କଟକ ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ସୋମବାର କଟକ କମିଶନରେଟ ପୋଲିସକୁ ଫାଷ୍ଟ-ଏଡ୍ କିଟ୍ ଓ ଷ୍ଟ୍ରେଚର ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୦ଟି ଫାଷ୍ଟ-ଏଡ କିଟ୍ ସହିତ ୧୦ଟି ଷ୍ଟ୍ରେଚର ପ୍ରଦାନ କରାଯାଇଛି। କଟକ ଡିସିପିଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଟକ ଡିସିପି ପିନାକ ମିଶ୍ର ଓ ସଦ୍‌ଗୁରୁ ହସ୍ପିଟାଲ ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତି କିଟ୍‌ଗୁଡିକୁ ପିସିଆର ଭ୍ୟାନରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ପ୍ରଦାନ କରିଛନ୍ତି। ବିଗତ ଦିନରେ ସହରରେ ଅନେକ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିଙ୍କୁ ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲ କି କ୍ଲିନିକ ଉପରେ ନିର୍ଭର କରିବାକୁ ପଡୁଥିଲା। ଏପିରିକି କୌଣସି ଆହତ ଲୋକଙ୍କୁ ଉଠାଇ ନେବା ମଧ୍ୟ କଷ୍ଟକର ହେଉଥିଲା। ତେବେ ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବାରୁ ଡିସିପି ପିନାକ ମିଶ୍ର ସ୍ୱାଗତ କରିଛନ୍ତି। ଏପିରିକି କଟକ କମିଶନରେଟ ପୋଲିସରେ ନୁହେଁ ବରଂ ଜିଲାରେ ଥିବା ପିସିଆର ଗାଡ଼ିରେ ଏହିଭଳି ବ୍ୟବସ୍ଥା କରାଯିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ।

ମହିଳା ଅନ୍ତେବାସୀ ପାଳିଲେ ସାବିତ୍ରୀ ବ୍ରତ

ଚୌଦ୍ୱାର,୩୦।୫(ଡି.ଏନ୍.ଏ)

ସୋମବାର ପାଳିତ ହୋଇଯାଇଛି ସାବିତ୍ରୀ ବ୍ରତ। ଏହି ଦିନରେ ପ୍ରତ୍ୟେକ ସଧବା ନାରୀ ସ୍ୱାମୀମାନଙ୍କ ଦୀର୍ଘଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଅବସ୍ଥା ଚକ୍ରରେ ପଡି ଚୌଦ୍ୱାର ମଣ୍ଡଳ କାରାଗାରରେ ବିଚାରଧୀନ କଏଦୀ ଭାବେ ଜୀବନ ଅତିବାହିତ କରୁଥିବା ୨୮ଜଣ ମହିଳା ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ମହିଳାମାନଙ୍କ ପାଇଁ ଜେଲ କର୍ତ୍ତୃପକ୍ଷ ନୂଆ ଶାଢି, ଶଙ୍ଖା, ସିନ୍ଦୂର ସହିତ ବିଭିନ୍ନ ପ୍ରକାରର ଫଳ ଓ ପୂଜା ସାମଗ୍ରୀ ଯୋଗାଇଥିଲେ। ୨୮ଜଣ ମହିଳାଙ୍କ ମଧ୍ୟରୁ ୧୧ଜଣ ମହିଳାଙ୍କ ସ୍ୱାମୀମାନେ ଜେଲରେ ସଜା କାଟୁଥିବା ବେଳେ ଅନ୍ୟ ମହିଳାମାନଙ୍କ ସ୍ୱାମୀମାନେ ମଧ୍ୟ ଜେଲକୁ ଆସି ନିଜ ସ୍ତ୍ରୀମାନଙ୍କୁ ଭେଟିଥିବା ଜେଲ ଅଧୀକ୍ଷକ ପ୍ରଦୀପ୍ତ ବେ